
The Most Blessed Event

# Śrī Vyāsa Pūjā



The 72nd Holy Appearance Day of Our beloved Spiritual Master
His Divine Grace Srila Bhaktisvarup Damodar Swami Guru Maharaj
23rd November, 2009

୭୨ତମ ଶୁଭ ଆବିର୍ଭାବ ତିଥିର

# ବ୍ୟାସପୂଜା

୨୩ ନଭେମ୍ବର, ୨୦୦୯

ବିଷ୍ଣୁପାଦ ପରମହଂସ ପରିବ୍ରାଜକାଚାର୍ଯ୍ୟ



**ଶ୍ରୀ ଶ୍ରୀମଦ୍ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀ ଗୁରୁମହାରାଜଙ୍କ**

ପବିତ୍ର ଜୟନ୍ତୀ ଉପଲକ୍ଷେ ଦାସାଭିମାନୀ ଶିଷ୍ୟ/ଶିଷ୍ୟା ବୃନ୍ଦ ସେମାନଙ୍କର ସଶ୍ରଦ୍ଧ ଭକ୍ତି ପୁଷ୍ପାଞ୍ଜଳି ଶ୍ରୀଚରଣକମଳରେ ଅର୍ପଣ କରୁଛନ୍ତି, ଆଶାକରୁ ପ୍ରସନ୍ନ ହୃଦୟପୂର୍ବକ ସାଦରେ ଗ୍ରହଣ କରିବା ହେବେ ।

୭୨ତମ ଜୟନ୍ତୀ ଉତ୍ସବ (ପବିତ୍ର ଓଢ଼ଣ ଷଷ୍ଠୀ)

ସମ୍ପାଦକ :
ଶ୍ରୀପାଦ ରାମାନନ୍ଦ ଦାସାଧିକାରୀ (ଓଡ଼ିଆ)
ଶ୍ରୀପାଦ ପାଦସେବା ଦାସାଧିକାରୀ (ଇଂରାଜୀ)

ମୁଦ୍ରଣ :
ଶ୍ରୀ ଗୁରୁଗୌରାଙ୍ଗ ପ୍ରେସ୍ ଟ୍ରଷ୍ଟ
ଇସ୍କନ୍, ଆଇ.ଆର.ସି.ଭିଲେଜ, ଭୁବନେଶ୍ୱର-୧୫
ଫୋନ୍ ନଂ- ୦୬୭୪-୨୫୫୪୨୮୧


# ସୂଚୀପତ୍ର


| କ୍ର.ନଂ | ନାମ | ପୃଷ୍ଠାଙ୍କ |
|---|---|---|
| | **ଓଡ଼ିଆ ବିଭାଗ** | |
| ୧. | ରାମାନନ୍ଦ ଦାସ | ୧ |
| ୨. | ଗୋକୁଳାନନ୍ଦ ଦାସ | ୪ |
| ୩. | ଶରତ ପୂର୍ଣ୍ଣିମା ଚନ୍ଦ୍ର ଦାସ | ୬ |
| ୪. | ଚୈତନ୍ୟ ଗୁଣମଣି ଦାସାଧିକାରୀ | ୭ |
| ୫. | ବିଶାଳ ଦାସ | ୧୧ |
| ୬. | ବଲ୍ଲଭ ଆର୍ଯ୍ୟ ଦାସ | ୧୬ |
| ୭. | ଗୋବର୍ଦ୍ଧନଧାରୀ ଦାସ | ୧୭ |
| ୮. | ନିତାଇପଦକମଳ ଦାସ | ୧୯ |
| ୯. | ଅଚ୍ୟୁତାନନ୍ଦ ଦାସ | ୨୧ |
| ୧୦. | ବୈଷ୍ଣବାନନ୍ଦ ଦାସ | ୨୨ |
| ୧୧. | ରସିକ ରାଜଦାସ | ୨୪ |
| ୧୨. | ରାମଚନ୍ଦ୍ର କବିରାଜ ଦାସ | ୨୭ |
| ୧୩. | ଭଦ୍ରକୀର୍ତ୍ତି ଦାସ | ୨୮ |
| ୧୪. | ନୀଳମାଧବ ଦାସ | ୨୯ |
| ୧୫. | ଦାମୋଦର ପଣ୍ଡିତ ଦାସ | ୩୧ |
| ୧୬. | ନିତ୍ୟ ଦାସୀ | ୩୩ |
| ୧୭. | ମୁକ୍ତାରାମ ଦାସ | ୩୩ |
| ୧୮. | ଅସିତ ଦାସ | ୩୫ |
| ୧୯. | ତ୍ରିକାଳ ଲତୀକା ଦେବୀ ଦାସୀ | ୩୭ |
| ୨୦. | କୈଳାସ ପତି ଦାସ | ୩୯ |
| ୨୧. | ସାନ୍ଦିପନି ମୁନିଦାସ | ୪୧ |
| ୨୨. | ହରିପ୍ରସାଦ ଦାସ | ୪୪ |
| ୨୩. | ନଦିଆ ନାଥ ଦାସ | ୪୫ |

୨୪. ସତ୍ୟଭାମା ଦାସୀ ---------- ୪୭
୨୫. ଦେବଦତ୍ତ ଦାସ ---------- ୪୯
୨୬. କ୍ରୀଷ୍ଣାରାଧ୍ୟ ଦାସ ---------- ୫୦
୨୭. ଶ୍ୟାମମୟୀ ଦେବୀ ଦାସୀ ---------- ୫୨
୨୮. ନିମାଇଁ ଚାନ୍ଦ ଦାସ ---------- ୫୩
୨୯. ଆରାଧନା ଦେବୀ ଦାସୀ ---------- ୫୬
୩୦. ରାଧାବଲ୍ଲଭ ଦାସ ---------- ୫୭


## ENGLISH SECTION


| Sl. No. | Subject | Page |
|---|---|---|
| 1. | Souvagya Salini Devi Dasi | 61 |
| 2. | Baikuntha Das | 61 |
| 3. | Radhakanta Dasadhikari | 64 |
| 4. | Padaseva Das | 68 |
| 5. | Krishna Purohit Das | 70 |

# ଶ୍ରୀ ଗୁରୁ ପରମ୍ପରା

## (ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ)

କୃଷ୍ଣ ହଇତେ ଚତୁର୍ମୁଖ ହୟକୃଷ୍ଣ ସେବୋନ୍ମୁଖ
ବ୍ରହ୍ମା ହଇତେ ନାରଦେର ମତି ।
ନାରଦ ହଇତେ ବ୍ୟାସ ମାଧ୍ୱ କହେ ବ୍ୟାସଦାସ
ପୂର୍ଣ୍ଣ ପ୍ରଜ୍ଞା ପଦ୍ମନାଭ ଗତି ॥
ନୃହରି ମାଧବ ବଂଶେ ଅକ୍ଷୋଭ୍ୟ ପରମହଂସେ
ଶିଷ୍ୟ ବୋଲି ଅଙ୍ଗୀକାର କରେ ।
ଅକ୍ଷୋଭ୍ୟେର ଶିଷ୍ୟ ଜୟ, ତୀର୍ଥନାମେ ପରିଚୟ
ତାଁର ଦାସ୍ୟେ ଜ୍ଞାନସିନ୍ଧୁ ତରେ ॥
ତାଁହା ହଇତେ ଦୟାନିଧି ତାଁର ଦାସ ବିଦ୍ୟାନିଧି,
ରାଜେନ୍ଦ୍ର ହୋଇଲୋ ତାଁହା ହ'ତେ ।
ତାହାଁର କିଙ୍କର ଜୟ ଧର୍ମ ନାମେ ପରିଚୟ
ପରମ୍ପରା ଜାନୋ ଭାଲୋ ମତେ ॥
ଜୟ ଧର୍ମ ଦାସ୍ୟେ ଖ୍ୟାତି ଶ୍ରୀ ପୁରୁଷୋତ୍ତମ ଯତି
ତାହ'ତେ ବ୍ରହ୍ମଣ୍ୟ ତୀର୍ଥ ସୂରୀ ।
ବ୍ୟାସ ତୀର୍ଥ ତାର ଦାସ ଲକ୍ଷ୍ମୀପତି ବ୍ୟାସଦାସ
ତା'ହା ହ'ତେ ମାଧବେନ୍ଦ୍ର ପୁରୀ ॥
ମାଧବେନ୍ଦ୍ର ପୁରୀବର ଶିଷ୍ୟବର ଶ୍ରୀ ଈଶ୍ୱର
ନିତ୍ୟାନନ୍ଦ ଶ୍ରୀ ଅଦ୍ୱୈତ ବିଭୁ ।
ଈଶ୍ୱର ପୁରୀକେ ଧନ୍ୟ କରିଲେନ ଶ୍ରୀଚୈତନ୍ୟ
ଜଗଦ୍‌ଗୁରୁ ଗୌର ମହାପ୍ରଭୁ ॥
ମହାପ୍ରଭୁ ଶ୍ରୀଚୈତନ୍ୟ ରାଧାକୃଷ୍ଣ ନ ହେ ଅନ୍ୟ
ରୂପାନୁଗ ଜନେର ଜୀବନ ।

ବିଶ୍ୱମ୍ଭର ପ୍ରିୟଙ୍କର ଶ୍ରୀ ସରୂପ ଦାମୋଦର

ଶ୍ରୀ ଗୋସ୍ୱାମୀ ରୂପ ସନାତନ ॥

ରୂପ ପ୍ରିୟ ମହାଜନ ଜୀବ-ରଘୁନାଥ ହନ

ତାଁର ପ୍ରିୟ ବର କବି କୃଷ୍ଣଦାସ ।

କୃଷ୍ଣଦାସ ପ୍ରିୟବର ନରୋତ୍ତମ ସେବା ପର

ଯାର ପଦ ବିଶ୍ୱନାଥ ଆଶ ॥

ବିଶ୍ୱନାଥ ଭକ୍ତ ସାଥ ବଲଦେବ ଜଗନ୍ନାଥ

ତାର ପ୍ରିୟ ଶ୍ରୀ ଭକତି ବିନୋଦ ।

ମହାଭାଗବତ ବର ଶ୍ରୀ ଗୌର କିଶୋର ବର

ହରି ଭଜନେତେ ଯାଁର ମୋଦ ॥

ଇଁହାରା ପରମହଂସ ଗୌରାଙ୍ଗେର ନିଜ ବଂଶ

ତାଁଦେର ଚରଣେ ମମ ଗତି ।

ଆମି ସେବା ଉଦାସୀନ ନାମେତେ ତ୍ରିଦଣ୍ଡୀ ଦୀନ

ଶ୍ରୀ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ॥

ଶ୍ରୀବାର୍ଷଭାନବୀ ବର ସଦା ସେବ୍ୟ ସେବା ପର

ତାଁହାର ଦୟିତ ଦାସ ନାମ ।

ତାଁର ପ୍ରଧାନ ପ୍ରଚାରକ ଶ୍ରୀଭକ୍ତିବେଦାନ୍ତ ନାମ

ପତିତ ଜନେତେ ଦୟା ଧାମ ॥

ଭକ୍ତିବେଦାନ୍ତ ଶିଷ୍ୟ ହୟ ବହୁବାହନ ବଂଶ

କୃଷ୍ଣ ବିଜ୍ଞାନ କରେନ ପ୍ରଚାର ।

ସରଳ ବୈଷ୍ଣବ ଗୁଣେ ଆକର୍ଷୟେ ଜଗଜନେ

ଗୌରପ୍ରିୟ ସ୍ୱରୂପଦାମୋଦର ॥

-୦-

# ବ୍ରହ୍ମ-ମଧ୍ୱ-ଗୌଡୀୟ ସମ୍ପ୍ରଦାୟ

ଭଗବାନଙ୍କ ସମ୍ବନ୍ଧୀୟ ଓ ଭଗବାନଙ୍କ ସୃଜନୀ-ଶକ୍ତି ସମ୍ବନ୍ଧୀୟ; ଭୌତିକ ଜଗତ, ପ୍ରକୃତି, ଜୀବ, ଅନନ୍ତକାଳ ଓ କର୍ମ ସମ୍ବନ୍ଧରେ ଜାଣିବା ପାଇଁ ବ୍ୟକ୍ତିକୁ ପରମ୍ପରାର ଆଶ୍ରୟ ନେବା ଦରକାର । କାରଣ ସାମ୍ପ୍ରଦାୟୀକ ଧାରା ବା ପରମ୍ପରା ବିନା ଶୁଦ୍ଧ ଜ୍ଞାନତତ୍ତ୍ୱ ଅଥବା ଭକ୍ତିତତ୍ତ୍ୱ ଜଗତରେ ପ୍ରକାଶିତ ହୋଇପାରିବ ନାହିଁ । ଭଗବାନ ଯଦି ତାଙ୍କର ନିଜ କଥା ସ୍ୱୟଂ କାହା ନିକଟରେ ପ୍ରକାଶ କରି ନଥାନ୍ତେ ତାହାହେଲେ ତାଙ୍କୁ ଆଜି କିଏ ବା କିପରି ଜାଣିପାରିଥାନ୍ତା ଯେ ଏ ବିରାଟ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିର ଅନ୍ତରାଳରେ ଜଣେ ମହାନ କଳାକାରଙ୍କର ହାତ ନିଶ୍ଚୟ ଅଛି । କୌଣସି ବ୍ୟକ୍ତିର ତା ନିଜ କଥା ହେଉ ସେ ଯଦି ଅନ୍ୟ ନିକଟରେ ସେ ସବୁ ପ୍ରକାଶ ନକରିବ ତାହାହେଲେ ଅନ୍ୟମାନେ ତାକୁ ଜାଣିବେ କିପରି - ସେ କିଏ ବା କଣ! ତେଣୁ କୃପାମୟ ଭଗବାନ ଜୀବଠାରେ ଦୟାକରି ପରମ୍ପରାର ମାଧ୍ୟମରେ ତାଙ୍କର ବ୍ୟକ୍ତିତ୍ୱର ସମସ୍ତ ବିଷୟ ଜନସମାଜଙ୍କ ସମ୍ମୁଖରେ ପରିଷ୍କାର ଭାବରେ କହିଅଛନ୍ତି । ସାମ୍ପ୍ରଦାୟିକ ଧାରା ଦ୍ୱାରା ସେ ବିଷୟର ମୌଳିକ ଗୁରୁତ୍ୱ ଓ ପ୍ରାଚୀନତ୍ୱ ବିଶେଷ ରୂପରେ ପ୍ରାମାଣିକ ହୋଇଥାଏ । ଜନ-ସମାଜରେ ପ୍ରାମାଣିକ ସାମ୍ପ୍ରଦାୟିକ ଧାରା ପ୍ରତି ଶ୍ରଦ୍ଧା ଓ ଭକ୍ତି ପରିଲକ୍ଷିତ ହେଉଛି । ସମ୍ୟକ ରୂପରେ ବା ପୂର୍ଣ୍ଣରୂପରେ ଭଗବତ୍-ତତ୍ତ୍ୱକୁ ପ୍ରଦାନ କରୁଥିବା ଗୁରୁପରମ୍ପରାର ଧାରାକୁ ସମ୍ପ୍ରଦାୟ କୁହାଯାଏ । ତେଣୁ ଭଗବାନଙ୍କ ମୁଖ-ନିଃସୃତ ବେଦ, ବେଦାନ୍ତ; ଗୀତା କିମ୍ବା ଭାଗବତ ଆଦିର ପାରମ୍ପରିକ ଗ୍ରନ୍ଥମାନଙ୍କୁ ବୁଝିବାପାଇଁ ବ୍ୟକ୍ତି ପରମ୍ପରାର ଧାରାକୁ ଅନୁଶରଣ ନକଲେ ସେଗୁଡ଼ିକର ଯଥାର୍ଥ ମହତ୍ତ୍ୱ ବା ତାତ୍ପର୍ଯ୍ୟ କଦାପି ଅନୁଭବ କରିପାରିବ ନାହିଁ । ଯଦି ଆମେ ମୂଳରୁ ଏହି ମହାନ ସାହିତ୍ୟଗୁଡ଼ିକୁ ବୁଝିବା କ୍ଷେତ୍ରରେ ଅଜ୍ଞ ଅଥବା ଅସମ୍ପୂର୍ଣ୍ଣ ରହିଯିବା ତାହାହେଲେ ତାହା ଭିତରେ ଯେଉଁ ସିଦ୍ଧାନ୍ତ ଅଛି ତାକୁ ଜାଣିହେବ କିପରି? ସେଥିପାଇଁ ପଦ୍ମ ପୁରାଣରେ କୁହାଯାଇଅଛି - "ସମ୍ପ୍ରଦାୟ ବିହୀନା ଯେ ମନ୍ତ୍ରାସ୍ତେ ନିଷ୍ଫଳାମତା ।" ପରମ୍ପରା ଧାରାକୁ ଅନୁଶରଣ ନକଲେ ଭଗବାନଙ୍କୁ ତତ୍ତ୍ୱରେ ଜାଣିବା ସମ୍ଭବ ହୁଏନାହିଁ । କେହି ଯଦି ପରମ୍ପରା ପ୍ରତି ଶ୍ରଦ୍ଧା ପରାୟଣ ହୁଅନ୍ତି ସେ ଭଗବଦ୍ ଭକ୍ତି ଜରିଆରେ ଭଗବାନଙ୍କୁ ଜାଣିପାରି ଭଗବଦ୍‌ଭକ୍ତି ମାର୍ଗରେ ଅଗ୍ରସର ହୋଇଥାନ୍ତି । ତାହାହେଲେ ତାଙ୍କର ସ୍ୱାଭାବିକ ଭଗବଦ୍-ପ୍ରେମ ଜାଗରିତ ହେବ ଏବଂ ତାହା ଫଳରେ ତାହାର ଜୀବନ ନିଃସନ୍ଦେହରେ ସାର୍ଥକ ହେବ । ଏହା ନ କଲେ ସେ ଆଧ୍ୟାତ୍ମିକ ଜୀବନରେ ଉନ୍ନତି କରିପାରିବ ନାହିଁ । ସେଥିପାଇଁ କଳିଯୁଗରେ ଚାରୋଟି ବୈଷ୍ଣବ ସମ୍ପ୍ରଦାୟ ଅଛି । ଯଥା - ବ୍ରହ୍ମ ସମ୍ପ୍ରଦାୟ, ଶ୍ରୀ ସମ୍ପ୍ରଦାୟ, ରୁଦ୍ର ସମ୍ପ୍ରଦାୟ ଏବଂ କୁମାର ସମ୍ପ୍ରଦାୟ । ଏହି ସମସ୍ତ ସମ୍ପ୍ରଦାୟମାନଙ୍କର ମୂଳ ଉଦ୍‌ଗମ ସ୍ଥାନ ଭଗବାନ ଶ୍ରୀକୃଷ୍ଣ । ଶ୍ରୀକୃଷ୍ଣଙ୍କ ଠାରୁ ଭଗବତ୍-ତତ୍ତ୍ୱର ଧାରା ଜଗତରେ ପ୍ରବାହିତ ହୋଇଅଛି ।

କେହି ଯଦି ପାରମାର୍ଥିକ ଜ୍ଞାନରେ ଉନ୍ନତି କରିବା ପାଇଁ ଚାହେଁ ତାହାହେଲେ ସେ ଏହି ପ୍ରାମାଣିକ ସମ୍ପ୍ରଦାୟମାନଙ୍କ ମଧ୍ୟରୁ କୌଣସି ଗୋଟିଏ ସମ୍ପ୍ରଦାୟ ଜରିଆରେ ଭଗବାନଙ୍କ ସମ୍ବନ୍ଧୀୟ ଜ୍ଞାନ ଲାଭକରି ଚିନ୍ମୟ ଦର୍ଶନ ଲାଭ କରିପାରିବ ।

ଉପର ବର୍ଣ୍ଣିତ ତଥ୍ୟ ଅନୁଯାୟୀ ପରମ୍ପରା ବିଚାରରେ ସମ୍ପ୍ରଦାୟ ଚାରୋଟି; ବ୍ରହ୍ମାଙ୍କ ଠାରୁ ଯେଉଁଟି ଆରମ୍ଭ ହୋଇଛି "ବ୍ରହ୍ମ ସମ୍ପ୍ରଦାୟ", ଯେଉଁଟି ଲକ୍ଷ୍ମୀଙ୍କ ଠାରୁ ଆରମ୍ଭ ହୋଇଛି "ଶ୍ରୀ ସମ୍ପ୍ରଦାୟ", ଯେଉଁଟି ଶିବଙ୍କ ଠାରୁ ଆରମ୍ଭ ହୋଇଛି ରୁଦ୍ର ସମ୍ପ୍ରଦାୟ ଏହା ବ୍ୟତୀତ ଯେଉଁଟି କୁମାର ମାନଙ୍କ ଠାରୁ (ସନତ, ସନନ୍ଦନ, ସନକ, ସନାତନ) ଆରମ୍ଭ ହୋଇଛି "କୁମାର ସମ୍ପ୍ରଦାୟ" ନାମରେ ପରିଚିତ ଅଟେ । କିନ୍ତୁ ଯେଉଁ ସମୟରେ ବ୍ରହ୍ମ ସମ୍ପ୍ରଦାୟର ଦୃଢ ପ୍ରତିନିଧିତ୍ୱ ମଧ୍ୱାଚାର୍ଯ୍ୟଙ୍କ ଗୋଷ୍ଠୀ (ସମ୍ପ୍ରଦାୟ) ଦ୍ୱାରା କରାଗଲା ସେହି ସମୟରୁ ତାହାର ନାମ ବ୍ରହ୍ମ-ମାଧ୍ୱ ସମ୍ପ୍ରଦାୟ ନାମରେ ପରିଚିତ ହେଲା ବା ସାମାନ୍ୟତଃ ମାଧ୍ୟ ସମ୍ପ୍ରଦାୟ ନାମରେ ପରିଚିତ ହୋଇଥିଲା । କାରଣ ମୂଳ ବ୍ରହ୍ମ ସମ୍ପ୍ରଦାୟଟି ମାଧ୍ୱାଚାର୍ଯ୍ୟଙ୍କ ଠାରୁ ପ୍ରସ୍ତୁତ ହୋଇଥିଲା । ଏହି ସମ୍ପ୍ରଦାୟର ମାଧବେନ୍ଦ୍ର ପୁରୀ, ଏବଂ ତାଙ୍କର ତିନିଜଣ ପ୍ରଧାନ ଶିଷ୍ୟ: ଯଥା- ଈଶ୍ୱରପୁରୀ, ଅଦ୍ୱୈତ ପ୍ରଭୁ ଓ ନିତ୍ୟାନନ୍ଦ ପ୍ରଭୁ ଥିଲେ । ଏହି ଶ୍ରୀ ଈଶ୍ୱର ପୁରୀଙ୍କର ଶିଷ୍ୟ ଶ୍ରୀଚୈତନ୍ୟ ମହାପ୍ରଭୁ ଅଟନ୍ତି । କିନ୍ତୁ, ଯେତେବେଳେ ଗୌଡଦେଶୀୟ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଗୋଷ୍ଠୀ (ସମ୍ପ୍ରଦାୟ) ମାଧ୍ୱ-ସମ୍ପ୍ରଦାୟର ଦୃଢ ପ୍ରତିନିଧିତ୍ୱ କଲେ ସେହି ସମୟରୁ ତାହାର ନାମ ମାଧ୍ୱ-ଗୌଡୀୟ ସମ୍ପ୍ରଦାୟ ହୋଇଥିଲା ଅତଏବ ଗୌଡୀୟ ବୈଷ୍ଣବ ସମ୍ପ୍ରଦାୟ ମାଧ୍ୱାଚାର୍ଯ୍ୟଙ୍କ ପରମ୍ପରା ଅଟେ ବା ମାଧ୍ୱାଚାର୍ଯ୍ୟଙ୍କ ଠାରୁ ଶିଷ୍ୟ - ପରମ୍ପରା ଦେଇ ଗତି କରି ଆସିଥିବା ପରମ୍ପରା ଅଟେ । ଏହା ନୁହେଁ ଯେ ଏହାଦ୍ୱାରା କୌଣସି ନୂତନ ଏକ ସମ୍ପ୍ରଦାୟ ଗଢିଗଲା, ବରଂ ଏହି ସମ୍ପ୍ରଦାୟ ବ୍ରହ୍ମାଙ୍କ ଠାରୁ ଅପରିବର୍ତ୍ତନୀୟ ରହିଛି ବା ମାଧ୍ୱଗୌଡୀୟ ସମ୍ପ୍ରଦାୟ ଭଗବାନ ବ୍ରହ୍ମା, ମାଧ୍ୱାଚାର୍ଯ୍ୟ ଏବଂ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଠାରୁ ଅପରିବର୍ତ୍ତନୀୟ ହୋଇରହିଅଛି । ଭଗବାନ ଶ୍ରୀକୃଷ୍ଣ ପ୍ରଥମେ ବ୍ରହ୍ମାଙ୍କୁ ଦିବ୍ୟଜ୍ଞାନ ପ୍ରଦାନ କରିଥିଲେ । ବ୍ରହ୍ମାଗୁରୁ ଶିଷ୍ୟ ପରମ୍ପରାର ପ୍ରଥମଜୀବ ଓ ଆଚାର୍ଯ୍ୟ । ଏହି ତଥ୍ୟ ଗୌର-ଗଣୋଦ୍ଦେଶ-ଦୀପିକା ଓ (ପ୍ରମେୟ) ରତ୍ନାବଳୀ ଭଳି ପ୍ରାମାଣିକ ଗ୍ରନ୍ଥ ଏବଂ ଗୋପାଳ ଗୁରୁ ଗୋସ୍ୱାମୀଙ୍କ ଦ୍ୱାରା ସ୍ୱୀକାର ହୋଇଅଛି । ଗୌର-ଗଣୋଦ୍ଦେଶ-ଦୀପିକାରୁ ଗୌଡୀୟ ବୈଷ୍ଣବ ପରମ୍ପରା ସମ୍ବନ୍ଧରେ ଯେଉଁ ବିବରଣୀ ମିଳିଥିଲା ତାହା ଏବଂ ଗୌଡିୟ ବୈଷ୍ଣବ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁରଙ୍କ ଦ୍ୱରା ସ୍ୱୀକୃତ ବିବରଣୀ ନିମ୍ନରେ ଦିଆଗଲା ।



୧. ସୃଷ୍ଟିର ପ୍ରଥମ ପର୍ଯ୍ୟାୟରେ ଚତୁର୍ମୁଖବ୍ରହ୍ମା ଭଗବାନ ଶ୍ରୀକୃଷ୍ଣଙ୍କ ଠାରୁ ଦିବ୍ୟ ଭକ୍ତିଯୋଗ ଜ୍ଞାନ ମାର୍ଗ ପ୍ରଥମେ ପ୍ରାପ୍ତ ହୋଇଥିଲେ । ସେହି ଜ୍ଞାନ ଦେବର୍ଷି ନାରଦ ବ୍ରହ୍ମାଙ୍କ ଠାରୁ ପ୍ରାପ୍ତ ହେଲେ ଯେପରି ବ୍ରହ୍ମା କହିଥିଲେ ସେ ସେପରି ଗ୍ରହଣ କରିଥିଲେ । ଭଗବାନଙ୍କର



ଶକ୍ତ୍ୟାବେଶ ଅବତାର ବା ଶାସ୍ତ୍ରାବତାର ଶ୍ରୀକୃଷ୍ଣ ଦ୍ୱୈପାୟନ ବ୍ୟାସ ଦେବର୍ଷି ନାରଦଙ୍କ ଶିଷ୍ୟତ୍ୱ ଗ୍ରହଣ କରି ସେହି ଜ୍ଞାନ ପ୍ରାପ୍ତ ହେଲେ । ଶୁଦ୍ଧ-ଦ୍ୱୈତବାଦର ପ୍ରତିଷ୍ଠାତା ଶ୍ରୀପାଦ ମାଧ୍ୱାଚାର୍ଯ୍ୟ ଶକାବ୍ଦ ୧୩ରେ ବ୍ୟାସଦେବଙ୍କୁ ବଦ୍ରିକାଶ୍ରମରେ ଦର୍ଶନ କରି ତାଙ୍କ ଠାରୁ ବେଦାନ୍ତ ଦର୍ଶନ ଶିକ୍ଷା କରିଥିଲେ ଏବଂ ସେ ଶ୍ରୀକୃଷ୍ଣ ଦ୍ୱୈପାୟନ ବ୍ୟାସଙ୍କ ଶିଷ୍ୟରୂପେ ପରିଚିତ ହୋଇଥିଲେ । ମାଧ୍ୱାଚାର୍ଯ୍ୟ ଯେ କି ପୁଣି ପୂର୍ଣ୍ଣ ପ୍ରଜ୍ଞା ତୀର୍ଥ ନାମରେ ପରିଚିତ, ସେ ପଦ୍ମନାଭ ତୀର୍ଥଙ୍କର ଏକମାତ୍ର ଆଶ୍ରୟଦାତା ଗୁରୁଥିଲେ ।



୨. ମଧ୍ୱାଚାର୍ଯ୍ୟଙ୍କର ଅନ୍ୟ ଦୁଇ ଜଣ ପ୍ରଧାନ ଶିଷ୍ୟ ନୃହରି ତୀର୍ଥ ଓ ମାଧବ ତୀର୍ଥ ଅଟନ୍ତି । ମାଧବ ତୀର୍ଥ ମହାନ ପରମହଂସ ଅକ୍ଷୋଭ୍ୟଙ୍କୁ ଶିଷ୍ୟ ରୂପେ ସ୍ୱୀକାର କଲେ । ଅକ୍ଷୋଭ୍ୟଙ୍କର ଶିଷ୍ୟ ହେଲେ ଜୟତୀର୍ଥ ଏବଂ ଜୟତୀର୍ଥଙ୍କର ଶିଷ୍ୟ ହେଲେ ଜ୍ଞାନ ସିନ୍ଧୁ ।

୩. ଦୟାନିଧି ଜ୍ଞାନସିନ୍ଧୁଙ୍କ ଠାରୁ ଏହି ଭକ୍ତି ଯୋଗ ବିଜ୍ଞାନ ଶିକ୍ଷା କରିଥିଲେ ଏବଂ ସେହି ଜ୍ଞାନ ତାଙ୍କର ସେବକ ବିଦ୍ୟାନିଧି ( ବିଦ୍ୟାଧିରାଜ ତୀର୍ଥ)ଙ୍କୁ ପ୍ରଦାନ କରିଥିଲେ । ରାଜେନ୍ଦ୍ର ତୀର୍ଥ ବିଦ୍ୟାଧିରାଜ ତୀର୍ଥଙ୍କର ଜଣେ ଶିଷ୍ୟ ଅଟନ୍ତି । ଏହି ରାଜେନ୍ଦ୍ର ତୀର୍ଥଙ୍କର ସେବକ ଥିଲେ ଜୟଧର୍ମ ବା ବିଜୟ ଧ୍ୱଜ ତୀର୍ଥ । ଏହି ଧାରାରେ ପରମ୍ପରା କଥା ଉତ୍ତମ ରୂପରେ ବୁଝିବା ଉଚିତ୍ ।

୪. ମହାନ ସନ୍ନ୍ୟାସୀ ଶ୍ରୀ ପୁରୁଷୋତ୍ତମ ତୀର୍ଥ ସେହି ଜ୍ଞାନ ତାଙ୍କର ଗୁରୁ ବିଜୟ ଧ୍ୱଜ ତୀର୍ଥ (ଜୟ-ଧର୍ମ)ଙ୍କ ସେବା ପରି ପାଇଥିଲେ । ପୁରୁଷୋତ୍ତମ ତୀର୍ଥଙ୍କର ପ୍ରଧାନ ଶିଷ୍ୟ ଥିଲେ ସୁବ୍ରହ୍ମଣ୍ୟ ତୀର୍ଥ, ଏବଂ ତାଙ୍କର (ସୁବ୍ରହ୍ମଣ୍ୟ ତୀର୍ଥଙ୍କର) ସେବକ ଥିଲେ ମହାନ ବ୍ୟାସତୀର୍ଥ (ବ୍ୟାଜ ରାଜ) ଏହି ବ୍ୟାସ ତୀର୍ଥଙ୍କର ସେବକ ଥିଲେ ଲକ୍ଷ୍ମୀପତି ତୀର୍ଥ, ଯାହାଙ୍କର ଶିଷ୍ୟଥିଲେ ମାଧବେନ୍ଦ୍ର ପୁରୀ ଗୋସ୍ୱାମୀ ।



୫. ମାଧବେନ୍ଦ୍ର ପୁରୀଙ୍କର ପ୍ରଧାନ ଶିଷ୍ୟ ଥିଲେ ଈଶ୍ୱର ପୁରୀ, ଏବଂ ତାଙ୍କର ଅନ୍ୟ ଦୁଇଜଣ ଶିଷ୍ୟ ଥିଲେ ଭଗବାନଙ୍କର ଅଭିନ୍ନ ଅବତାର ଶ୍ରୀ ନିତ୍ୟାନନ୍ଦ ପ୍ରଭୁ ଓ ଅଦ୍ୱୈତ ଆଚାର୍ଯ୍ୟ । ସମସ୍ତ ବିଶ୍ୱର ଆଧ୍ୟାତ୍ମିକ ଗୁରୁ ଶ୍ରୀ ଚୈତନ୍ୟ ମହାପ୍ରଭୁ ଈଶ୍ୱର ପୁରୀଙ୍କୁ ଗୁରୁ ରୂପରେ ଗ୍ରହଣ କରି ତାଙ୍କୁ ବଡ ସୌଭାଗ୍ୟବାନ କରାଇଥିଲେ ।

୬. ମହାପ୍ରଭୁ ଶ୍ରୀଚୈତନ୍ୟ ରାଧାକୃଷ୍ଣଙ୍କର ଅଭିନ୍ନ ତନୁ ରୂପାନୁଗ ଧାରାର ବୈଷ୍ଣବମାନଙ୍କର ଜୀବର ଜୀବନ ଥିଲେ । ଶ୍ରୀସ୍ୱରୂପ ଦାମୋଦର ଗୋସ୍ୱାମୀ, ରୂପ ଗୋସ୍ୱାମୀ ଏବଂ ସନାତନ ଗୋସ୍ୱାମୀ ବିଶ୍ୱମ୍ଭର (ଶ୍ରୀଚୈତନ୍ୟ)ଙ୍କୁ ମହାନନ୍ଦ ପ୍ରଦାନ କରିଥିଲେ ।



୭. ମହାନ ଆତ୍ମା ଜୀବ ଗୋସ୍ୱାମୀ ଓ ରଘୁନାଥ ଗୋସ୍ୱାମୀ ଏ ଦୁଇ ମହାଜନ ରୂପ ଗୋସ୍ୱାମୀଙ୍କର ଅତ୍ୟନ୍ତ ପ୍ରିୟ ଥିଲେ । ଜୀବ ଗୋସ୍ୱାମୀ ରୂପ ଗୋସ୍ୱାମୀଙ୍କର ଜଣେ ଶିଷ୍ୟ ଥିଲେ, ଏବଂ ରଘୁନାଥ ଦାସ ଗୋସ୍ୱାମୀ ଅଦ୍ୱୈତ ଆଚାର୍ଯ୍ୟଙ୍କ ଶିଷ୍ୟ ଯଦୁନନ୍ଦନ ଆଚାର୍ଯ୍ୟଙ୍କର ଜଣେ ଶିଷ୍ୟଥିଲେ, ଯାହାଙ୍କୁ ରୂପ ଓ ସନାତନ ସେମାନଙ୍କର ତୃତୀୟ ଭାଇ ରୂପେ ସ୍ୱୀକାର କରିଥିଲେ ।



ଏଇ ରଘୁନାଥ ଦାସ ଗୋସ୍ୱାମୀଙ୍କର ସ୍ନେହର ଛାତ୍ର କୃଷ୍ଣ ଦାସ କବିରାଜ ଗୋସ୍ୱାମୀ ଥିଲେ । କୃଷ୍ଣ ଦାସ କବିରାଜ ଗୋସ୍ୱାମୀ ଲୋକନାଥ ଗୋସ୍ୱାମୀଙ୍କର ଜଣେ ଅତି ଘନିଷ୍ଠ ବନ୍ଧୁ ଥିଲେ । ଏହି ଦୁଇ ବନ୍ଧୁ ବୃନ୍ଦାବନରେ ଏକତ୍ର ବାସ କରି ସବୁ ସମୟରେ ପରସ୍ପର ମଧ୍ୟରେ ବିଷ୍ଣୁଙ୍କ ବିଷୟରେ ଆଲୋଚନା କରୁଥିଲେ । ଲୋକନାଥ ଗୋସ୍ୱାମୀ ଗଦାଧର ପଣ୍ଡିତଙ୍କର ଜଣେ ଶିଷ୍ୟ ଥିଲେ, ତାଙ୍କର ଏକମାତ୍ର ଶିଷ୍ୟଥିଲେ, ଯାହାଙ୍କର ନାମ ନରୋତ୍ତମ ଦାସ । ନରୋତ୍ତମ ଦାସ ନିଜକୁ ସର୍ବଦା ତାଙ୍କର ଗୁରୁଙ୍କ ସେବାରେ ନିଯୁକ୍ତ ରଖିଥିଲେ ଏବଂ ତତ୍ ସଙ୍ଗେ ସଙ୍ଗେ ସେ ନିଜକୁ ସ୍ୱ-ଗୁରୁଙ୍କର ଘନିଷ୍ଠ ବନ୍ଧୁ (କୃଷ୍ଣ ଦାସ କବିରାଜ ଗୋସ୍ୱାମୀ) ଙ୍କ ସେବାରେ ନିୟୋଜିତ କରିଥିଲେ । ସେଥିପାଇଁ ସେ କୃଷ୍ଣ ଦାସ କବିରାଜ ଗୋସ୍ୱାମୀଙ୍କର ଅତି ପ୍ରିୟ ପାତ୍ର ହୋଇଯାଇଥିଲେ । ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର ଯେ କି ଥିଲେ ନରୋତ୍ତମ୍ ଦାସ ଠାକୁରଙ୍କ ଠାରୁ ଆସିଥିବା ଶିଷ୍ୟ-ପରମ୍ପରାର ଚତୁର୍ଥ ଆଚାର୍ଯ୍ୟ, ତାଙ୍କର ଏକମାତ୍ର ଅଭିଳାଷ ଥିଲା ନରୋତ୍ତମ ଦାସ ଠାକୁରଙ୍କ ପାଦ ସେବା କରିବା ।



୮. ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର ବଳଦେବ ବିଦ୍ୟା ଭୂଷଣଙ୍କର ଶିକ୍ଷା ଗୁରୁଥିଲେ, ସେ ତାଙ୍କୁ ଶ୍ରୀମଦ୍-ଭାଗବତମର ଉପଦେଶମାନ ଶିକ୍ଷା ଦେଇଥିଲେ । ବଳଦେବ ବିଦ୍ୟାଭୂଷଣଙ୍କ ପରେ ତାଙ୍କର ଶିଷ୍ୟ ପରମ୍ପରାର ଜଣେ ସୁନାମ ଧନ୍ୟ ତୃତୀୟ ଆଚାର୍ଯ୍ୟ ଥିଲେ ( ବା ତାଙ୍କ ଶିଷ୍ୟର, ଶିଷ୍ୟର ଶିଷ୍ୟ ଥିଲେ) ଜଗନ୍ନାଥ ଦାସ ବାବାଜୀ ମହାରାଜ, ଯେ କି ଭକ୍ତିବିନୋଦ ଠାକୁରଙ୍କର ଶିକ୍ଷାଗୁରୁ ଥିଲେ । ମହାଭାଗବତ ଗୌରକିଶୋର ଦାସ ବାବାଜୀ ମହାରାଜ ଜଗନ୍ନାଥ ଦାସ ବାବାଜୀ ମହାରାଜ ଜଣେ

ସୁନାମ ଧନ୍ୟ ଆଚାର୍ଯ୍ୟ ଥିଲେ । ଏହି ଜଗନ୍ନାଥ ଦାସ ବାବାଜୀ ମହାରାଜ ଭକ୍ତିବିନୋଦ ଠାକୁରଙ୍କର ଶିକ୍ଷା ଗୁରୁଥିଲେ । ଖ୍ୟାତନାମା ମହାଭାଗବତ ଗୌର କିଶୋର ଦାସ ବାବାଜୀ ମହାରାଜ ଭକ୍ତିବିନୋଦ ଠାକୁରଙ୍କର ଘନିଷ୍ଠ ବନ୍ଧୁ ଏବଂ ସହଯୋଗୀ ଥିଲେ, କି ନିଜକୁ ସର୍ବଦା ଦିବ୍ୟାନନ୍ଦ ପ୍ରଦାନକାରୀ ଏକମାତ୍ର ହରି ଭଜନରେ ନିମଗ୍ନ ରଖୁଥିଲେ ।





୯. ଉପର ବର୍ଣ୍ଣିତ ଏହି ସମସ୍ତ ଶୁଦ୍ଧ ବୈଷ୍ଣବମାନେ ପରମ ହଂସ ସ୍ଥିତିର ଭକ୍ତ ଅଟନ୍ତି ବା ଭଗବାନଙ୍କର ପରମ ଭକ୍ତ ଅଟନ୍ତି । ଏମାନେ ସମସ୍ତେ ଚୈତନ୍ୟ ମହାପ୍ରଭୁଙ୍କର ନିଜ ଆଧ୍ୟାତ୍ମିକ ପରିବାରର ବଂଶଧର ଅଟନ୍ତି । ସେମାନଙ୍କର ପବିତ୍ର ପାଦପଦ୍ମ ମୋର ଆଶ୍ରୟ ସ୍ଥଳ । ମୋର ବାସ୍ତବରେ ଭକ୍ତିମୟ ସେବା ନିମନ୍ତେ ଆଗ୍ରହ ନାହିଁ ଏବଂ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଜଣେ ଦୁର୍ବଳ ଓ ଅତି ନିମ୍ନ ଧରଣର ତ୍ରିଦଣ୍ଡୀ ସନ୍ୟାସୀ ଅଟେ ।



୧୦. ସୁପ୍ରସିଦ୍ଧ ବାର୍ଷଭାନବୀ-ଦୟିତ ଦାସ (ଭକ୍ତି ସିଦ୍ଧାନ୍ତ ସରସ୍ୱତୀଙ୍କର ଦିକ୍ଷାନାମ) ସର୍ବଦା ନିଜକୁ ସ୍ୱ-ଗୁରୁ ଗୌର କିଶୋର ଦାସ ବାବାଜୀ ମହାରାଜଙ୍କ ସେବାରେ ନିଯୁକ୍ତ ରଖିଥିଲେ ।



ତାଙ୍କର ସର୍ବୋତ୍ତମ ପ୍ରଚାରକ ଶିଷ୍ୟ ଶ୍ରୀ ଅଭୟଚରଣ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ, ଯେକି ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ବାଣୀ ସମଗ୍ର ପୃଥିବୀରେ ପ୍ରଚାର କରି, ଏବଂ ସମସ୍ତ ପତିତ ଜୀବମାନଙ୍କ ପାଇଁ କୃପା ଓ କରୁଣାର ଉତ୍ସ ହୋଇପାରିଥିଲେ ।

୧୧. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କର ପ୍ରଧାନ ଶିଷ୍ୟମାନଙ୍କ ମଧ୍ୟରେ ଅନ୍ୟତମ ବଭ୍ରୁବାହନ ବଂଶୋଦ୍ଭବ ଶ୍ରୀ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀ ଶ୍ରୀପାଦ, ସମଗ୍ର ଜଗତରେ ଭକ୍ତିବେଦାନ୍ତ ଶିକ୍ଷାକୁ ବୈଜ୍ଞାନିକଙ୍କ ଭାଷାରେ ପ୍ରଚାର କରି ଅଗଣିତ ପଥଭ୍ରଷ୍ଟ ଜୀବମାନଙ୍କୁ ଦୁର୍ଲ୍ଲଭ କୃଷ୍ଣ ପ୍ରେମ ପ୍ରଦାନ କରି ସେମାନଙ୍କର ବାସ୍ତବ ହିତାକାଂକ୍ଷି ରୂପେ ସୁପରିଚିତ ହୋଇପାରିଥିଲେ ।



ବ୍ୟାସପୂଜା କମିଟି

# ଶ୍ରୀ ଶ୍ରୀଗୁର୍ବାଷ୍ଟକମ୍

(ଶ୍ରୀ ଶ୍ରୀ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର ବିରଚିତମ୍)

ସଂସାର-ଦାବାନଳ-ଲୀଢ଼-ଲୋକ-
ତ୍ରାଣାୟ କାରୁଣ୍ୟ-ଘନାଘନତ୍ୱମ୍ ।
ପ୍ରାପ୍ତସ୍ୟ କଲ୍ୟାଣ - ଗୁଣାର୍ଣ୍ଣବସ୍ୟ
ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ।୧।

ଶ୍ରୀ ଗୁରୁଦେବ ଦୟାର ସାଗରଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଛନ୍ତି । ଯେପରି ବର୍ଷା ବର୍ଷଣ କରି ଦାବାଗ୍ନିକୁ ନିର୍ବାପନ କରେ, ସେହିପରି ଗୁରୁଦେବ, ସଂସାର ଦାବାନଳତପ୍ତ ସମସ୍ତ ଲୋକଙ୍କୁ ଉଦ୍ଧାର କରିବାପାଇଁ କରୁଣା ରୂପକ ବାରି ବର୍ଷଣ କରନ୍ତି । ମୁଁ ସେହି କଲ୍ୟାଣ ଗୁଣନିଧି ଶ୍ରୀଗୁରୁଦେବଙ୍କ ପାଦପଦ୍ମରେ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।

ମହାପ୍ରଭୋଃ କୀର୍ତ୍ତନ-ନୃତ୍ୟ -ଗୀତ -
ବାଦିତ୍ର-ମାଦ୍ୟନ୍ - ମନସୋ ରସେନ ।
ରୋମାଞ୍ଚ - କମ୍ପାଶ୍ରୁ ତରଙ୍ଗଭାଜୋ
ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ ।୨।

ସଂକୀର୍ତ୍ତନ, ନୃତ୍ୟ ଓ ବାଦ୍ୟାଦିଦ୍ୱାରା ଶ୍ରୀମନ୍ ମହାପ୍ରଭୁଙ୍କ ପ୍ରେମ ରସରେ ଉନ୍ମତ୍ତ ହୋଇ ଚିତ୍ତରେ ଯାହାଙ୍କର ରୋମାଞ୍ଚ, କମ୍ପ, ଅଶ୍ରୁ ତରଙ୍ଗ ନିର୍ଗତ ହୁଏ, ମୁଁ ସେହି ଶ୍ରୀଗୁରୁଦେବଙ୍କ ପାଦପଦ୍ମରେ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।

ଶ୍ରୀବିଗ୍ରହାରାଧନ - ନିତ୍ୟ - ନାନା -
ଶୃଙ୍ଗର - ତନ୍ ମନ୍ଦିରା ମାର୍ଜ୍ଜନାଦୌ ।
ଯୁକ୍ତସ୍ୟ ଭକ୍ତାଂଶ୍ଚ ନିଯୁଞ୍ଜତୋଽପି
ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ।୩।

ଶ୍ରୀ ଗୁରୁଦେବ ମନ୍ଦିରରେ ଶ୍ରୀବିଗ୍ରହଙ୍କର ସେବାରେ ସର୍ବଦା ନିଯୁକ୍ତ ଥାଆନ୍ତି । ସେ ତାଙ୍କର ସମସ୍ତ ଶିଷ୍ୟବର୍ଗଙ୍କୁ ଅର୍ଚ୍ଚନ ସେବାରେ ନିଯୁକ୍ତ କରାନ୍ତି । ସେମାନେ ସୁନ୍ଦର ବସ୍ତ୍ର ଏବଂ ଗହଣାରେ ଶ୍ରୀ ବିଗ୍ରହଙ୍କୁ ବେଶ କରନ୍ତି, ମନ୍ଦିର ମାର୍ଜନା କରନ୍ତି । ମୁଁ ସେହି ଗୁରୁଦେବଙ୍କ ପାଦପଦ୍ମରେ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।

ଚତୁର୍ବିଧ-ଶ୍ରୀ ଭଗବତ୍ ପ୍ରସାଦ -
ସ୍ୱାଦ୍ୱନ୍ନତୃପ୍ତାନ୍ ହରି ଭକ୍ତସଙ୍ଘାନ୍ ।
କୃତ୍ୱୈବ ତୃପ୍ତିଂ ଭଜତଃ ସଦୈବ
ବନ୍ଦେ ଗୁରୋଃ ଶ୍ରୀଚରଣାର ବିନ୍ଦମ୍ ।୪।

ଯିଏ ଶ୍ରୀକୃଷ୍ଣଭକ୍ତବୃନ୍ଦଙ୍କୁ ଚର୍ବ୍ୟ, ଚୋଷ୍ୟ, ଲେହ୍ୟ ଓ ପେୟ ଏହି ଚାରିପ୍ରକାର ରସସମନ୍ୱିତ ସୁସ୍ୱାଦୁ ପ୍ରସାଦାନ୍ନ ଦ୍ୱାରା ପରିତୃପ୍ତ କରାଇ (ଅର୍ଥାତ୍ ପ୍ରସାଦ ସେବାଦ୍ୱାରା ପ୍ରପଞ୍ଚ ନାଶ ଓ ପ୍ରେମାନନ୍ଦର ଉଦୟ କରାନ୍ତି) ସ୍ୱୟଂ ତୃପ୍ତି ଲାଭ କରନ୍ତି, ସେହି ଶ୍ରୀ ଗୁରୁଦେବଙ୍କ ପାଦପଦ୍ମରେ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।

ଶ୍ରୀରାଧିକା-ମାଧବୟୋରପାର-
ମାଧୁର୍ଯ୍ୟ-ଲୀଳା-ଗୁଣ-ରୂପ-ନାମ୍ନାମ୍ ।
ପ୍ରତିକ୍ଷଣାସ୍ୱାଦନଲୋଲୁପସ୍ୟ
ବନ୍ଦେ ଗୁରୋଃ ଶ୍ରୀ ଚରଣାରବିନ୍ଦମ୍ ।୫।

ଯିଏ ଶ୍ରୀ ଶ୍ରୀରାଧାମାଧବଙ୍କର ଅନନ୍ତ ମାଧୁର୍ଯ୍ୟମୟ ନାମ, ରୂପ, ଗୁଣ ଓ ଲୀଳା ସମୂହ ଆସ୍ୱାଦନ କରିବା ଏବଂ ଗାନ କରିବା ନିମିତ୍ତ ସର୍ବଦା ଲୁବ୍ଧଚିତ୍ତ, ସେହି ଶ୍ରୀଗୁରୁଦେବଙ୍କ ପାଦପଦ୍ମରେ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।

ନିକୁଞ୍ଜୟୂନୋ ରତିକେଳିସିଦ୍ଧୌ
ଯା ଯାଳିଭିର୍ଯୁକ୍ତିରପେକ୍ଷଣୀୟା ।
ତତ୍ରାତିଦାକ୍ଷାଦ ତିବଲ୍ଲଭସ୍ୟ
ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ।୬।

ନିକୁଞ୍ଜବିହାରୀ ପ୍ରେମୀଯୁଗଳ ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କର ରତିକ୍ରୀଡାର ପରିପୂର୍ଣ୍ଣତା ନିମିତ୍ତ ବିଭିନ୍ନ ରସବର୍ଦ୍ଧନ ଯୁକ୍ତିରେ କୁଶଳା ଗୋପୀମାନଙ୍କୁ ସାହାଯ୍ୟ କରିବାରେ ଯେ ନିପୁଣ ହୋଇଥିବା ହେତୁ ସେମାନଙ୍କର ଅତି ପ୍ରିୟ, ମୁଁ ସେହି ଗୁରୁଦେବଙ୍କର ପାଦପଦ୍ମରେ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।


ସାକ୍ଷାଦ୍ଧରିତ୍ୱେନ ସମସ୍ତଶାସ୍ତ୍ରୈ
ରୁକ୍ତସ୍ତଥା ଭାବ୍ୟତ ଏବ ସଦ୍‌ଭିଃ ।
କିନ୍ତୁ ପ୍ରଭୋର୍ଯଃ ପ୍ରିୟ ଏବ ତସ୍ୟ
ବନ୍ଦେ ଗୁରୋଃ ଶ୍ରୀ ଚରଣାରବିନ୍ଦମ୍ ।୭।

ଶ୍ରୀ ଗୁରୁଦେବ ଭଗବାନଙ୍କ ପରି ସମ୍ମାନନୀୟ, କାରଣ ସେ ଭଗବାନଙ୍କର ଏକାନ୍ତ ପ୍ରେଷ୍ଠ (ଅତିପ୍ରିୟ ଭକ୍ତ), ତେଣୁ ନିଖିଳ ଶାସ୍ତ୍ର ଯାହାଙ୍କୁ ସାକ୍ଷାତ୍ ଶ୍ରୀହରିଙ୍କ ଅଭିନ୍ନ ବିଗ୍ରହ ରୂପେ କୀର୍ତ୍ତନ କରିଛନ୍ତି ଏବଂ ସାଧୁମାନେ ଯାହାଙ୍କୁ ସେହି ରୂପରେ ଚିନ୍ତାକରିଥାନ୍ତି ସେହି (ଭଗବାନଙ୍କର ଅଚିନ୍ତ୍ୟ ଭେଦାଭେଦ-ପ୍ରକାଶ-ବିଗ୍ରହ) ଶ୍ରୀଗୁରୁଦେବଙ୍କୁ ମୋର ଭକ୍ତିପୂର୍ଣ୍ଣପ୍ରଣାମ ଜଣାଉଛି ।

ଯସ୍ୟ ପ୍ରସାଦାଦ୍ ଭଗବତ୍ ପ୍ରସାଦୋ
ଯସ୍ୟ ପ୍ରସାଦାନ୍ନ ଗତିଃ କୁତୋଽପି ।
ଧ୍ୟାୟନ୍ ସ୍ତୁବଂସ୍ତସ୍ୟ ଯଶସ୍ତ୍ରି ସନ୍ଧ୍ୟାଂ
ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ।୮।

ଶ୍ରୀ ଗୁରୁଦେବଙ୍କ କୃପାଦ୍ୱାରା ଭଗବାନ୍ ଶ୍ରୀକୃଷ୍ଣଙ୍କର ଆଶୀର୍ବାଦ ଲାଭ କରାଯାଏ । ଶ୍ରୀ ଗୁରୁଦେବଙ୍କ କୃପାବ୍ୟତୀତ ଆଧ୍ୟାତ୍ମିକ ଉନ୍ନତି କରାଯାଇପାରିବ ନାହିଁ । ସେଥିପାଇଁ ମୋର ସର୍ବଦା ଗୁରୁଦେବଙ୍କୁ ସ୍ମରଣ କରିବା ଉଚିତ୍ । ଦିନରେ ଅନ୍ତତଃପକ୍ଷେ ତିନିଥର ଗୁରୁଦେବଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ କରିବା ଉଚିତ୍ ।

-୦-





ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥
ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥
ନମଃ ସଦ୍‌ଭକ୍ତ ମଣ୍ଡଳେ ମଣିପୁର ଭଦ୍‌ଭବାୟଚ
ପ୍ରଭୁପାଦ ଲସଦ୍ ବାଣୀ ପ୍ରଚାର ନିରତାୟତେ
ପ୍ରଭୁପାଦ ସୁତେ କୃଷ୍ଣ ଭକ୍ତି ପ୍ରଚାରିଣେ
ମାୟାୟାପହୃତ ଜ୍ଞାନା ଆସୁରୀ ମନୁଷ୍ୟ ତାରିଣେ ।

**ପରମ ଆରାଧ୍ୟତମ ଶ୍ରୀଲ ଗୁରୁଦେବ !**

ବାତ୍ସରୀତମ ଆବିର୍ଭାବ ତିଥିରେ ଆମର ଭବଦୀୟ ଶ୍ରୀଚରଣାରବିନ୍ଦରେ ଦଣ୍ଡବତ୍ ପ୍ରଣାମ, ଗ୍ରହଣ କରିବା ହେବେ ।

ଶ୍ରୀଲ ଗୁରୁଦେବଙ୍କର ଗୁଣଗାନ ତଦୀୟକୃପା ଉପରେ ନିର୍ଭର କରେ । ଏଥିପାଇଁ ଆମପରି ପତିତାଙ୍କୁ ଧମର ଯୋଗ୍ୟତା ନିଶ୍ଚୟ ନାହିଁ । ଶ୍ରୀଲ ଗୁରୁଦେବଙ୍କୁ ସ୍ମରଣ କରି ଏଦିଗରେ ଉଦ୍ୟମ ପାଇଁ ପ୍ରୟାସୀ ହୋଇଛି ଏବଂ ଗୁରୁଙ୍କୁ ଗୌରାଙ୍ଗ ଓ ଗୋବିନ୍ଦଙ୍କର କୃପା ଏକମାତ୍ର ସମ୍ବଳ କରିଛି । ଏହିସମ୍ବଳ ଅର୍ଜନ ପାଇଁ ଶ୍ରୀଗୁରୁପାଦ ତାଙ୍କର ପ୍ରାର୍ଥନା କରିବାକୁ ଶିକ୍ଷା ଦିଅନ୍ତି ।

ସାକ୍ଷାତ୍ ହରି ଭକ୍ତ ଭାବଅଙ୍ଗୀକାର ପୂର୍ବକ ନିଜେ ଆସି ଆଚରଣ ଓ ପାଳନ ପଦ୍ଧତିକୁ ମାନି ଆତ୍ମତତ୍ତ୍ୱ ପରିଚୟ ବା ପରମାର୍ଥ ଶିକ୍ଷାରେ ଅନ୍ୟମାନଙ୍କୁ ଶିକ୍ଷିତ କରି ପରିଚାଳିତ କରନ୍ତି ।

ଭଗବାନଙ୍କୁ ଚିହ୍ନାଇବାର ଶକ୍ତି, ତାଙ୍କ ପାଦ ପଦ୍ମରେ ଭକ୍ତି କରିବାର ପଦ୍ଧତି ଓ ସର୍ବୋପରି ସେଇ ଭଗବାନଙ୍କୁ ଦେବାର ଶକ୍ତି ଗୁରୁଦେବଙ୍କ ବ୍ୟତୀତ ଆଉ କାହାର ନାହିଁ ।

"କୃଷ୍ଣ ଭଜନେ ଯଦି ମତି ନାହିଁ ଭେଲା ।
ଦୁର୍ଲ୍ଲଭ ମାନବ ଜନ୍ମ ଅକାରଣେ ଗେଲା ।।

ଏହି ଗୁରୁତର କାର୍ଯ୍ୟ ଗୁରୁ ସମ୍ପାଦନ କରନ୍ତି ବୋଲି ସେ ଗୁରୁ ଅଟନ୍ତି ଓ ଶ୍ରେଷ୍ଠ ରୂପେ ସର୍ବାଦ୍ୟ ପୂଜ୍ୟ ଅଟନ୍ତି ।

ପରମାର୍ଥ ପଥପ୍ରକାଶକ ରୂପେ, ଭଗବତ୍ ନିଜଜନ ରୂପେ, ଭଗବତ୍ ପ୍ରୀତି ଉତ୍ପାଦକ ରୂପେ, ସେବ୍ୟ ସେବାର ସେବକ ବିଗ୍ରହ ରୂପେ ଗୁରୁଦେବ ସାକ୍ଷାତ୍ ହରି ବୋଲି କୀର୍ତ୍ତିତ । ଏଥିପାଇଁ ମନୁଷ୍ୟ ଜୀବନରେ ଗୁରୁଙ୍କର ଅତ୍ୟନ୍ତ ଆବଶ୍ୟକତା ରହିଛି ।

ଭଗବାନଥ ପରମବ୍ରହ୍ମ - ବାଣୀ ବ୍ରହ୍ମ ରୂପେ, ଗୀତା ଭାଗବତ ସତ୍ ଶାସ୍ତ୍ରରୂପେ ଓ ସାଧୁ ଗୁରୁରୂପେ ବିରାଜମାନ କରିଛନ୍ତି । ଯିଏ ଯେତିକି ପରିମାଣରେ ଏହି ମାନଙ୍କର ସଙ୍ଗ ଲାଭ କରିପାରିବ ସେ ସେତିକି ପରିମାଣରେ ଆତ୍ମୋନ୍ନତି ଓ ଶାନ୍ତିର ଅଧିକାରୀ ହୋଇ ତଥା ଅନ୍ୟଙ୍କୁ ଶାନ୍ତି ଦେଇପାରିବ ।

ଧନ-ଜନ ବିଦ୍ୟା-ମାନ, ସୁନ୍ଦର-ଯୌବନ ଓ ପଦ-ପଦବୀ ଭୂଷଣରେ ଶାନ୍ତି ମିଳେ ନାହିଁ ବରଂ ଅଶାନ୍ତି ବଢ଼େ । ଶାନ୍ତି କେବଳ ଇଷ୍ଟ ସ୍ମରଣରେ ନିହିତ ।

ପରମ ପଣ୍ଡିତ ମହାଭାଗବତ ପରମହଂସ, ଯାହାଙ୍କର ଯଶ ଆଜି ସମଗ୍ର ପୃଥିବୀରେ ବ୍ୟାପ୍ତ, ଗୌଡ଼ୀୟ ବୈଷ୍ଣବ ଜଗତର ଗୁରୁ ଅଷ୍ଟୋତ୍ତର ଶତ ଶ୍ରୀ ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୌସ୍ୱାମୀ ପ୍ରଭୁପାଦ ମହାରାଜ କହନ୍ତି ଗୋଟିଏ ବଦ୍ଧ ଆତ୍ମାକୁ ମୁକ୍ତାତ୍ମାରେ ପରିଣତ କରିବାକୁ ହେଲେ ଗ୍ୟାଲନ୍ ଗ୍ୟାଲନ୍ ରକ୍ତଖର୍ଚ୍ଚ କରିବାକୁ ପଡ଼େ । ଗୁରୁଦେବ ହେଉଛନ୍ତି ଗତିଦାତା । ବଦ୍ଧ ପ୍ରାଣ ତ୍ରାଣ କର୍ତ୍ତା, ଭବବ୍ୟାଧି ବିନାଶକ ବୈଦ୍ୟ । ଶ୍ରୀଗୁରୁଙ୍କୁ କାନ ଦେଇ ଦେଖାଯାଏ ଚକ୍ଷୁ ଦ୍ୱାର ନୁହେଁ । ଅର୍ଥାତ୍ ଗୁରୁଦେବଙ୍କର ବ୍ରହ୍ମବାଣୀ କର୍ଣ୍ଣଦ୍ୱାର ଦେଇ ଯେତିକି ପରିମାଣରେ ପ୍ରବେଶ କରିବ ସେତିକି ପରମାଣରେ ଅହଂତା, ସମତା ମତ୍ସରତା ଓ ଅଜ୍ଞାନତା ଦୂରୀଭୁତ ହୋଇ ଦିବ୍ୟଜ୍ଞାନର ଅଭ୍ୟୁଦୟହେବ ।

ଗୁରୁହେଉଛନ୍ତି ଗୋବିନ୍ଦଙ୍କର ପ୍ରିୟ, ଗୋବିନ୍ଦ ହେଉଛନ୍ତି ଗୁରୁଙ୍କର ପ୍ରିୟ । ତେବେ ଗୁରୁଦେବ ହେଉଛନ୍ତି ସେବକ ଆଉ ଗୋବିନ୍ଦ ହେଉଛନ୍ତି ସେବ୍ୟ । ଏହାହିଁ ସକଳ ଶାସ୍ତ୍ରର ସିଦ୍ଧାନ୍ତ । ଗୁରୁଦେବ କହନ୍ତି -

ମନୁଷ୍ୟ ଜନ୍ମ ସୁଦୁର୍ଲଭ, ବହୁଜନ୍ମ ସମ୍ଭବାନ୍ତେ ସୁ ଲଭ ହୋଇ ମୁକ୍ତିର ଦ୍ୱାର ଦେଶରେ ପ୍ରବେଶ କରିଛି । ପଶୁଜୀବନ ପରି କେବଳ ଖାଇବା, ଶୋଇବା, ବଂଶ ବର୍ଦ୍ଧନରେ ମନୁଷ୍ୟ ଜୀବନର ସାର୍ଥକତା ଲାଭ ହୁଏ ନାହିଁ । "ନରତନୁ ହରି ଭଜନ ପାଇଁ" ଯେ ପର୍ଯ୍ୟନ୍ତ ମାନବ ହରିତୋଷଣ ପରାୟଣ ନହୋଇ ପାରିଛି, ସେ ଯେତେବଡ଼ ଧନୀ, ମାନୀ ଓ ଜ୍ଞାନୀ ହେଲେ ହେଁ ତାର ଜୀବନକୁ ଶାସ୍ତ୍ର ଶତଧିକ୍କାର କରନ୍ତି ।

ଯଦଙ୍ଘ୍ରିଂ କମଳ ଦ୍ୱନ୍ଦଂ
ଦୁଃଖତାପନିବାରକମ୍ ।
ତାରକଂ ବିପଦାଂ ବନ୍ଦେ
ଶ୍ରୀଗୁରୁ ପ୍ରଣାମ୍ୟହମ୍ ।।

ଯାହାଙ୍କର ପଦକମଳଦ୍ୱୟ ଦୁଃଖ ଶୋକ ତ୍ରିତାପ ନିବାରକ, ବିପଦନାଶକ ଓ ଗତି ଦାୟକ ସେହି ଶ୍ରୀଗୁରୁଦେବଙ୍କ ପାଦ ପଦ୍ମରେ ମୋର ପ୍ରଣାମ ।

ତସ୍ମାତ ପରତରଂ ନାସ୍ତି ନେତି ନେତୀତି ବୈଶ୍ରୁତିଃ ।
କର୍ମଣା ବଚସା ଚୈବ ସର୍ବଦାରାଧୟେଦ୍ ଗୁରୁମ୍ ।।

ସକଳ ଶ୍ରୁତିରେ ଏହାହିଁ ଶ୍ରେଷ୍ଠ ସିଦ୍ଧାନ୍ତ ଯେ ଗୁରୁ ସର୍ବ ଶ୍ରେଷ୍ଠ ତତ୍ତ୍ୱ ଅଟନ୍ତି । କାୟ, କର୍ମ ଓ ବଚନରେ ସର୍ବଦା ଗୁରୁଦେବ ହିଁ ଆରାଧ ଅଟନ୍ତି ।

ଶ୍ରୀଲ ଗୁରୁଦେବ ଯେଉଁ ମାର୍ଗ ପ୍ରଦର୍ଶନ କରନ୍ତି ତାହାହିଁ ଶ୍ରେଷ୍ଠ ମାର୍ଗ, ଯେଉଁ ମାର୍ଗ ଅନ୍ୟମାନଙ୍କୁ ଜଣାନାହିଁ ତାହାହିଁ ଭଗବତୀ କଥାମାର୍ଗ । ଗୁରୁଦେବ ସେହି ଭକ୍ତି, ଭକ୍ତ ଓ ଭାଗବତ ମାର୍ଗର ପ୍ରଦର୍ଶକ ଅଟନ୍ତି ।

"କୃଷ୍ଣଭୁଲି ସେଇଜୀବ ଅନାଦି ବହିର୍ମୁଖ ।

ଅତଏବ ମାୟା ତାରେ ଦେୟ ସଂସାରାଦି ଦୁଃଖୀ ॥

ଗୁରୁର ଉପଦେଶେ ମାୟା ପିଶାଚୀ ପଳାୟ ।

ତବେତାର ଭାଗ୍ୟେ ସର୍ବ ସୁଖୋଦୟହୟ ।।"

ଗୁରୁରୂପେ ଆପଣେ ସାକ୍ଷାତ ଭଗବାନ

ଗୁରୁ ନାଭଜିଲେ ନାହିଁ ହୟ ପରିତ୍ରାଣ ।

ଗୁରୁ କୃଷ୍ଣ ରୂପ ହନ ଶାସ୍ତ୍ରେର ପ୍ରମାଣେ

ଗୁରୁରୂପେ କୃଷ୍ଣ କୃପା କରେନ ଭକ୍ତ ଗଣେ ।

ମନଶିକ୍ଷାରେ ସଚ୍ଚିଦାନନ୍ଦ ଭକ୍ତିବିନୋଦ ଠାକୁର କହିଛନ୍ତି :-

"ନ ଧର୍ମଂ ନାଧର୍ମଂ ଶ୍ରୁତି ଗଣନିରୁକ୍ତଂ କିଲକୁରୁ

ବ୍ରଜେ ରାଧାକୃଷ୍ଣ ପରିଚର୍ଯ୍ୟାମିହତନୁ ।

ଶଚୀ ସୁନୁଂ ନନ୍ଦିଶ୍ୱର ପତିସୁତତ୍ୱେ ଗୁରୁବରଂ

ମୁକୁନ୍ଦ ପ୍ରେଷ୍ଠତ୍ୱେ ସ୍ମର ପରମଜସ୍ରଂ ନନୁ ମନଃ ।"

"ରେ ମନ ବେଦରେ ଯାହା ଧର୍ମ ଅର୍ଥାତ୍ ପୂଣ୍ୟ, ଅଧର୍ମ ଅର୍ଥାତ୍ ପାପ ବୋଲି କଥିତ ତାହା ତୁମେ କିଛି ମଧ୍ୟ କରନାହିଁ । ବ୍ରଜେ ଶ୍ରୀରାଧାକୃଷ୍ଣଙ୍କର ପ୍ରଚାର ପରିଚର୍ଯ୍ୟା ବିସ୍ତାର କର ଏବଂ ଶଚିନନ୍ଦନ ଶ୍ରୀଗୌରସୁନ୍ଦରଙ୍କୁ ନନ୍ଦନନ୍ଦନ ଶ୍ରୀକୃଷ୍ଣଙ୍କଠାରୁ ଅଭିନ୍ନ ଜାଣି ଏବଂ ଗୁରୁଦେବଙ୍କୁ ମୁକୁନ୍ଦଙ୍କର ପ୍ରିୟତମଜାଣି ନିରନ୍ତର ସ୍ମରଣ କର ।"

ଧର୍ମବଲି ବେଦେ ଯାରେ     ଏତେକ ପ୍ରଶଂସାକରେ
ଅଧର୍ମ ବଲିୟାନିନ୍ଦେ ଯାରେ ।
ତାହା କିଛୁ ନାହିଁ କର     ଧର୍ମାଧର୍ମ ପରହର;
ହଉରତ ନିଗୁଢ଼ ବ୍ୟାପାରେ ।"
ଯାଚି ମନ ଧରି ତବ ପାୟ ।
ସେ ସକଳ ପରିହରି     ବ୍ରଜଭୂମେ ବାସ କରି,
ରତହଓ ଯୁଗଲ ସେବାୟ ।
ଶ୍ରୀଶଚୀନନ୍ଦନ ଧନେ     ଶ୍ରୀନନ୍ଦ ନନ୍ଦନ ସନେ
ଏକକରି କରହ ଭଜନ ।
ଶ୍ରୀମୁକୁନ୍ଦ ପ୍ରିୟଜନ     ଗୁରୁଦେବେ ଜାଣ ମନ
ତୋମା ଲାଗି ପତିତପାବନ ।

ଜଗତେ ପ୍ରକଟଭାଇ ତାହାବିନା ଗତିନାଇ

ଯଦି ଚାଓ ଆପନ କୁଶଳ ।

ତାହାର ଚରଣ ଧରି ତଦାଦେଶ ସଦାସ୍ମରି

ଏଭକ୍ତି ବିନୋଦେ ଦେହ ବଳ ॥

ଗୁରୁଦେବ ! ଆପଣଙ୍କର ସେବାରେ ଓ ପୂଜାରେ ମଧୁରାତି ମଧୁର ଶ୍ରୀହରି ଆନନ୍ଦିତ ହୁଅନ୍ତି । ଶୁଶ୍ରୁଷୋଃ ଶ୍ରଦ୍ଧଧାନସ୍ୟ ବାସୁଦେବ କଥାରୁଚିଃ ।

ସ୍ୟନ୍ମହତ୍ ସେବୟା ବିପ୍ରାଃ - ପୂଣ୍ୟ-ତୀର୍ଥ - ନିଷେବଣାତ ॥ (ଭା ୧/୧/୧୬)

ଜୟ ଶ୍ରୀଲ ଗୁରୁଦେବ

**ଆପଣଙ୍କର ରାମାନନ୍ଦ**

●

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଲାକୟା ।*
*ଚକ୍ଷୁରୁନ୍ମୀଲିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୁତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

ପୂଜ୍ୟ ବୈଷ୍ଣବ ଶିରୋମଣି ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀ ଗୁରୁ ମହାରାଜ ।

ଆଜି ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ପାଦ ପଦ୍ମରେ ଶତ କୋଟି ଦଣ୍ଡବତ ଜଣାଇ ମୋର ଭକ୍ତଚାର୍ଯ୍ୟ ଅର୍ପଣ କରୁଅଛି ।

ଆପଣଙ୍କର ହସ ହସ ମୁଖ ସ୍ୱତଃ ସ୍ମୃତି ପଟରେ ଆସିଯାଉଛି । ଆପଣ ଭୁବନେଶ୍ୱର ମନ୍ଦିରରେ ପଦାର୍ପଣ ମାତ୍ରେ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ଉଦ୍ଦିପନା ଓ ଅନଳ ଖେଳିଯାଏ । ପୃଥିବୀର ବିଭିନ୍ନ ପ୍ରାନ୍ତରରେ ଭ୍ରମଣ ବିଷୟ ବର୍ଣ୍ଣନା କରି ଉଚ୍ଚ ସ୍ୱରରେ ମଧୁର ସ୍ୱରରେ ହରି କୀର୍ତ୍ତନ କରି ଆମ୍ଭମାନଙ୍କ ହୃଦୟରେ ଭକ୍ତିର ଲହରି ପ୍ରବାହିତ କରାଇଦିଅନ୍ତି । କୁହନ୍ତି ଯେତେବେଳେ ଶ୍ରୀପାଦ ମହାରାଜ କୀର୍ତ୍ତନ କରନ୍ତିସେ ପ୍ରାକୃତ ସ୍ୱରରେ ରୁହନ୍ତି ନାହିଁ । ଦର୍ଶନ ମାତ୍ରେ ପବିତ୍ର କର ଏ ତୁମର ଗୁଣ ।

ଆଜି ଆପଣଙ୍କର ପୂତ ଚରିତ ଆଲୋଚନା କରିବାକୁ ଅବଶ୍ୟ ଉପସ୍ଥିତ ହୋଇଛୁ । ଶୁଦ୍ଧ ବୈଷ୍ଣବର ଚରିତ ଆଲୋଚନା କଲେ ଜୀବନ ଧନ୍ୟ ହୁଏ ଓ ଚିତ୍ତ ଶୋଧିତ ହୋଇ ପରମ କଲ୍ୟାଣ ସାଧିତ ହୋଇଥାଏ । ବୈଷ୍ଣବ ପ୍ରାର୍ଥନା "ଦିଅ ପଦ ଛାୟା ଶୋଧ ହେ ଆମାର ତୋମାର ଚରଣ ଧରି" ତେଣୁ ପ୍ରତ୍ୟହ ଶ୍ରୀଗୁରୁବର୍ଗଙ୍କର ପୂତ ଚରିତ ଶ୍ରୋତବ୍ୟ, କୀର୍ତ୍ତନ୍ୟ ଓ ସ୍ମର୍ତବ୍ୟ ଅଟେ । ଯେପରି ଚଳନକୁ ଯେତେ ଘଷାଯାଏ, ତାହା ଗାଢ଼ ହୁଏ ।

ଠିକ ସେହିପରି ନିତ୍ୟ ସିଦ୍ଧ ମହାପୁରୁଷ ଗୁରୁବର୍ଗଙ୍କର ପୂତ ଜୀବନୀ ଚରିତ ଯେତେ ଆଲୋଚନା କରାଯାଏ ଆମର ଭକ୍ତି ଗାଢ଼ ହୁଏ ଓ ଆମେ ସେମାନଙ୍କର କୃପା ଲାଭ କରୁ । ମୋର ଗୁରୁଦେବ ବାରମ୍ବାର ବ୍ୟାସପୂଜାରେ ସମସ୍ତ ଭକ୍ତମାନଙ୍କୁ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦେଉଥିଲେ ।

ପ୍ରକୃତ ପକ୍ଷେ ଗୁରୁବୈଷ୍ଣବ ଗଣ ହିଁ ଆମର ପ୍ରକୃତ ଆତ୍ମୀୟ । କାରଣ ସେମାନେ ଆମକୁ ମୃତ୍ୟୁ ଭୟରୁ ରକ୍ଷା କରନ୍ତି । କୃଷ୍ଣ ଭକ୍ତି ସଂଚର କରନ୍ତି ।

ଶ୍ରୀପାଦ ମହାରାଜ, ମୋର ପରମ ଆରାଧ୍ୟ ଗୁରୁଦେବ ଓ ନିତ୍ୟ ବନ୍ଦନୀୟ ଇସ୍କନ୍‌ର ପ୍ରତିଷ୍ଠାତା ଶ୍ରୀଲ ପ୍ରଭୁପାଦଙ୍କର ଅତ୍ୟନ୍ତ ପ୍ରିୟଥିଲେ । ସେ ଶ୍ରୀଲ ପ୍ରଭୁପାଦଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଯାଇ ପୃଥିବୀରେ ନାନା ସ୍ଥାନ ଭ୍ରମଣ କରି ବିଦେଶରେ ଉଚ୍ଚ ଶିକ୍ଷା ପ୍ରାପ୍ତ ହୋଇ ଶହ ଶହ ବୈଜ୍ଞାନିକମାନଙ୍କ ମଧ୍ୟରେ କୃଷ୍ଣ ଚେତନା ଜାଗ୍ରତ କରାଇ ପାରିଥିଲେ । ଆଜି ଆପଣଙ୍କ ଅପ୍ରକଟ ପରେ ସେ ସ୍ଥାନ ଅପୂରଣୀୟ ରହିଗଲା । ଆପଣ ଯେ ଜଣେ ମହାନ ଆଚାର୍ଯ୍ୟ ଥିଲେ ତାହା ବୈଷ୍ଣବ ସମାଜରୁ ଆରମ୍ଭ କରି ଆଧୁନିକ ବୈଜ୍ଞାନିକମାନେ ମର୍ମେ ମର୍ମେ ଅନୁଭବ କରୁଛନ୍ତି । ଶୁଦ୍ଧ ବୈଷ୍ଣବର ସମସ୍ତ ଗୁଣର ସେ ଅଧିକାରୀ ହୋଇଥିଲେ । ନିଜେ ଶୁଦ୍ଧ ଭକ୍ତି ଆଚରଣ କରି ଆଚାର୍ଯ୍ୟ ପଦକୁ ଉନ୍ନିତ ହୋଇଥିଲେ ।

ତିତିକ୍ଷବଃ କାରୁଣିକାଃ
ସୁହୃଦଃ ସର୍ବଦେହିନାମ୍ ।
ଅଜାତ ଶତ୍ରବଃ ଶାନ୍ତାଃ
ସାଧବଃ ସାଧୁ ଭୁଷଣାଃ (୩-୨୫-୨୧)

ଏ ସମସ୍ତ ଗୁଣ ତାଙ୍କ ଠାରେ ପରିଲକ୍ଷିତ ହେଉଥିଲା । ସେ ଅତ୍ୟନ୍ତ ସହିଷ୍ଣୁ ଥିଲେ । କାରୁଣିକ ଥିଲେ । ସମସ୍ତଙ୍କର ସୁହୃଦ ଥିଲେ । ତାଙ୍କର ଶତ୍ରୁକେହି ନ ଥିଲେ । ଏପରିକି ପ୍ରଭୁପାଦ ତାଙ୍କର ଗୁଣରେ ମୁଗ୍ଧ ହୋଇଥିଲେ । ସେ ଶାନ୍ତ ଥିଲେ । ସର୍ବଦା ହସ ହସ ବଦନରେ ତାଙ୍କୁ ଦେଖିବାକୁ ପାଉ । ମୋର ଗୁରୁଦେବଙ୍କ ଅପ୍ରକଟ ପରେ ଆପଣ ମନ୍ଦିରର ଜି.ବି.ସି. ଥିଲେ ।

ଆପଣ ଏ ଅଧମକୁ ମନ୍ଦିରର ମୁଖ୍ୟ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରିଥିଲେ । ପ୍ରତ୍ୟହ ଆପଣଙ୍କ ଆଶୀର୍ବାଦ, ମୋର ଗୁରୁଦେବଙ୍କ ଆଶୀର୍ବାଦ ଓ ସର୍ବୋପରି ଶ୍ରୀଲ ପ୍ରଭୁପାଦଙ୍କର ଆଶୀର୍ବାଦ କାମନା କରି ଦୀର୍ଘ ଏହି ପଦରେ ୪ ବର୍ଷରୁ ଉର୍ଦ୍ଧ୍ୱସମୟ ସେବା ପ୍ରଦାନ କରି ଆସିଅଛି । ବର୍ତ୍ତମାନ ପରିଚାଳନା ଦାୟିତ୍ୟରେ ଥିବା ପରିଚାଳକମାନଙ୍କୁ ଆଜି ଦିବସରେ ଆଶୀର୍ବାଦ କରନ୍ତୁ ଯେପରି ସେମାନେ ଆପଣଙ୍କ ଶ୍ରୀ ହସ୍ତରେ ଶୁଭ ନେଇଥିବା ଶ୍ରୀ ଗୁଣ୍ଡିଚା ମନ୍ଦିର ଓ ବ୍ରହ୍ମପୁରରେ ଶ୍ରୀରାମ ମନ୍ଦିର କାର୍ଯ୍ୟ ପୂରଣ କରିବେ । ପ୍ରତିବର୍ଷ ପରି ଶ୍ରୀ ଜଗନ୍ନାଥଙ୍କ ପ୍ରତ୍ୟାର୍ଥେ ନୂତନ ବର୍ଷ ଆରମ୍ଭରେ ଶ୍ରୀକ୍ଷେତ୍ର ପୁରୀ ଧାମରେ ଶ୍ରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ କୀର୍ତ୍ତନ କରି ପଦଯାତ୍ରାରେ

ଶ୍ରୀମନ୍ଦିର ପରିକ୍ରମା କରାଯାଏ । ତାହା ଯେପରି ସୁଚାରିତ ଭାବେ ଏ ବର୍ଷ ସମ୍ପାଦନ ହେବ ତାହା ପାଇଁ ଆଶୀର୍ବାଦ କାମନା କରୁଛୁ । ପୁନଶ୍ଚ ଓଡ଼ିଶାରେ ମହାପ୍ରଭୁଙ୍କ ବାଣୀ ଯେପରି ବହୁଳ ଭାବେ ପ୍ରଚାର ହେବ ସେଥିପାଇଁ ଆଶୀର୍ବାଦ କାମନା କରୁଛୁ ।

ଅବଶେଷରେ ଆପଣଙ୍କ ପାଦପଦ୍ମର ଚରଣ ରେଣୁ କାମନା କରି ଭକ୍ତମାନଙ୍କର ସେବା କରିବାକୁ ପ୍ରୟାସ କରୁଛି ।

ଆପଣଙ୍କର ଦାସାନୁଦାସ

**ଗୋକୁଳାନନ୍ଦ ଦାସ**

●

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

ମୋର ପରମ ଆରାଧ୍ୟତମ ଶ୍ରୀଲ ଗୁରୁଦେବ!

ଆଜି ଆପଣଙ୍କର ୭୨ତମ ବ୍ୟାସପୂଜା ମହୋତ୍ସବ । ଏ ଅଧମ ଆପଣଙ୍କ ପଦପଦ୍ମରେ ସହସ୍ର କୋଟି ଦଣ୍ଡବତ ପ୍ରଣାମ ଅର୍ପଣ କରୁଛି । ଆପଣ ଦୟାର ସାଗର ଆପଣଙ୍କର ଗୁଣଗାନ କରିବା ପାଇଁ ମୁଁ ଅଯୋଗ୍ୟ ଅଟେ । ମହାପ୍ରଭୁ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କର ଓଢଣ ଷଷ୍ଠୀ ଉତ୍ସବ ମହାଆଡମ୍ବରରେ ଶ୍ରୀକ୍ଷେତ୍ରଧାମ ପୁରୀରେ ପାଳନ କରାଯାଉଥିଲା ବେଳେ ପୃଥିବୀର କୋଣେ ଅନୁକୋଣେ ପ୍ରତ୍ୟେକ ଜଗନ୍ନାଥ ମନ୍ଦିରରେ ପାଳନ କରାଯାଉଅଛି । ସେହି ଶୁଭ ଲଗ୍ନରେ ଆପଣଙ୍କର ଆର୍ବିଭାବ ହୋଇଥିଲା, ଏ ଧରା ଧାମରେ । ମଣିପୁର ରାଜ୍ୟ ବିଷ୍ଣୁପୁର ଜିଲ୍ଲାର ତୋବୁଲ୍ ଗ୍ରାମରେ ତେଣୁ ଜଗନ୍ନାଥଙ୍କର କୃପାରୁ ଆପଣ ପୃଥିବୀର କୋଣେ ଅନୁକୋଣେ ପ୍ରଚାର କରିଥିଲେ, କୃଷ୍ଣ ଚେତନା । ବୈଜ୍ଞାନିକ ପ୍ରଣାଳୀରେ ଆପଣଙ୍କର କୀର୍ତ୍ତନରେ ଅନନ୍ତ ପ୍ରଭାବ ରହିଅଛି । ଆପଣଙ୍କ କୀର୍ତ୍ତନରେ ଯେଉଁ ବ୍ୟକ୍ତି ଯୋଗଦେବେ ସେ ବ୍ୟକ୍ତି ଯେତେ ପାଷାଣ୍ଡ ହେଲେ ମଧ ସେ ନିଶ୍ଚିତ ଭାବରେ ନୃତ୍ୟ କରିବ । ତାହା ପ୍ରଦର୍ଶୀତ ହୋଇଥିଲା କଟକର ଏକ ପୋଗ୍ରାମରେ ଯେଉଁମାନେ ସେହି କଟକ ପୋଗ୍ରାମରେ ଯୋଗ ଦେଇଥିଲେ ସେମାନେ ସମସ୍ତେ ଆବାଳ ବୃଦ୍ଧ ସେହି କୀର୍ତ୍ତନରେ ନୃତ୍ୟ କରିଥିଲେ । ଆପଣଙ୍କର ସେହି ପ୍ରେମମୟ କୀର୍ତ୍ତନର ପ୍ରଭାବରେ କିପରି ଦୁଇ ବର୍ଷ ଧରି ବର୍ଷା ନ ହେଉଥିବା ସ୍ଥାନରେ ବର୍ଷା ଏକରାତ୍ର ହୋଇଥିଲା । ବହୁ ବର୍ଷ ପୂବେ ତିରୁପତି ମନ୍ଦିରକୁ ଆପଣ ଦର୍ଶନ ପାଇଁ ଯାଇଥିଲେ । ସେହି ତିରୁପତି ଏରିଆରେ ଦୁଇବର୍ଷଧରି ବର୍ଷା ହେଉ ନଥିଲା । ବହୁ ଯଜ୍ଞ କରି କରି ଲୋକମାନେ ଅତିଷ୍ଠ ହୋଇ ଯାଇଥିଲେ । ତଥାପି ବର୍ଷା ହୋଉନଥାଏ ।

ତିରୁପତି ମନ୍ଦିରରେ ଆପଣଙ୍କୁ ଦେଖି ସେହି ମନ୍ଦିରର ଅଧକ୍ଷ ଆପଣଙ୍କୁ କହିଲେ ମହାରାଜ ଆମ୍ଭ ଏରିଆରେ ଦୁଇ ବର୍ଷ ଧରି ବର୍ଷା ହୋଇନାହିଁ । ବହୁତ ଯଜ୍ଞ ଅନୁଷ୍ଠାନ କରି ସାରିଅଛୁ ହେଲେ ବର୍ଷା ହେଉନାହିଁ ଆପଣ କହିଲେ ଠିକ୍ ଅଛି ଆଜି ଆସନ୍ତୁ ସମସ୍ତେ ମିଶି କରି କୀର୍ତ୍ତନ କରିବା ଏଥିରେ ସହମତ ପ୍ରକାଶ କରି ମନ୍ଦିରର ଅଧକ୍ଷ ସମସ୍ତ ଲୋକମାନଙ୍କୁ ଡକାଇ କୀର୍ତ୍ତନରେ ଯୋଗ ଦେଲେ । ଆପଣଙ୍କର ସେହି ପ୍ରେମମୟ କିର୍ତ୍ତନର ଏକ ଘଣ୍ଟାପରେ ରାତ୍ରିସାରା ଅନବରତ ବର୍ଷା ହୋଇଥିଲା । ଏହା ହେଉଛି ଆପଣଙ୍କ କୀର୍ତ୍ତନ ଫଳ । ପରଦିନ ମନ୍ଦିର ଟ୍ରଷ୍ଟର ଅଦକ୍ଷ ଆପଣଙ୍କୁ କିଛି ଜମି ଅପର୍ଣ କରିଥିଲେ । ସେହି ଜମିରେ ଆପଣ ଏକ ମନ୍ଦିର ତିଆରି କରିଥିଲେ ଏବଂ ରାଧାକୃଷ୍ଣ ପ୍ରତିଷ୍ଠା କରିଥିଲେ ଏବଂ ଭକ୍ତି ବେଦାନ୍ତ ଇନ୍‌ଷ୍ଟିଚ୍ୟୁଟ୍ ଅଫିସ୍ କରିଥିଲେ ବର୍ତ୍ତମାନ ସେହିଠାରେ ବିରାଟ ଇସ୍କନ ମନ୍ଦିର ତିଆରି ହୋଇସାରିଛି । ସେହି ମନ୍ଦିର ପାଇଁ ଆପଣଙ୍କର ଅବଦାନ ଅନନ୍ତ ଅଟେ । ଆପଣଙ୍କ ପାଇଁ କେବଳ ଆଜି ତିରୁପତି ଠାରେ ଏକ ବିରାଟ ଇସ୍କନ ମନ୍ଦିର ତିଆରି ହୋଇପାରିଛି । ତେଣୁ ଆପଣଙ୍କ ଗୁଣକୁ ବର୍ଣ୍ଣନା କରିବା କେବଳ ଧୃଷ୍ଟତା ମାତ୍ର, ଆପଣ ଯେତିକି କୃପା କଲେ ସେତିକି ମାତ୍ର ବର୍ଣ୍ଣନା କରିବା ପାଇଁ ସକ୍ଷମ ହେଲି ।

ଜୟ ଶ୍ରୀଲ ଗୁରୁଦେବ ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ ଶ୍ରୀପାଦ କି ଜୟ ।

ଆପଣଙ୍କର ପତିତାଧମ ଦାସାନୁଦାସ

**ଶରତ ପୂର୍ଣ୍ଣିମା ଚନ୍ଦ୍ର ଦାସ**

●

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ ନିତି ନାମିନେ ॥*

**ପରମ ପୂଜ୍ୟ ଶ୍ରୀଲ ଗୁରୁଦେବ !**

ଆଜି ନଭେମ୍ବର ୨୩ ତାରିଖ ସୋମବାର ପବିତ୍ର ଓଡ଼ଣ ଷଷ୍ଠୀ, ଆପଣଙ୍କର ୭୨ ତମ ଆବିର୍ଭାବ ତିଥି । ଯେଉଁ ପବିତ୍ର ତିଥିକୁ ଆମେ ଆପଣଙ୍କର ଶତାଧିକ ଅକିଂଚନ ଶିଷ୍ୟାଶିଷ୍ୟ ବ୍ୟାସପୂଜା ଦିବସ ଭାବେ ପାଳନ କରୁଅଛି । ଏହି ପବିତ୍ର ବ୍ୟାସ ପୂଜା ତିଥି ଅବସରରେ ଅଧିନ ଆପଣଙ୍କ ଶ୍ରୀଚରଣରେ ଭକ୍ତିପୁତ, ପୁଷ୍ପାଞ୍ଜଳି ଅର୍ପଣ କରିବା ସହିତ ଶତକୋଟି ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ କରୁଅଛି ।

ଗୁରୁଦେବ ! ଆଜି ଦିନଟି ଆମମାନଙ୍କ ପାଇଁ ଏକ ସୌଭାଗ୍ୟର ଦିନ । ଆଜିପରି ସୁଦିନର ଦିବ୍ୟ ପରିବେଶରେ ଆମେ ଶିଷ୍ୟାଶିଷ୍ୟମାନେ ଆପଣଙ୍କର ପାଦଧୌତ କରି, ପାଦୋଦକ ପାନ କରି ପାଦ ବନ୍ଦନା କରି, ଭକ୍ତିପୁତ ପୁଷ୍ପାଞ୍ଜଳି ଅର୍ପଣ କରି ଏବଂ ଆପଣଙ୍କର ଗୌରବମୟ ସ୍ମୃତି ଚାରଣକରି ଜୀବନକୁ ଧନ୍ୟ ମନେ କରିବା ସହିତ ଆପଣଙ୍କ କୃପା ଆଶୀର୍ବାଦ ପାଇବା ପାଇଁ ସମ୍ମିଳିତ ହୋଇଅଛୁ ।

ଆଜି ପରି ପବିତ୍ରମୟ ଶୁଭଦିନରେ ଆପଣଙ୍କ ପରି ସଦ୍‌ଗୁରୁ ଯେ କି ଏକାଧାରର ଜଣେ କୃଷ୍ଣ ପ୍ରେଷ୍ଠ ପରମ ବୈଷ୍ଣବ, ସଂକୀର୍ତ୍ତନପ୍ରେମୀ, ଅସାଧାରଣ ବ୍ୟକ୍ତିତ୍ୱ ଏବଂ ଦିବ୍ୟ ଶକ୍ତିର ଅଧିକାରୀ, ସେପରି ଏକ ମହାନ ସଦ୍‌ଗୁରୁଙ୍କ ଗୁଣକୀର୍ତ୍ତନ କରିବା, ମୋପରି ଜଣେ ଅକିଂଚନ ଶିଷ୍ୟ ପକ୍ଷେ ଧୃଷ୍ଟତା ଅଟେ । ତଥାପି ଆଜିପରି ସୁଦିନରେ ମୋର ପ୍ରିୟତମ ଗୁରୁଦେବଙ୍କ ଯତ୍‌କିଞ୍ଚିତ୍ ଗୁଣ କୀର୍ତ୍ତନ କରି, ତାଙ୍କର ଅପାର କରୁଣାରୁ କାଣିଚାଏ ଲାଭକରି ନିଜକୁ ସୌଭାଗ୍ୟ ମନେ କରୁଛି ।

ଗୁରୁଦେବ ମନେ ପଡ଼େ ଆପଣଙ୍କ ୬୧ ତମ ବ୍ୟାସପୂଜା ଉତ୍ସବ ୨୦୦୫ ମସିହାରେ ଆଡ଼ମ୍ବର ସହିତ ଶ୍ରୀବୃନ୍ଦାବନ ଧାମରେ ପାଳନ କରାଯାଇଥିଲା । ସେ ସମୟରେ ମୋ ସମେତ ଭୁବନେଶ୍ୱର ମନ୍ଦିରର ଶତାଧିକ ଶିଷ୍ୟାଶିଷ ଉକ୍ତ ବ୍ୟାସପୂଜା ଉତ୍ସବରେ ଯୋଗଦାନ କରି ଆପଣଙ୍କ ସାକ୍ଷାତ ଦର୍ଶନ; କରିନେତ୍ର ପବିତ୍ର କରିବା ସହିତ ଆପଣଙ୍କ କୃପା ଆଶୀର୍ବାଦ ଲାଭ କରିଥିଲେ। ତାହାହିଁ ଥିଲା ଆମମାନଙ୍କର ଅନ୍ତିମ ଦର୍ଶନ । । ପରବର୍ତ୍ତୀ ୬୨ତମ ବ୍ୟାସପୂଜା ଶ୍ରୀକ୍ଷେତ୍ରଧାରେ ହେବାକୁ ଆପଣ ସୂଚନା ପ୍ରଦାନ କରିଥିଲେ । ମାତ୍ର ବିଧିର ବିଧାନ ଅନ୍ୟ ପ୍ରକାର ? ନିୟତି ଯେ ଏଡ଼େ ନିଷ୍ଠୁର ହେବ ଏବଂ ୬୨ ତମ ବ୍ୟାସପୂଜା ପାଳନ ଅବ୍ୟବହିତ ପୂର୍ବରୁ ଅଗଣିତ ଶିଷ୍ୟାଶିଷ୍ୟ ଓ ଅନୁଗାମୀମାନଙ୍କ ଭାଗ୍ୟ ଆକାଶରୁ ସୁନାର ବଇଦକୁ ଅସ୍ତମିତ କରାଇ, ବିନାମେଘରେ କୁଳିଶପାତ କରିବ, ଏହି ଦାରୁଣ ଦୁଃସଂବାଦ ଆମମାନଙ୍କ ଆଶା ଓ କଳ୍ପନାର ବାହାରେ ଥିଲା । ସନ ୨୦୦୬ ମସିହାପବିତ୍ର ଶାରଦୀୟ ଦୁର୍ଗାପୂଜା ମହୋତ୍ସବର ଅନ୍ତିମ ଦିବସ ବିଜୟ ଦଶମୀ (ଦଶହରା) ତିଥି ଅକ୍ଟୋବର ୨ ତାରିଖ, ଆପଣଙ୍କର ଶ୍ରୀ ବୈକୁଣ୍ଠଧାମ ପ୍ରାପ୍ତି ବା ମହାପ୍ରୟାଣ (ପବିତ୍ର ଅପର୍କଟ ଲୀଳା) ସମ୍ବାଦ, ଏଠାରେ ପହଁଞ୍ଚି ଆମ୍ଭମାନଙ୍କୁ ସ୍ତମ୍ଭୀଭୂତ, ନିର୍ବାକ, ହତୋତ୍ସାହ, ଶକ୍ତିହିନ ତଥା କିଂ କର୍ତ୍ତବ୍ୟ ବିମୂଢ଼ କରିଥିଲା ।

ଆପଣଙ୍କ ଆକସ୍ମିକ ପବିତ୍ର ଅପ୍ରକଟ ଇସ୍କନ ଆକାଶରୁ ଏକ ଉଜ୍ଜଳତମ ତାରକାର ଅସ୍ତମିତ ସହ ସମାନ ଥିଲା । ଶ୍ରୀଜଗନ୍ନାଥ ଧାମ ୬୨ ତମ ବ୍ୟାସପୂଜା ଉତ୍ସବ ପାଳନ କରି ଆପଣଙ୍କ ପ୍ରତ୍ୟକ୍ଷ ସାନିଧ୍ୟଲାଭ ଓ କୃପା ଆଶୀର୍ବାଦ ପ୍ରାପ୍ତିର ଅଗଣିତ ଶିଷ୍ୟାଶିଷ୍ୟମାନଙ୍କ ଆଶା ସବୁଦିନ ପାଇଁ ଆଶରେ ରହିଗଲା ।

ଶାସ୍ତ୍ର କହନ୍ତି, ଗୁରୁନିତ୍ୟ, ସତ୍ୟ ଓ ଶାଶ୍ୱତ, ଜରାମୃତ୍ୟୁ ରହିତ ଓ ଅଜର ଅମର । ଆପଣଙ୍କ ପରି ସଦ୍‌ଗୁରୁ କରୁଣାର ଚିଦ୍‌ଘନ ବିଗ୍ରହ ଓ ତାଙ୍କର କରୁଣା ଅପାର । ଗୁରୁ ତାଙ୍କର ଅନୁଗତ ଶିଷ୍ୟମାନଙ୍କୁ ସଦ୍‌ଉପଦେଶ ପ୍ରଦାନ କରି ଦିବ୍ୟ ଭଗବତ ପଥର ସନ୍ଧାନ ଦେଇଥାନ୍ତି । ଶ୍ରୀଗୁରୁଙ୍କ ଦୁର୍ଲ୍ଲଭ ଚରଣ ରେଣୁ, ତାପକ୍ଲିଷ୍ଟ ଶିଷ୍ୟମାନଙ୍କୁ ମୁକ୍ତି ପ୍ରଦାନ କରିଥାଏ । ଗୁରୁଦେବଙ୍କ ପ୍ରିୟ କାର୍ଯ୍ୟ ଅନୁଷ୍ଠିତ କରିବାହିଁ ତାଙ୍କର ଅନ୍ୟତମ ଶ୍ରେଷ୍ଠ ସେବା ମଧ୍ୟରେ ଗଣ୍ୟ । ଏହା କେବଳ ସତ ଶିଷ୍ୟମାନଙ୍କ ପକ୍ଷେ ସମ୍ଭବ ଓ ପରମ କର୍ତ୍ତବ୍ୟ ମଧ୍ୟ ।

ଶାସ୍ତ୍ରରେ କୁହାଯାଇଛି -

ମନ୍ଦଭାଗ୍ୟ ହ୍ୟଶକ୍ତାଶ୍ଚ ଯେ ଯନା ନାମାମନ୍ନତେ ।
ଗୁରୁସେବାସୁ ବିମୁଖା ପଚ୍ୟନ୍ତେ ନତପ୍ୟେହଚ୍ୟୁତେ ॥

ଅର୍ଥାତ୍ :- ଭାଗ୍ୟହୀନ, ଶକ୍ତିହୀନ ଓ ଗୁରୁସେବାରେ ବିମୁଖ ଥିବା ଯେଉଁ ଶିଷ୍ୟମାନେ ଏହି ଉପଦେଶ ମାନନ୍ତି ନାହିଁ, ସେମାନେ ଘୋର ନରକରେ ପତିତ ହୁଅନ୍ତି ।

ବିଦ୍ୟାଧନ ବଳଚୈବ ଚେଷ୍ଟାଭାଗ୍ୟ ନିରର୍ଥକମ୍ ।
ଯେଷାଂ ଗୁରୁକଅପା ନାସ୍ତି ଅଧୋଗରୁତିନିଶ୍ଚିକେଶ ॥

ଅର୍ଥାତ୍ :- ଯେଉଁ ଶିଷ୍ୟ ଉପରେ ଗୁରୁକୃପା ନାହିଁ, ତାର ବିଦ୍ୟା, ଧନ ଓ ଭାଗ୍ୟ ନିରର୍ଥକ ଏବଂ ତାର ଅଧପତନ ସୁନିଶ୍ଚିତ ।

ଏଣୁ ମାନସିକ ସ୍ଥିରତା ଓ କ୍ରୋଧତାହିଁ ଗୁରୁଙ୍କ ସେବା ଓ ସାନିଧ୍ୟ ଲାଭର ଏକମାତ୍ର, ଉପାୟ । ଶିଷ୍ୟମାନଙ୍କ ପକ୍ଷେ ସାଧୁସଂଗ, ଭାଗବତ ଶ୍ରବଣ, ନାମ ସଂକୀର୍ତ୍ତନ, ଓ ମଥୁରାବାସ ,କାନ୍ତ ପ୍ରୟୋଜନ ଅଟେ । ଏସବୁ ଜୀବନର ଅମୂଲ୍ୟ ସଂପଦ । ଐକାନ୍ତିକ ଗୁରୁସେବା ଓ ଗୁରୁଭକ୍ତି ଦ୍ୱାରା ଏହା ପ୍ରାପ୍ତ ହୋଇଥାଏ । ଶାସ୍ତ୍ର କହନ୍ତି -

ଧନ୍ୟା,ମାତାପିତାଧନ୍ୟୋ ଗୋତ୍ର ଧନ୍ୟଂ ପୁଲୋଦ୍‌ଭ ।
ଧନ୍ୟାଚବସୁଧା ଦେବୀ, ଯତ୍ରସ୍ୟାଦଗୁରୁଭକ୍ତତା ।।

ଅର୍ଥାତ୍ :- ଯାହାଙ୍କର ହୃଦୟରେ ଗୁରୁ ଭକ୍ତିଥାଏ, ତାର ପିତାମାତା ଓ ବଂଶ ଧନ୍ୟ ହେବା ସହିତ, ବଂଶରେ ଜନ୍ମିତ ଜୀବାତ୍ମା ଗଣ ଓ ସମଗ୍ର ବସୁଧା ମଧ ଧନ୍ୟ ଅଟନ୍ତି ।

ଏଣୁ ଶୁଦ୍ଧ ଆଚରଣ, କର୍ତ୍ତବ୍ୟନିଷ୍ଠା, ଏକାଗ୍ରତା, ଐକାନ୍ତିକ, ଭକ୍ତି ଦ୍ୱାରା, ପରମକାରୁଣିକ, ଜ୍ଞାନସିଦ୍ଧ ସ୍ୱୟଂ କୃଷ୍ଣକୃପା ଶ୍ରୀମୂର୍ତ୍ତିଧର ଗୁରୁଙ୍କ କୃପାପ୍ରାପ୍ତ ଶିଷ୍ୟ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ କରି ଥାନ୍ତି ।

ତଦ୍ରୂପ, ଅଧୀନ ଆପଣଙ୍କ ପରି ଜଣେ ତତ୍ତ୍ୱଜ୍ଞାନୀ ସଦ୍‌ଗୁରୁଙ୍କ ଶିଷ୍ୟଲାଭ ମୋ ଚଲାପଥ ଉଜ୍ଜଳମୟ ହୋଇଅଛି ଏବଂ ମୋର ଇଷ୍ଟଦେବ ଶ୍ରୀ ଗୋପାଳଙ୍କ ସେବା, ସହିତ ଶ୍ରୀକୃଷ୍ଣ ବଳରାମମନ୍ଦିର ସେବାରେ ନିଜକୁ ନିୟୋଜିତ କରିପାରିଛି ଏଥିପାଇଁ । ଏ ଅଧମକୁ ଦିବ୍ୟଶକ୍ତି ଓ କୃପା ପ୍ରଦାନ କରିବା ନିମିତ୍ତ ଆଜିର ଏହି ପବିତ୍ର ବ୍ୟାସ ପୂଜା ତିଥିରେ ମାଗୁଣୀ କରୁଛି ।

ଧ୍ୟାନମୂଳଂ ଗୁରୁମୂର୍ତ୍ତି, ପୂଜାମୂଳଂ ଗୁରୁପାଦଃ ।
ମନ୍ତ୍ର ମୂଳଂ ଗୁରୁ ବାକ୍ୟ ମୋକ୍ଷମୂଳଂ ଗୁରୁକୃପା ।

ଅର୍ଥାତ୍ ଅନୁଗତ ଶିଷ୍ୟମାନେ ଗୁରୁଙ୍କମୂର୍ତ୍ତିକୁ ଧ୍ୟାନ କଲେ, ଗୁରୁଙ୍କ ପାଦ ପୂଜାକଲେ, ଗୁରୁଙ୍କ ବାକ୍ୟ ମନ୍ତ୍ର ସଦୃଶ ପାଳନ କଲେ ଗୁରୁଙ୍କ କୃପାଦ୍ୱାରା ମୋକ୍ଷ ପ୍ରାପ୍ତି ହୋଇଥାନ୍ତି ।

ମୂକଂ କରୋତି ବାଚାଳଂ ପଙ୍ଗୁ ଲଘୟତେ ଗିରିମ୍ ।
ଯତ କୃପାସ୍ତମହଂ ବନ୍ଦେ ଶ୍ରୀଗୁରୁ ଦୀନତାରିଣେ ॥
ବ୍ରହ୍ମାନନ୍ଦଂପରମ ସୁଖଦଂ କେବଳ ଗ୍ୟାନ ମୂର୍ତ୍ତି ।

ଦ୍ୱାନ୍ଦାତିତଂ ଗଗନ ସଦୃଶଂ ତତ୍ୱମସ୍ୟାଦି ଲକ୍ଷ୍ୟମ ।।
ଏକ ନିତ୍ୟଂ ବିମଳ ଅଚଳଂ ସର୍ବାଧୀ ସାକ୍ଷିଭୂତମ୍ ।
ଭାବାତିତଂ ତ୍ରିଗୁଣ ରହିତଂ ସଦ୍‌ଗୁରୁଂ ତଂ ନମାମି ॥

ଅର୍ଥାତ୍ :- ଯେ ପରମାନନ୍ଦ ସ୍ୱରୂପ, ପରମସୁଖଦାୟକ, ଯିଏ କେବଳ ଜ୍ଞାନ ସ୍ୱରୂପ ଓ ଦ୍ୱନ୍ଦମାନଙ୍କ ଉର୍ଦ୍ଧରେ, ଆକାଶପରି ସର୍ବବ୍ୟାପକ ଓ ସୂକ୍ଷ୍ମ ତତ୍ୱମସିପରି ବାକ୍ୟମାନଙ୍କ ସାର ଅର୍ଥକ କେବଳ ଏକ, ନିତ୍ୟ, ଅଚଳ, ଭାବନାର ଉର୍ଦ୍ଧ୍ୱରେ, ରଜସତ୍ୱ, ରଜ, ତମଗୁଣର ଉର୍ଦ୍ଧ୍ୱରେ, ଯେଉଁ ଗୁରୁ ପତିତଉଦ୍ଧାରଣକାରୀ, ଯାହାଙ୍କ କୃପାରେ ପଙ୍ଗୁ ଗିରି ଲଘି ଯାଏ ଓ ମୂକ କଥା କହେ ସେହି ସଦ୍‌ଗୁରୁଙ୍କୁ ମୁଁ ପ୍ରଣାମ କରୁଅଛି ।

ଭକ୍ତମାନଙ୍କ ପ୍ରତି ଆପଣଙ୍କର ମୁଖ୍ୟ ଉପଦେଶ ଥିଲା :-

"ତୁମେ କେତେ ଲକ୍ଷ୍ମୀ ସଂଗ୍ରହ କରିଚ, କେତେ ମନ୍ଦିର ନିର୍ମାଣ କରିଚ, ବା କେତେ ତୁମର ଅନୁଗତ ଅଛନ୍ତି ସେ ସବୁ ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଗୁରୁତ୍ୱପୂର୍ଣ୍ଣ ଏହା ଯେ ତୁମ୍ଭେମାନେ କେତେ ଶୁଦ୍ଧହୋଇ ପାରିଛ ।

ଶ୍ରୀଲ ଶ୍ରୀପାଦ ପ୍ରଣାମ :-

ନମଃ ଓ ବିଷ୍ଣୁ ପାଦାୟ କୃଷ୍ଣ ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ଗୋସ୍ୱାମୀ ନିତି ନାମିନେ ॥
ନମଃ ସଦ୍ ଭକ୍ତ ମନୟେ ମଣିପୁରେ ଭବାୟଚ ।
ପ୍ରଭୁପାଦ ଲସଦ୍ ବାଣୀ, ପ୍ରଚାରେନିରତାୟତେ ॥
ବବ୍ରୁବାହାନ ବଂଶାଦଭିଃ ସୋମାୟ ଶୁଭ ହୃଦୟେ ।
ଶୂନ୍ୟବାଦୀଂ ଦେବେନ୍ଦ୍ର ସିଂହାୟ ଭଗବତ ନମଃ ।।
ଅଭୟାଦି ଗୁଣାଦୟ ସଦ ବିଜ୍ଞାନ ଗୁଣାୟଚ ।
ନବ୍ୟ ବିଜ୍ଞାନ ତମସ୍ ସୂର୍ଯ୍ୟାୟତେ ନମୋନମଃ ।।
ଜୟ ୭୨ ତମ ବ୍ୟାସପୂଜା ମହାମହୋତ୍ସବ କି ।ଜୟ ।
ଜୟ ଶ୍ରୀପାଦ ଗୁରୁ ମହାରାଜ କି ଜୟ ।

ଆପଣଙ୍କର ଚରଣାଶ୍ରିତ ଦାସାନୁଦାସ
**ଚୈତନ୍ୟ ଗୁଣମଣି ଦାସାଧିକାରୀ**

ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଲାକୟା ।
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥
ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ ନିତି ନାମିନେ ॥
ନମ ସଦ୍‌ଭକ୍ତ ମଣୟେ ମଣିପୁର ଉଦ୍‌ଭବାୟଚ ।
ପ୍ରଭୁ ପାଦ ଲଶବ୍‌ଦାଣୀ ପ୍ରଚାରନିରତାୟତେ ॥
ନମ ଓଁ ବିଷ୍ଣପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳ ।
ଶ୍ରୀମତେ ଭକ୍ତିବେଦାନ୍ତ ସ୍ୱାମୀ ଇତିନାମିନେ ॥
ନମସ୍ତେ ସାରସ୍ୱତେ ଦେବେ ଗୌରବାଣୀ ପ୍ରଚାରିଣେ ।
ନିର୍ବିଶେଷ ଶୂନ୍ୟବାଦି ପାଶ୍ଚାତ୍ୟ ଦେଶ ତାରିଣେ ॥

କୃଷ୍ଣେ ସ୍ୱଧାମୋପଗତେ ଧର୍ମଜ୍ଞାନଦିଭିଃସହ ।
କଲୌ ନଷ୍ଟ ଦୃଶାମେଷ ପୁରାଣାର୍କୋ ଅଧୁନୋଦିତଃ ॥

ଶ୍ରୀମଦ୍ ଭାଗବତ ମହାପୁରାଣ ହେଉଛି ସୂର୍ଯ୍ୟ ସମ ଦୀପ୍ତିମାନ୍ । ଭଗବାନ ଶ୍ରୀକୃଷ୍ଣ ସ୍ୱଧାମ ପ୍ରତ୍ୟାବର୍ତ୍ତନ ପରେ ଧର୍ମଜ୍ଞାନଦି ସହ ପ୍ରକାଶ ପାଇଛି ।

ଏହା ହେଉଛି ବ୍ୟାସଦେବଙ୍କର ମହାନ ଅବଦାନ । "ପରାଶର ମୁନି ଓ ସତ୍ୟବତୀଙ୍କର ଦିବ୍ୟ ପୁତ୍ର ତଥା ଭଗବାନ୍ ଶ୍ରୀକୃଷ୍ଣଙ୍କର ୧୭ ତମ ଅବତାର ।" ଆଜି ଏ ଯେଉଁ ଉତ୍ସବ ଶ୍ରୀଲ ଶ୍ରୀପାଦ ମହାରାଜଙ୍କର ୭୨ତମ ଶୁଭଆବିର୍ଭାବ ତିଥି ନିମନ୍ତେ ପାଳନ କରାହେଉଛି, ସେ ହେଉଛନ୍ତି ଶ୍ରୀଲ ପ୍ରଭୁପାଦଙ୍କର ପ୍ରତିନିଧି, ସମସ୍ତ ଗୋଡ଼ୀୟ ବୈଷ୍ଣବାଚାର୍ଯ୍ୟ ବର୍ଗଙ୍କର ପ୍ରତିନିଧି ବା ସେହି ବ୍ୟାସଦେବଙ୍କର ପ୍ରତିନିଧି । ଏ "ବ୍ୟାସପୂଜା" କେବଳ ଇସ୍କନ୍‌ର ଜଣେ ଗୁରୁଙ୍କର ବ୍ୟାସପୂଜା ନୁହେଁ, ପ୍ରମାଣିକ ଗୁରୁବର୍ଗଙ୍କର ପୂଜା ।

ଗୁରୁ କିଭଳି ବସ୍ତୁ, ତା'ର ସ୍ୱରୂପ ନିରୂପଣ କରି ଭଗବାନ୍ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ କହୁଛନ୍ତି :-

"ଆଚାର୍ଯ୍ୟମାଂ ବିଜାନୀୟାନ୍ନାବମନ୍ୟେତ କର୍ହିଚିତ୍,

ନ ମର୍ତ୍ତ୍ୟବୁଦ୍ଧ୍ୟାସୂୟେତ୍ ସର୍ବଦେବମୟୋଗୁରୁଃ । (ଭା.୧୧/୭/୨୭)

ଭଗବାନ୍ କହିଲେ - "ହେ ଉଦ୍ଧବ ! ଆଚାର୍ଯ୍ୟଙ୍କୁ ଅର୍ଥାତ୍ ଶ୍ରୀଗୁରୁଦେବଙ୍କୁ ମୋର ସ୍ୱରୂପ ବୋଲି ଜାଣ, ତାଙ୍କର ଅବଜ୍ଞା କେବେ କର ନାହିଁ । ମନୁଷ୍ୟ ବୁଦ୍ଧିରେ ତାଙ୍କ ପ୍ରତି ଈର୍ଷା ବା ଦ୍ୱେଷ କେବେ କରନାହିଁ, ଗୁରୁ ହେଉଛନ୍ତି ସର୍ବଦେବମୟ ।"

"ଗୁରୁ କୃଷ୍ଣ ରୂପ ହନ ଶାସ୍ତ୍ରେର ପ୍ରମାଣେ ।

ଗୁରୁ ରୂପେ କୃଷ୍ଣ କୃପା କରେନ ଭକ୍ତଗଣେ ॥ (ଚୈ.ଚ.ମୃ)

ବୈଦିକ ଶାସ୍ତ୍ରମାନଙ୍କର ପ୍ରମାଣ ଅନୁସାରେ ଜଣାଯାଏ ଯେ ଭଗବାନ୍ ଶ୍ରୀକୃଷ୍ଣ ଭକ୍ତମାନଙ୍କୁ କୃପା ପ୍ରଦାନ କରିବାପାଇଁ ଗୁରୁ ରୂପରେ ଆବିର୍ଭୂତ ହୁଅନ୍ତି ।

"ଯୋଽନ୍ତର୍ବହିସ୍ତନୁଭୃତାମଶୁଭଂ ବିଧୁନ୍ୱ -
ନ୍ନାଚାର୍ଯ୍ୟଚୈତ୍ୟବପୁଷା ସ୍ୱଗତିଂ ବ୍ୟନକ୍ତି ॥" (ଭ. ୧୧/୨୯/୬)

ଶ୍ରୀଉଦ୍ଧବ ଭଗବାନ୍ ଶ୍ରୀକୃଷ୍ଣଙ୍କୁ କହୁଛନ୍ତି - "ହେ ପ୍ରଭୁ ! ଆପଣ ବାହାରେ ଶ୍ରୀଗୁରୁ ରୂପରେ ତତ୍ତ୍ୱୋପଦେଶାଦି ଦ୍ୱାରା ଏବଂ ଭିତରେ ଅନ୍ତର୍ଯ୍ୟାମୀ ରୂପରେ ସଦ୍‌ବୁଦ୍ଧି ଦେଇ ଭକ୍ତର ଭଜନ ପ୍ରତିକୂଳ ବିଷୟ ବାସନା ଆଦି ଦୂରୀଭୂତ କରନ୍ତି; ଶେଷରେ ଭକ୍ତକୁ ନିଜର ସ୍ୱରୂପ ପ୍ରଦାନ କରନ୍ତି । ଏଇଥିପାଇଁ ପୂଜ୍ୟ ହିସାବରେ ଶ୍ରୀଗୁରୁଦେବ ଶ୍ରୀକୃଷ୍ଣଙ୍କ ତୁଲ୍ୟ ଅଟନ୍ତି । ଶ୍ରୀକୃଷ୍ଣଙ୍କ ସମାନ ଭଜନୀୟ ଅଟନ୍ତି ।

ଶ୍ରୀଗୁରୁଦେବଙ୍କର ସ୍ୱରୂପ ନିରୂପଣକରି ଶ୍ରୀପାଦ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର କୁହନ୍ତି :-

"ସାକ୍ଷାଦ୍ଧରିତ୍ୱେନ ସମସ୍ତ ଶାସ୍ତ୍ରୈରୁକ୍ତସ୍ତଥା ଭାବ୍ୟତ୍ ଏବ ସଦ୍‌ଭିଃ ।
କିନ୍ତୁ ପ୍ରଭୋର୍ଯଃ ପ୍ରିୟ ଏବ ତସ୍ୟ ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥"

ଶ୍ରୀଗୁରୁଦେବ ସାକ୍ଷାତ୍ ଶ୍ରୀହରିଙ୍କ ପରି ସମ୍ମାନୀୟ, କାରଣ ସେ ଭଗବାନଙ୍କର ଅତିପ୍ରିୟ ଭକ୍ତ, ତେଣୁ ନିଖିଳ ଶାସ୍ତ୍ର ତାହାଙ୍କୁ ସାକ୍ଷାତ୍ ଶ୍ରୀହରିଙ୍କ ଅଭିନ୍ନ ବିଗ୍ରହ ରୂପେ କୀର୍ତ୍ତନ କରିଛନ୍ତି ଏବଂ ସାଧୁମାନେ ମଧ ତାହାଙ୍କୁ ସେହି ରୂପରେ ଚିନ୍ତାକରିଥାନ୍ତି । ସେହି (ଭଗବାନଙ୍କର ଅଚିନ୍ତ୍ୟ ଭେଦାଭେଦ-ପ୍ରକାଶ-ବିଗ୍ରହ) ଶ୍ରୀଗୁରୁଦେବଙ୍କୁ ମୋର ଭକ୍ତି ପୂର୍ଣ୍ଣ ପ୍ରଣାମ ଜଣାଉଛି । ତାତ୍ପର୍ଯ୍ୟ ଏହି ଯେ, ଶ୍ରୀଗୁରୁଦେବ ପ୍ରତ୍ୟକ୍ଷତଃ ଶ୍ରୀକୃଷ୍ଣଙ୍କର ପ୍ରିୟତମ ଭକ୍ତ ହେଲେ ବି ଶିଷ୍ୟ ତାଙ୍କୁ ସାକ୍ଷାତ୍ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ବୋଲି ମାନିବା ଦରକାର । ଏହି ପ୍ରକାର ଭାବନା ନ ହେଲେ ଶିଷ୍ୟର ଅନ୍ତରରେ ଶ୍ରୀଗୁରୁଙ୍କ ପ୍ରତି ମର୍ତ୍ତ୍ୟବୁଦ୍ଧି ଉଦୟ ହୋଇପାରେ, ଯାହା ତାହା ପାଇଁ ମହା ଅପରାଧ ଜନକ ହେବ, ଯଦ୍ୱାରା ହାତୀର ସ୍ନାନ ସମାନ ତାହାର (ଶିଷ୍ୟର) ସାଧନ ଭଜନ ସବୁ କିଛି ନିଷ୍ଫଳ ହୋଇଯିବ । "ବୈଷ୍ଣବର ଠାଁଇ ଯା'ର ହୟ ଅପରାଧ । କୃଷ୍ଣ କୃପା ହଇଲେ ଓ ତା'ର ପ୍ରେମ-ବାଧ ।।" (ଚ.ଭା)

ଶ୍ରୀଗୁରୁ ପାଦପଦ୍ମଙ୍କୁ ବନ୍ଦନା କରି ଶ୍ରୀଲ ନରୋତ୍ତମ ଦାସ ଠାକୁର କୁହନ୍ତି - "ଶ୍ରୀଗୁରୁ ଚରଣ ପଦ୍ମ କେବଳ ଭକତି ସଦ୍ମ ବନ୍ଦୋଁ ମୁଇଁ ସାବଧାନ ମତେ ।" ଖିଆଲ ଢ଼ଙ୍ଗରେ ନୁହେଁ କି ଥଟ୍ଟା ପରିହାସ କରି ନୁହେଁ । ଅତି ଯତ୍ନର ସହିତ ସାବଧାନତା ଅବଲମ୍ବନ କରି ଗମ୍ଭୀରଭାବରେ ଶ୍ରୀଗୁରୁଙ୍କର ସେବା କରିବା ଦରକାର । ଭକ୍ତି ଲାଭ ଆଶାରେ, ଅନ୍ୟ ଆଶାରେ ନୁହେଁ । "ଏ-କାଳେ ଯେ ବୈଷ୍ଣବେରେ ବଡ଼ ଛୋଟ ବଲେ । ନିଶ୍ଚିନ୍ତେ ଥାକୁକ ସେ ଜାନିବେ କତ କାଳେ ।" (ଚ.ଭା) ।

ଏହି ପରିପ୍ରେକ୍ଷୀରେ ଶ୍ରୀଲ ପ୍ରଭୁପାଦ କୁହନ୍ତି - "ଦିକ୍ଷା ଗ୍ରହଣ ପରେ ଓ ଗୁରୁଦେବଙ୍କର ଆଦେଶ ପାଇବା ପରେ ଶିଷ୍ୟ କୌଣସି ଦ୍ୱାଧା ନ'ଥାଇ ତା'ର ଆଧାତ୍ମିକ ଗୁରୁଙ୍କର ନିର୍ଦ୍ଦେଶ ବିଷୟରେ ଚିନ୍ତା କରିବା ଉଚିତ୍ ତଥା ନିଜକୁ ଅନ୍ୟ କୌଣସି କାରଣ ଦ୍ୱାରା ବିଚଳିତ କରିବା ଉଚିତ୍ ନୁହେଁ ।" "ଗୁରୁମୁଖ ପଦ୍ମ ବାକ୍ୟ ଚିତେତେ କରିୟା ଐକ୍ୟ ଆର ନା କରିହ ମନେ ଆଶା ।" ଶ୍ରୀଗୁରୁଦେବଙ୍କୁ ସନ୍ତୁଷ୍ଟ କରିବାର ଏହା ହେଉଛି ଉତ୍ତମ ଉପାୟ, ଅନ୍ୟ ଉପାୟ ନାହିଁ । "ଭକ୍ତିସ୍ଥାନେ ଅପରାଧ କୈଲେ ଘୁଚେ ଭକ୍ତି । ଭକ୍ତିର ଅଭାବେ ଘୁଚେ ଦରଶନ ଶକ୍ତି ।" (ଚ.ଭା) । ଶ୍ରୀଗୁରୁ ବାକ୍ୟ ଅବମାନନା ଜନକ ଅପରାଧ, ଅର୍ଥାତ୍ ଭକ୍ତି ସ୍ଥାନରେ ଅପରାଧ, ଫଳରେ ଭକ୍ତର ଭକ୍ତି ନଷ୍ଟ ହେବା ସହିତ ଭଗବତ୍ ଦର୍ଶନରେ ବାଧା ଉପୁଜିଥାଏ । "ହରି ସ୍ଥାନେ ଅପରାଧେ ତାରେ ହରିନାମ । ତୋମା ସ୍ଥାନେ ଅପରାଧେ ନାହିଁ ପରିତ୍ରାଣ ।" (ଶ୍ରୀଲ ନରୋତ୍ତମ ଦାସ) ।

ଶ୍ରୀଗୁରୁଦେବଙ୍କର ଆଦେଶ - ଆଦେଶ ନୁହେଁ, ତାହା ଗୁରୁଙ୍କର ଅହୈତୁକୀ କୃପା ବା ଶକ୍ତି । ଯିଏ ଯେପରି ଶ୍ରୀଗୁରୁଦେବଙ୍କର ଆଦେଶ ନିଷ୍ଠା ରଖି ପାଳନ କରିବ, ସେ ଭକ୍ତି ରାଜ୍ୟରେ ସେପରି ଅଗ୍ରଗତି କରିବ । ଆଧାତ୍ମିକ ଗୁରୁଙ୍କର ଆଦେଶ ଶିଷ୍ୟର ଜୀବସାର ବା ବଂଚିବାର ମାନ ଦଣ୍ଡ ଅଟେ । ଜଣେ ନିଃମତ୍ସର ଭକ୍ତ କେବଳ ସେ ବାକ୍ୟ ପାଳନ କରିବାକୁ ସମର୍ଥ ହୋଇଥାଏ ବା ପ୍ରାଣକୁ ପଣ ରଖି ଗୁରୁବାକ୍ୟ ପାଳନ କରିବାକୁ ଚେଷ୍ଟା କରିଥାଏ । ସେହି ଏକମାତ୍ର ଗୁରୁ କୃପା ପ୍ରାପ୍ତିର ସୁଯୋଗ୍ୟ ଅଧିକାରୀ, ଆଉ କେହିନୁହେଁ । ଶ୍ରୀଗୁରୁ କୃପା କୃଷ୍ଣ ପ୍ରାପ୍ତିର ଅବିକଳ୍ପ ସାଧନ ।

ଶ୍ରୀଗୁରୁ ପାଦପଦ୍ମଙ୍କର ଗୁଣଗାନ କରି ଶ୍ରୀଲ ଭକ୍ତିବିନୋଦ ଠାକୁର ଗାଆନ୍ତି :-

"କୃଷ୍ଣ ସେ ତୋମାର କୃଷ୍ଣ ଦିତେ ପାର ତୋମାର ଶକତି ଆଛେ ।
ଆମିତ କାଙ୍ଗାଲ 'କୃଷ୍ଣ' 'କୃଷ୍ଣ' ବଲି ଧାଇଁ ତବ ପାଛେ ପାଛେ ॥"

ଆଧାତ୍ମିକ ଗୁରୁଙ୍କର ନିର୍ଦ୍ଦେଶ ପାଳନ କରିବା ଦିଗରେ ଗୁରୁଦେବ, ଆପଣ (ଶ୍ରୀ ଶ୍ରୀମଦ୍ ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ ଶ୍ରୀପାଦ)ଙ୍କର ବିକ୍ତିତ୍ୱ ଅଗ୍ରଗଣ୍ୟ ଅଟେ । ଅର୍ଥାନ୍ତରେ ଶ୍ରୀଲ ପ୍ରଭୁପାଦ - ଶ୍ରୀପାଦଙ୍କ ଠାରେ ଅନେକ ମହାନ ବୈଷ୍ଣବୀୟ ଗୁଣ ଓ ବିଶେଷ କଳା କୌଶଳ ଦର୍ଶନ କରିଥିଲେ ବା ଶ୍ରୀଲ ପ୍ରଭୁପାଦଙ୍କ କୃପାରୁ ସେ ଏସବୁର ଅଧିକାରୀ ଥିଲେ । ତେଣୁ, ଶ୍ରୀଲ ପ୍ରଭୁପାଦ ଯେତେବେଳେ ଅନୁଭବ କଲେ ଯେ, ଧର୍ମ ଓ ବିଜ୍ଞାନ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରାଗଲେ ମାନବ ଜାତିର ଅଶେଷ କଲ୍ୟାଣ ହେବ ସେତେବେଳେ ଯଦିଓ ତା(ପ୍ରଭୁପାଦ)ଙ୍କ ନିକଟରେ ଅନେକ ଉତ୍ସର୍ଗୀକୃଷ୍ଣ ଭକ୍ତ ଥିଲେ, ତଥାପି ଏ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସେ ଶ୍ରୀପାଦ ମହାରାଜଙ୍କୁ ବାଛିଥିଲେ । ଯେ କି ଭାଗବତ ସଂସ୍କୃତିର ବାର୍ତ୍ତାବହ ସାଜି ଏ କଥା ବୈଜ୍ଞାନିକ ଓ ବିଦ୍ୱାନ୍‌ଙ୍କ ସମ୍ମୁଖରେ ଉପସ୍ଥାପନ କରିପାରିବ ।

ପରବର୍ତ୍ତି ପର୍ଯ୍ୟାୟରେ ଶ୍ରୀପାଦ ମହାରାଜ ଭକ୍ତିବେଦାନ୍ତ ଇନ୍‌ଷ୍ଟିଚ୍ୟୁଟ୍ ଗଠନ ମାଧମରେ ଅନେକବାର ବିଶ୍ୱସ୍ତରୀୟ ବୈଜ୍ଞାନିକ ସମ୍ମିଳନୀ ଡକାଇ ପ୍ରମାଣ କରିଛନ୍ତି ଯେ, ଭଗବାନଙ୍କର ବ୍ୟକ୍ତିତ୍ୱ ଅଛି; ଜୀବନର ଉତ୍ସ ଜୀବନ ବା ଜୀବନ ଜୀବନରୁ ସୃଷ୍ଟି, ଜଡ଼ ପଦାର୍ଥରୁ ନୁହେଁ । ଏହି ପରିପ୍ରେକ୍ଷିକୁ ନେଇ ଥରେ ଶ୍ରୀପାଦ ମହାରାଜ - ବୈଜ୍ଞାନିକ ମିଲରଙ୍କୁ ଚାଲେଞ୍ଜ କରିଥିଲେ ଯେ, "ଆପଣଙ୍କ କହିବା ଅନୁସାରେ ଯଦି ଜୀବତତ୍ତ୍ୱର ସମସ୍ତ ରାସାୟନିକ ପଦାର୍ଥ ଯୋଗାଇ ଦିଆଯାଏ, ଏକ ପରୀକ୍ଷା ନଳୀ ମଧରେ ଏସବୁର ବ୍ୟବହାର କରି ଗୋଟିଏ ଜୀବ ସୃଷ୍ଟି କରିପାରିବେ ।" ତାହା ମୁଁ ଜାଣେ ନା । ଏହିପରି ଅନେକ ବୈଜ୍ଞାନିକ ଓ ବିଦ୍ୱାନ୍‌ଗଣଙ୍କୁ ଶ୍ରୀଲ ଶ୍ରୀପାଦ ବିଭିନ୍ନ ପ୍ରକାର ଚାଲେଞ୍ଜ କରିଛନ୍ତି । ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ଯାଇ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ବିଭିନ୍ନ ଧର୍ମ ମଧରେ ସମନ୍ୱୟ ପ୍ରତିଷ୍ଠା କରିବାର ମାର୍ଗ ଶିକ୍ଷା ଦେଇଛନ୍ତି । ପ୍ରଭୁପାଦଙ୍କର ନିର୍ଦ୍ଦେଶ ଅନୁସାରେ ତ୍ରିପୁରା ଓ ମଣିପୁରଠାରେ ଦୁଇଟି ଭାଗବତ କଲ୍‌ଚର ଇଉନିଭରସିଟି ପ୍ରତିଷ୍ଠା ତଥା ମଣିପୁର ଇସ୍କନ୍ ମନ୍ଦିର ସମେତ କେତୋଟି ସାଂସ୍କୃତିକ କେନ୍ଦ୍ର ମଧ ପ୍ରତିଷ୍ଠା କରିଛନ୍ତି । ଜଡ଼ ବିଜ୍ଞାନକୁ ଆଧାର କରି ଅନେକ ଗୁଡିଏ ଧର୍ମଗ୍ରନ୍ଥ ସଙ୍କଳନ କରିଛନ୍ତି । କଥା କହିବା ସହଜ - ଶୁଣିବା ସହଜ କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଶ୍ରୀପାଦ ମହାରାଜ ଯେଉଁ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି, ସେ କଥା ଶ୍ରୀଲ ପ୍ରଭୁପାଦ ଜାଣନ୍ତି ଓ କୃଷ୍ଣ ଜାଣନ୍ତି । ଯେତେ ଦିନ୍ ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ଶ୍ରୀପାଦ ମହାରାଜଙ୍କୁ ଓ ତାଙ୍କ ହାତଗଢ଼ା ଏ ଭକ୍ତିବେଦାନ୍ତ ଇନ୍‌ଷ୍ଟିଚ୍ୟୁଟକୁ ବୁଝିନି, ସେତେଦିନ ପର୍ଯ୍ୟନ୍ତ ସେ ଶ୍ରୀଲ ପ୍ରଭୁପାଦଙ୍କୁ ଓ ତାଙ୍କ ହାତ ଗଢ଼ା ଏ ଇସ୍କନ୍‌କୁ ପୂର୍ଣ୍ଣ ରୂପରେ ବୁଝି ପାରିବ ନାହିଁ । ଯଦି ବୁଝି ପାରେ ସେ ଲକ୍ଷ ଲକ୍ଷ ଜୀବଙ୍କର ଉଦ୍ଧାର କର୍ତ୍ତା ହେବ । ଶ୍ରୀଲ ପ୍ରଭୁପାଦ କଥାକଥିତ ବୈଜ୍ଞାନିକ ଗଣଙ୍କୁ କୃଷ୍ଣଚେତନଶୀଳ ମାର୍ଗକୁ ଆଣିବା ନିମନ୍ତେ କଥା ପ୍ରସଙ୍ଗ କ୍ରମେ ଶ୍ରୀଲ ଗୁରୁଦେବଙ୍କୁ ଠିକ୍ ଏହିପରି କଥା କହିଛନ୍ତି :- "If you can convince one man, that will be sufficient to save millions." ବାସ୍ତବରେ ଜଣେ ବୈଷ୍ଣବଙ୍କର ହୃଦୟ କେତେ କୋମଳ, କେତେ ଦୟାର୍ଦ୍ର, ନିଜ ସୁଖ ବୋଲି କିଛି ନାହିଁ, ପର ଦୁଃଖେ ଦୁଃଖୀ, ସର୍ବଦା ଗୋଟିଏ ଚିନ୍ତା, ଅଜ୍ଞାନ ଜୀବଗଣଙ୍କୁ ଏ ଦୁଃଖପୂର୍ଣ୍ଣ ଅବସ୍ଥାରୁ କିପରି ସୁରକ୍ଷା ଦିଆଯିବ । ନିଜର ସ୍ୱଧାମ ପ୍ରତ୍ୟାବର୍ତ୍ତନର ଅଳ୍ପ କେତୋଟି ମୁହୂର୍ତ୍ତ ପୂର୍ବରୁ ଶ୍ରୀଲ ପ୍ରଭୁପାଦ ଏ କଥା ଶ୍ରୀଲ ଗୁରୁଦେବଙ୍କୁ କହୁଛନ୍ତି - "I want to make some human beings from animal civilization. This is my noble desire. I want you to know that." ବାସ୍ତବରେ ଜଣେ ଅତିନିକଟତମ ପ୍ରିୟ ଶିଷ୍ୟକୁ କଥା ପ୍ରସଙ୍ଗରେ ଏପରି ନିର୍ଦ୍ଦେଶ ଦିଆଯାଇପାରେ । ଏକଥା ଶ୍ରୀଲ ପ୍ରଭୁ ପାଦଙ୍କୁ ଭଲ ଜଣାଥିଲା, ତଦ୍ରୂପ ଶ୍ରୀଲ ଶ୍ରୀପାଦ-ଗୁରୁଙ୍କର ମନ କଥା ବୁଝିଲା ଭଳି ଚତୁର ଶିଷ୍ୟ ଥିଲେ । ତାହା ତାଙ୍କ କାର୍ଯ୍ୟବଳୀରୁ ଜଣାପଡ଼େ ।

ଶ୍ରୀବିଷ୍ଣୁ ଓ ବୈଷ୍ଣବମାନଙ୍କ କୃପା ଉପରେ ଶ୍ରୀପାଦ ମହାରାଜଙ୍କର ପୂର୍ଣ୍ଣ ଭରଶାଥିଲା । ସେ ଭଲ ଭାବରେ ବୁଝିଥିଲେ ଯେ, ଜୀବନର ଲକ୍ଷ ପୂରଣ ନିମିତ ଏତିକି ଯଥେଷ୍ଟ, ଆଉ ଅଧିକ କିଛି ନାହିଁ । ସେ (ଶ୍ରୀପାଦ) କହନ୍ତି - "ଜୀବନରେ ଅନେକ ସମସ୍ୟା ଆସିପାରେ; ଯଦି ମିଥ୍ୟା ଆତ୍ମଗର୍ବ ରହିତ ହୋଇ ଆମେ ବିନୟ ସହକାରେ

ସର୍ବଦା ବୈଷ୍ଣବଗଣଙ୍କର କୃପା ଓ ଭଗବାନଙ୍କର କୃପା ଭିକ୍ଷା କରିବା ତାହାହେଲେ ଯାବତୀୟ ବାଧାବିଘ୍ନ ସତ୍ୱେ ଆମେ ଆମର ଆଧ୍ୟାତ୍ମିକ ଯାତ୍ରା ସଫଳ କରିପାରିବା ।" ତେଣୁ ସେ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିରେ ବିଚଳିତ ହେଉ ନ ଥିଲେ, କି ଭାଙ୍ଗିପଡୁ ନଥିଲେ, ହିମାଦ୍ରି ପରି ଅଚଳ - ଅଟଳ ରହୁଥିଲେ ।

ଶ୍ରୀଲ ପ୍ରଭୁପାଦଙ୍କ ପରେ ଇସ୍କନ୍ ମ୍ୟାନେଜମେଣ୍ଟ ତା(ଶ୍ରୀପାଦ)ଙ୍କ ପାଇଁ ପୂର୍ବରୁ ସ୍ଥିରିକୃତ ଯେଉଁ ସାହାଯ୍ୟ ଦିଆଯିବାକଥା, ତାହା ଦେଇ ନଥିଲେ । ସହଯୋଗ ତ ଦୂରର କଥା ବରଂ କ୍ରୁର ପ୍ରତିବାଦ କରାଯାଇଥିଲା । ଏପରିକି ଶିଷ୍ୟମାନେ ନିଜ ଗୁରୁଙ୍କୁ ଯେପରି ସାହାଯ୍ୟ ଓ ସହଯୋଗ କରିବା କଥା ସେପରି କରି ନ ଥିଲେ, ତଥାପି, ପ୍ରଭୁପାଦ ତାଙ୍କୁ (ଶ୍ରୀପାଦଙ୍କୁ) ଯେଉଁ ସେବା ଦେଇଥିଲେ ସେଥିରେ ସେ ରତିଏ ବି ଆଳସ୍ୟ ଦେଖାଇ ନାହାଁନ୍ତି । ପ୍ରଭୁପାଦଙ୍କ କୃପାରୁ ପୃଥିବୀ ବାସୀଙ୍କ ସମ୍ମୁଖରେ ବହୁସମ୍ମାନର ସହିତ ଛିଡ଼ା କରାଇଛନ୍ତି ଭକ୍ତିବେଦାନ୍ତ ଇନ୍‌ଷ୍ଟିଚ୍ୟୁଟ୍ । ସ୍ୱଧାମ ପ୍ରତ୍ୟାବର୍ତ୍ତନ କରିଥିବା ସେ ମହାନ ସାଧୁ (ଶ୍ରୀପାଦ)ଙ୍କୁ କିଏ ଯଦି ଆଜି ଖୁସି କରାଇବାକୁ ଚାହୁଁଥାଏ, ତେବେ ସେ ଭକ୍ତିବେଦାନ୍ତ ଇନ୍‌ଷ୍ଟିଚ୍ୟୁଟ୍‌କୁ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ ଓ ସହଯୋଗ କରିବା ଦରକାର, ଏଥିରେ ପ୍ରଭୁପାଦ ଖୁସି ହେବେ ଓ ପୃଥିବୀ ବାସୀଙ୍କର ମଙ୍ଗଳ ହେବ । ଏ ଭକ୍ତିବେଦାନ୍ତ ଇନ୍‌ଷ୍ଟିଚ୍ୟୁଟ୍ - ଇସ୍କନ୍ ସହିତ ଦୀର୍ଘ ସ୍ଥାୟୀ ରହିବ; ପ୍ରଚାର କାର୍ଯ୍ୟ କରୁଛି - କରିବ । ଏହା ମୋର ଦୃଢ଼ ବିଶ୍ୱାସ ।

ଅନ୍ୟ ଏକ କଥା- ଶ୍ରୀଲ ଶ୍ରୀପାଦ ଜଣେ ବୈଜ୍ଞାନିକ ଥିଲେ - ସତ କିନ୍ତୁ ଜଡ଼ ବୈଜ୍ଞାନିକ ନଥିଲେ । He is a first and pure spiritual scientist in the world. ସେ ହେଉଛନ୍ତି ଏ ପୃଥିବୀର ସର୍ବପ୍ରଥମ ବିଶୁଦ୍ଧ ଗୌଡ଼ୀୟ ବୈଷ୍ଣବ ବୈଜ୍ଞାନିକ । ଜଡ଼ ବିଜ୍ଞାନ ଓ ଆଧ୍ୟାତ୍ମିକ ବିଜ୍ଞାନ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା କ୍ଷେତ୍ରରେ ସେ ହେଲେ ପ୍ରଥମ ବ୍ୟକ୍ତି । ୧୯୭୭ ଠାରୁ ୨୦୦୬ ପର୍ଯ୍ୟନ୍ତ ସେ ଭୁବନେଶ୍ୱର ଇସ୍କନ ମନ୍ଦିର ସହିତ ଓତପ୍ରୋତ ଭାବରେ ଜଡ଼ିତ ଥିଲେ । ଏ ମନ୍ଦିରର ଶିଳାନ୍ୟାସ ଉତ୍ସବରେ ସେ ପ୍ରଭୁପାଦଙ୍କ ସହିତ ଉପସ୍ଥିତ ଥିଲେ । ଦୀର୍ଘ ୧୦ ବର୍ଷ କାଳ ଏ ମନ୍ଦିରର ଗୁରୁ ଓ ଜି.ବି.ସି. ରୂପରେ ସେ ଶ୍ରୀଲ ପ୍ରଭୁପାଦଙ୍କର ପ୍ରତିନିଧିତ୍ୱ କରି ୫୦୦ରୁ ଅଧିକ ଶିଷ୍ୟ ଗ୍ରହଣ କରିଥିଲେ । ଶ୍ରୀଲ ଗୌରଗୋବିନ୍ଦ ମହାରାଜ ତାଙ୍କର ଜଣେ ଅତି ଅନ୍ତରଙ୍ଗ କନିଷ୍ଠ ଗୁରୁଭ୍ରାତା ଥିଲେ । ଦୁଇ ଗୁରୁ ଭ୍ରାତାଙ୍କ ମଧ୍ୟରେ ବିଶୁଦ୍ଧ ଭାତୃପ୍ରେମର ଆଦାନ ପ୍ରଦାନ ସର୍ବଦା ବଳବତ୍ତର ଥିଲା । ଏହାର ଅର୍ଥ ନୁହେଁ ଯେ ଶ୍ରୀପାଦ ମହାରାଜ ତାଙ୍କର ଅନ୍ୟ ଗୁରୁଭ୍ରାତାଙ୍କୁ ଭଲ ପାଉ ନଥିଲେ । ସେ ତାଙ୍କର ସବୁ ଗୁରୁ ଭାଇଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ଶ୍ରୀଲ ପ୍ରଭୁପାଦ କୁହନ୍ତି - "ସ୍ୱରୂପ ଦାମୋଦର ଜଣେ ଏମିତି ସୁନ୍ଦର ଭକ୍ତ ଯାହାର ସର୍ବଦା ସମସ୍ତଙ୍କ ସହିତ ବନ୍ଧୁତା ରଖିବା ଓ କାହା ସହିତ ଶତୃତା ନ କରିବା କଳା ରହିଛି । ତା'ର ବିରୁଦ୍ଧରେ କେହି କେବେ କିଛି କୁହନ୍ତି ନାହିଁ ।" ବାସ୍ତବରେ ଜଣେ ଭକ୍ତ ଏପରି ହେବା ଦରକାର, ଯାହାର ପ୍ରସଂଶା ନ କରି ଗୁରୁ ରହି ପାରନ୍ତି ନାହିଁ। ଅମାନିନା ମାନଦେନ ବୈଷ୍ଣବମାନଙ୍କ କଥା ଛାଡ କର୍ମୀଜନମାନେ ମଧ୍ୟ ଶ୍ରୀପାଦ ମହାରାଜଙ୍କର ଗୁଣଗାନ ନ କରି ରହି ପାରନ୍ତି ନାହିଁ ।

(ୟୁ.ଆର.ଆଇ (U.R.I.)ର ସଂସ୍ଥାପକ ୱିଲିୟମ୍ ଇ ସ୍ୱିଙ୍ଗ କୁହନ୍ତି :-)

ଡ. ସିଂହ (ଶ୍ରୀପାଦ ମହାରାଜ)ଙ୍କ ଆବିର୍ଭାବ ସକାଶେ ଭଗବାନଙ୍କୁ ଅଶେଷ ଧନ୍ୟବାଦ । ଡ. ସିଂହ ଆପଣଙ୍କର ୭୫ତମ ଜନ୍ମ ଦିବସରେ ଆପଣଙ୍କୁ ମୋର ହାର୍ଦ୍ଦିକ ଶୁଭ କାମନା ଜଣାଉଛି । ଆପଣ କେବଳ ନିଜ ସମ୍ପ୍ରଦାୟର ଜଣେ ବହୁ ସମ୍ମାନାସ୍ପଦ ଓ ବାସ୍ତବ ଧର୍ମପଥ ପ୍ରଦର୍ଶକ ଅଟନ୍ତି, ତାହା ନୁହେଁ, ବରଂ ଆପଣ ଜଣେ ଗଭୀର ଆତ୍ମବିଶ୍ୱାସୀ ଧାର୍ମିକ ନେତା, ସମଗ୍ର ବିଶ୍ୱରେ ଆପଣଙ୍କର ସେ ଉଚ୍ଚ ସମ୍ମାନ ଅଛି । ବିଭିନ୍ନ ମତବାଦ ଉପରେ ବିଶ୍ୱାସ ରଖିଥିବା ଲୋକମାନଙ୍କୁ ଏକତ୍ରିତ କରିବାରେ ଆପଣ ପ୍ରଥମ ବ୍ୟକ୍ତି ଅଟନ୍ତି । ୟୁ.ଆର.ଆଇ. ଆପଣଙ୍କୁ ଜଣେ ଅନ୍ତରଙ୍ଗ ବନ୍ଧୁ ଭାବରେ ଗ୍ରହଣ କରେ ।"

ଜେନ୍‌ମାଷ୍ଟର, ଯେକ୍ ଅର୍ଡର ଅଫ୍ କେରିଏନ୍ ବୁଦ୍ଧିଜିମ୍ - ଭେନ୍, ଜିନ୍‌ୱଲ୍.ଲୀ କୁହନ୍ତି - " ମୁଁ ବିଶ୍ୱାସ କରୁଛେ ଯେ ବିଭିନ୍ନ ଆଧ୍ୟାତ୍ମବିତ୍‌ଙ୍କ ସହିତ ଡ.ଟି.ଡ଼ି. ସିଂହ (ଶ୍ରୀପାଦ)ଙ୍କ ବନ୍ଧୁତା, ବିଶ୍ୱର ବିଭିନ୍ନ ମାନବ ସମାଜ ମଧ୍ୟରେ ଶାନ୍ତି ଓ ପ୍ରେମର ଉତ୍‌ଥାନ ନିମନ୍ତେ ଏକ ଦୃଷ୍ଟାନ୍ତ ହୋଇ ରହିବ ।"

କଲୋରାଡୋ ଷ୍ଟେଟ୍ ୟୁନିଭରସିଟି, କଲୋରାଡୋ, ୟୁ.ଏସ୍.ଏ. ପ୍ରୋ ଜଗଦୀଶ ଶ୍ରୀବାସ୍ତବ କୁହନ୍ତି-

"ଶ୍ରୀପାଦ ମହାରାଜଙ୍କ ବିବିଧ କାର୍ଯ୍ୟାବଳୀକୁ ଦେଖି ଜଣେ କହିପାରେ ଯେ ସେ ଏକ ବ୍ୟକ୍ତି ନୁହନ୍ତି । ସେ ଜନ ସମୂହ ଅଟନ୍ତି ।"

ଗୁରୁଦେବ, ପୃଥିବୀର ଅସଂଖ୍ୟ ଲୋକ ଆପଣଙ୍କର ଗୁଣଗାନ କରି କରି ଆପଣଙ୍କୁ ଖୋଜୁଛନ୍ତି । ମୋର ତ ସେମିତି କିଛି ଗୁଣ ନାହିଁ, ଯେ ମୁଁ ଆପଣଙ୍କର ଗୁଣଗାନ କରିବି । ଯେଉଁମାନେ ଆପଣଙ୍କର କିଛି କିଛି ଗୁଣଗାନ କରିଛନ୍ତି ସେମାନଙ୍କ ମଧ୍ୟରୁ କେତେ ଜଣଙ୍କର କଥାକୁ ମୁଁ ପୁନରାବୃତ୍ତି କରିଛି । ସେଥିପାଇଁ ମତେ କ୍ଷମା କରିବେ । ଆପଣ ଶ୍ରୀଲ ରଘୁନାଥ ଗୋସ୍ୱାମୀ, ରୂପ ଗୋସ୍ୱାମୀ ଓ ସନାତନ ଗୋସ୍ୱାମୀଙ୍କ ପରି ରାଜକୀୟ ପୂଜା, ପ୍ରତିଷ୍ଠା ଓ ଭୋଗକୁ ମଳବତ୍ ତ୍ୟାଗକରି ପ୍ରଭୁପାଦଙ୍କର ଚରଣାରବିନ୍ଦରେ ପ୍ରପନ୍ନ ହୋଇଛନ୍ତି । ଇସ୍କନ ସାଧୁମାନଙ୍କର ଯେଉଁମାନେ ନିନ୍ଦାଗାନ କରନ୍ତି ସେମାନଙ୍କ ପାଇଁ ଆପଣ ଏକ ଶିକ୍ଷାର ଦୃଷ୍ଟାନ୍ତ ଯେ, ଇସ୍କନ ସାଧୁମାନଙ୍କର ତ୍ୟାଗ ମନଭାବ କି ମହାନ୍ ।"

(ହରେକୃଷ୍ଣ)

**ଆପଣଙ୍କର ନଗଣ୍ୟ ଦାସ**

**ବିଶାଳ ଦାସ**

●

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

ଆପଣଙ୍କର ୭୨ତମ ପୂଣ୍ୟ ଆବିର୍ଭାବ ତିଥିରେ ଏ ଅଧମ ଆପଣଙ୍କର ପାଦପଦ୍ମରେ କୋଟି କୋଟି ଦଣ୍ଡବତ ପ୍ରଣାମ ଅର୍ପଣ କରୁଅଛି । ଉପସ୍ଥିତ ସମସ୍ତ ବୈଷ୍ଣବ ଭକ୍ତବୃନ୍ଦଙ୍କୁ ମୋର ପ୍ରଣାମ ଜଣାଉଛି । ଗୁରୁଦେବ ମୁଁ ସବୁଠୁଁ ପତିତ ଏକ ଦୁଃଖୀ । ତଥାପି ଆପଣ ମୋତେ ଆପଣଙ୍କର ପାଦପଦ୍ମରେ ସ୍ଥାନ ଦେଇଥିବାରୁ ମୁଁ ନିଜକୁ ବଡ଼ ଭାଗ୍ୟବାନ ବୋଲି ମନେ କରୁଛି । ଆପଣଙ୍କର ଗୁଣଗାନ କରିବାକୁ ମୋର କୌଣସି ଯୋଗ୍ୟତା ନାହିଁ। ଆପଣ କୃଷ୍ଣଙ୍କର ନିଜ ଜନ ମୁକୁନ୍ଦ ପ୍ରେଷ୍ଠ । ଆପଣ ଭଗବାନ କୃଷ୍ଣଙ୍କର ପ୍ରତିନିଧି । ଆପଣ କୃପା କରନ୍ତୁ ଯେପରି ସଦାସର୍ବଦା ଆପଣଙ୍କର ଭକ୍ତି ପଥରେ ନିରନ୍ତର ଚାଲୁଥିବି । ଆପଣଙ୍କ ପାଖରେ ମୋର ଏତିକି ନିବେଦନ, ଗୁରୁଦେବ ଆପଣ ନିଜର ମହନୀୟ ଗୁଣରେ ଏ ପାପୀର ସମସ୍ତ ଅପରାଧ ମାର୍ଜନା ପୂର୍ବକ ମୋତେ ଆପଣଙ୍କର କୃପାଦୃଷ୍ଟି ଭିତରେ ରଖି ଏ ଭୃତ୍ୟର ହୃଦୟକୁ ସର୍ବଦା ଶୋଧନ କରନ୍ତୁ। ଜନ୍ମଜନ୍ମାନ୍ତର ଧରି ଆପଣଙ୍କର ସଙ୍ଗ ଓ ସେବା ଏ ଦାସାଧମକୁ ପ୍ରାପ୍ତ ହେଉଥାଉ । ଏହାହିଁ ଏ ଶୁଭ ଦିନରେ ଆପଣଙ୍କର ଶ୍ରୀ ଚରଣରେ ମୋର ଅନ୍ତିମ ନିବେଦନ ।

ଜୟ ପରମପୂଜ୍ୟ ଶ୍ରୀ ଶ୍ରୀମଦ୍ ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ ଗୁରୁମହାରାଜ କି ଜୟ ।

*ଆପଣଙ୍କର ଅଧମ*
**ବଲ୍ଲଭ ଆଚାର୍ଯ୍ୟ ଦାସ**

•

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

ପରମ ଆରାଧ୍ୟ ଶ୍ରୀଲଗୁରୁଦେବ !

ଆଜି ଆପଣଙ୍କର ୭୨ତମ ଆବିର୍ଭାବ ତିଥିରେ ଏ ଅଧମ ଦାସର ଶତକୋଟି ଦଣ୍ଡବତ ପ୍ରଣାମ ଗ୍ରହଣ କରିବେ । ହେ ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ ଆପଣଙ୍କ ଭଳି ଜଣେ ଶୁଦ୍ଧ ସାଧୁ ଗୁରୁ ବୈଷ୍ଣବଙ୍କର କିପରି ଗୁଣଗାନ କରାଯାଏ ତାହା ମୋତେ ଜଣାନାହିଁ ।

ବୈଷ୍ଣବେର ଗୁଣଗାନ
କରିଲେ ହୟ ଜୀବେର ତ୍ରାଣ
ସୁନିଆଛି ସାଧୁଗୁରୁମୁଖୁ ।

ଏ ଭବସାଗରରୁ ଉଦ୍ଧାର ପାଇବାକୁ ହେଲେ ସାଧୁ ଗୁରୁଙ୍କର କୃପା ଅପରିହାର୍ଯ୍ୟ । ସାଧୁଗୁର ବୈଷ୍ଣବଙ୍କର ଗୁଣଗାନ କରିବା ଉଚିତ ।

ଶ୍ରୀଲ ଗୁରୁଦେବ

ଆପଣଙ୍କର ଅଚିନ୍ତ୍ୟ ଦିବ୍ୟ ଗୁଣାବଳିକୁ ବର୍ଣ୍ଣନା କରିବାକୁ ଏ ଅଧମର କୌଣସି ଯୋଗ୍ୟତା ନାହିଁ । ଯଦି ଆପଣ ତିଳେମାତ୍ର କୃପା କରିବେ ତାହା ହେଲେ ମୁଁ ଆପଣଙ୍କର ଗୁଣଗାନ କରିବାରେ ସମର୍ଥ ହେବି ।

ଗୁରୁଦେବ ଆପଣ ଭଗବାନ ଶ୍ରୀକୃଷ୍ଣଙ୍କ ନିତ୍ୟ ପାର୍ଷଦ । ଗୌରପ୍ରିୟଜନ, ରାଧାପ୍ରିୟ ସଖୀ ଏବଂ ନିତ୍ୟାନନ୍ଦ ମହାପ୍ରଭୁଙ୍କ ପ୍ରକାଶ ବିଗ୍ରହ ଅଟନ୍ତି । ଗୁରୁଦେବ ଆପଣ ଗୋଲକ ବୃନ୍ଦାବନରେ ନିତ୍ୟ ଲିଳାରେ ରହିଥିଲେ ମଧ୍ୟ, ଶ୍ରୀମାନ ଚୈତନ୍ୟ ମହାପ୍ରଭୁଙ୍କ ବାଣି ପ୍ରଚାର ଏବଂ ପତିତ ଜୀବମାନଙ୍କୁ ଉଦ୍ଧାର କରିବା ପାଇଁ ଏ ଧରାଧାମକୁ ଅବତରଣ କରିଛନ୍ତି । ଆପଣ ଦୟାର ସାଗର ହୋଇଥିବାରୁ ମୋ ଭଳି ପାପି ନିଚ ଚେତନଶୀଳ ବଦ୍ଧଜୀବକୁ ଗ୍ରହଣ କରିଛନ୍ତି । ଆପଣଙ୍କୁ ଦର୍ଶନ କରି ଅତ୍ୟନ୍ତ ପାପପୂର୍ଣ୍ଣ କଟାଉଥିବା ଜୀବନ ମଧ୍ୟ ପବିତ୍ର ହୋଇଯାଏ। ନରୋତ୍ତମ ଦାସ ଠାକୁର ପ୍ରାର୍ଥନାରେ ଲେଖିଛନ୍ତି ।

ଗଙ୍ଗାର ପରଶେ ହେଇଲ ପଶ୍ଚାତେ ପାବନ ।
ଦର୍ଶନେ ପବିତ୍ର କର ଏ ତୋ ମାର ଗୁଣ ।।

ଅର୍ଥାତ୍ - ଗଙ୍ଗା ସ୍ନାନ କରିସାରିବା ପରେ ବ୍ୟକ୍ତି ପବିତ୍ର ହୋଇଥାଏ କିନ୍ତୁ ଆପଣଙ୍କ ଦର୍ଶନ ମାତ୍ରେ ବ୍ୟକ୍ତି ପବିତ୍ର ହୋଇଯାଏ ।

ଶ୍ରୀଲ ଗୁରୁଦେବ

ଏହି ଦୁଃଖ, ପୂର୍ଣ୍ଣ ଭୌତିକ ସାଗରରୁ ଆମ୍ଭମାନଙ୍କୁ ଉଦ୍ଧାର କରିବା ନିମିତ ଆପଣ ଦକ୍ଷ ନାବିକ ଅଟନ୍ତି । ଯେ ପର୍ଯ୍ୟନ୍ତ ଜଣେ ଗୁରୁ ଗୌରାଙ୍ଗଙ୍କର କୃପାଲାଭ କରିନାହିଁ ସେ ପର୍ଯ୍ୟନ୍ତ ସେ ଦୁଃଖ ପୂର୍ଣ୍ଣ ଭୌତିକ ଜଗତରୁ ଉଦ୍ଧାର ପାଇ ପାରିବ ନାହିଁ ।

ବ୍ରହ୍ମାଣ୍ଡ ଭ୍ରମିତେ କୋନ ଭାଗ୍ୟବାନ ଜୀବ
ଗୁରୁକୃଷ୍ଣ ପ୍ରସାଦ ପାଏ ଭକ୍ତି ଲତା ବୀଜ ।

ବଦ୍ଧ ଜୀବ ଅନନ୍ତ କୋଟି ବ୍ରହ୍ମାଣ୍ଡରେ ଘୁରି ବୁଲେ ଏବଂ ଅନନ୍ତ କୋଟି ଜୀବ ଯୋନିରେ ଭ୍ରମଣ କରି କେବଳ ଦୁଃଖ, କଷ୍ଟ ଗୋଭ କରେ । ସେ ସୁଖର ସନ୍ଧାନ ପାଏ ନାହିଁ । ଯେପରି ମହୁମାଛି ସର୍ବତ୍ର ଭ୍ରମଣ କରେ, କେତକି ଫୁଲର ସୁଗନ୍ଧରେ ଆକୃଷ୍ଟ ହୋଇ ସେଠାକୁ ଯାଏ କିନ୍ତୁ କେତକି ଗଛର କଣ୍ଟା ଥାଏ, ଏକଥା ତାକୁ ଜଣା ନଥାଏ ଯାହା ଫଳରେ ସେ କ୍ଷତ ବିକ୍ଷତ ହୋଇ କଷ୍ଟ ପାଏ । ସେ ଭାବିବ, ସେ କେଉଁଠାକୁ ଯିବ, କେଉଁଠାରେ ଆଶ୍ରୟ ନେବ । ଶେଷରେ ବହୁ ପୁଷ୍ପ ଭ୍ରମଣ କରି ପଦ୍ମ ପୁଷ୍ପ ପାଖକୁ ଯାଏ । ଏବଂ ଯନ୍ତ୍ରଣାର ଉପସମ ନିମିତ ସେଠାରେ ବିଶ୍ରାମ ନିଏ । ପଦ୍ମ ପୁଷ୍ପ ମଧ୍ୟ ତାକୁ ଆନନ୍ଦ ଓ ଆଶ୍ରୟ ପ୍ରଦାନ କରେ ।

ଠିକ୍ ସେହିପରି ବଦ୍ଧଜୀବ ଅନନ୍ତ କୋଟି ବ୍ରହ୍ମାଣ୍ଡରେ ଘୁରିବୁଲେ ଏବଂ ଅନନ୍ତ କୋଟି ଜୀବ ଯୋନିରେ ଭ୍ରମଣ କରେ ଦୁଃଖ, କଷ୍ଟ ଲାଭ କରେ ଏବଂ ସର୍ବ ଶେଷରେ ଭାଗ୍ୟବାନ ଜୀବ ଶ୍ରୀଗୁରୁ ଦେବଙ୍କ ପାଦପଦ୍ମର ଶୀତଳ ଛାୟାରେ ଆଶ୍ରୟ ନିଏ । ଫଳରେ ସେ ଦୁଃଖ କ୍ଲେଶ ଜ୍ୱାଳାରୁ ମୁକ୍ତହୁଏ । ଯେପରି ପଦ୍ମ ପୁଷ୍ପରୁ ମହୁ ମାଛି ମହୁ ସଂଗ୍ରହ କରେ ଠିକ୍ ସେହିପରି ଜୀବ ଗୁରୁଦେବଙ୍କ ପାଦ ପଦ୍ମରୁ କୃଷ୍ଣ ପ୍ରେମାନନ୍ଦ ଲାଭ କରେ। ଶେଷରେ ଆପଣଙ୍କର ଅପାର କରୁଣାର ଆଶାରେ ରହିଲି, ଯାହାକି ଶ୍ରୀଗୁରୁ ପାଦପଦ୍ମ ଚିନ୍ତନ, ମନନ ଓ କିର୍ତ୍ତନ । ଏହା ହିଁ କାମ୍ୟ ।

ଆପଣଙ୍କର ଅଧମ ଦାସ

**ଗୋବର୍ଦ୍ଧନଧାରୀ ଦାସ**

•

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

ପରମ ପୂଜ୍ୟ ବୈଷ୍ଣବ ଶିରୋମଣି ଶ୍ରୀଲ ଗୁରୁଦେବ

ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ପାଦପଦ୍ମରେ ଏ ଅଧମ ଭକ୍ତିର ସାଷ୍ଟାଙ୍ଗ ଦଣ୍ଡବତ ଜଣାଉଛି । ଆଜି ପବିତ୍ର ଓଢ଼ଣୀ ଷଷ୍ଠୀ, ଏହି ପବିତ୍ର ଦିବସରେ ଆପଣଙ୍କ ପରି ମହାନ ଭକ୍ତଙ୍କର ଏହି ଧରାଧାମରେ ଆବିର୍ଭାବ । ସତରେ, ଗୁରୁଦେବଙ୍କର ଶିଷ୍ୟଗଣଙ୍କ ସହ ପୁରୀ ବଡ଼ଦାଣ୍ଡରେ ଉଦ୍ଦଣ୍ଡ କିର୍ତ୍ତନ ଜଣାଇଦିଏ ଯେ ଜଗନ୍ନାଥଙ୍କ ସହ ତାଙ୍କର ନିବିଡ ସମ୍ପର୍କ ଅଛି । ତାହା ସହିତ ତାଙ୍କର ଏହି ଭକ୍ତିପୂର୍ଣ୍ଣ କିର୍ତ୍ତନ ପ୍ରତ୍ୟେକ ଶିଷ୍ୟ ମନରେ ଶ୍ରୀମନ୍ ମହାପ୍ରଭୁଙ୍କର ସେହି ଦିବ୍ୟଲୀଳା ସ୍ମୃତିଚାରଣ କରେ ।

ପରମ ପ୍ରେମମୟ ହେ ଗୁରୁଦେବ

ପରମ କୃପାମୟ ହେ ଗୁରୁଦେବ ।

ଜୀବେର କଲ୍ୟାଣ ପାଇଁ ଆବିର୍ଭାବ ହେଲ

ପ୍ରକଟ ଲୀଳାରେ ତୁମେ ଜୀବ ଉଦ୍ଧାରୀଲ ।

ଯୋଗେନ୍ଦ୍ରନନ୍ଦନ ହେ ଗୁରୁଦେବ

ଜାହ୍ନବୀ ଜୀବନ ହେ ଗୁରୁଦେବ ।

ଗୌର ଗୋବିନ୍ଦଙ୍କ ସାଥେ ମିଳନ ହୋଇଲେ

ତାଙ୍କର ଅଧୁରା କାର୍ଯ୍ୟ ପୁରଣ କରିଲେ ।

ଆଚାର୍ଯ୍ୟ ଶିରୋମଣୀ ହେ ଗୁରୁଦେବ

ପରମ ବୈଷ୍ଣବ ହେ ଗୁରୁଦେବ ।

ଚର୍ତ୍ତୁବେଦ କରେ ତବ ଜୟ ଜୟ କାର

ଗୌରପ୍ରିୟ ଜନ ତୁମେ କରୁଣା ଅପାର ।

ନିତ୍ୟାନନ୍ଦେର ପ୍ରକାଶ ହେଗୁରୁଦେବ

ରାଧାରାଣୀ ପ୍ରୀୟସଖୀ ହେ ଗୁରୁଦେବ ।

ଗୌରଲୀଲା ନିଳାଚଳେ ପ୍ରକାଶ କରିଲ

ସର୍ବଜୀବେ ନାମାମୃତ ପାନ କରାଇଲ ।

ପ୍ରେମର ବାରିଧି ହେ ଗୁରୁଦେବ

କରୁଣାର ସାଗର ହେ ଗୁରୁଦେବ ।

ତୁମେ ଭକ୍ତି ତୁମେ ମୁକ୍ତି ତୁମେ ପ୍ରେମ ଦାତା

ମଣୀପୁର ମଣୀ ତୁମେ ଉଦ୍‌ଧାର କରତା ।

ଭକତ ଶିରୋମଣୀ ହେ ଗୁରୁଦେବ

ସର୍ବଜନପ୍ରୀୟ ତୁମେ ହେ ଗୁରୁଦେବ ।

ଆପଣଙ୍କର ଦାସାନୁଦାସ

**ନିତାଇପଦକମଳ ଦାସ**

ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥
ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥

ପରମ ଆରାଧ୍ୟ ଗୁରୁଦେବ

ଆଜିର ଏହି ପବିତ୍ର ଉତ୍ସବରେ ଆପଣଙ୍କ ପାଦପଦ୍ମରେ ଶତକୋଟି ପ୍ରଣାମ ରାମଚରିତ ମାନସରେ ତୁଳସୀ ଦାସ କହନ୍ତି -

"ବନ୍ଦଉଁ ଗୁରୁପଦ ପଦୁମ ପରାଗା
ସୁରୁଚି ସୁବାସ ସରସ ଅନୁରାଗା
ଗୁରୁପଦ ରଜ ମୃଦୁ ମଞ୍ଜୁଲ ଅଞ୍ଜନ
ନୟନ ଅମିୟ ହୃଦଦୋଷ ବିଭଞ୍ଜନ"

ଅର୍ଥାତ, ଗୁରୁଦେବଙ୍କର ଚରଣ କମଳ ରଜ କୋମଳ ଓ ସୁନ୍ଦର ନୟନାମୃତାଞ୍ଜନ ପରି ଯାହା ଚକ୍ଷୁର ଦୋଷକୁ ନାଶ କରେ ।

ସେହି ମହିମାମୟ ଗୁରୁଦେବଙ୍କର ଅନନ୍ତ ଗୁଣାବଳୀକୁ ଆଲୋକପାତ କରିବା ମୋଭଳି ପତିତ ପକ୍ଷେ ଏକ ଧୃଷ୍ଟତା ମାତ୍ର ।

ସ୍ୱୀୟ ଗୁରୁଦେବ ପ୍ରଭୁପାଦ ମହାରାଜଙ୍କର ଆଦେଶକୁ ସାକାର କରିବା ପାଇଁ, ବିଶ୍ୱରେ ବହୁବାର ବିଜ୍ଞାନ ଭିତ୍ତିକ ସେମିନାର ମାନ ଅନୁଷ୍ଠିତ କରାଇ ଅଗଣିତ Scienrst ଓ technocrats ମାନଙ୍କୁ କୃଷ୍ଣଚେନାରେ ଉଦ୍‌ବୁଦ୍ଧ କରିବାର ଏକ ଗୁରୁ ଦାୟିତ୍ୱ ଆଜି ବାସ୍ତବତାର ରୂପ ନେଇଛି । ଏଭଳି ଏକ କ୍ଷେତ୍ର 'ଶ୍ରୀ ରଘୁନନ୍ଦନ ଧାମ' ମହାନଦୀର ତଟଦେଶର ବୁର୍ଲା ଠାରେ ଆଜି ଗଢ଼ି ଉଠିଛି । Engineering ଓ Medical ଛାତ୍ରମାନଙ୍କର ଉତ୍ସାହ ଓ ଯୋଗଦାନ ଏବଂ ଅଗଣିତ ଜନସାଧାରଣଙ୍କର କୃଷ୍ଣ ଚେତନାପ୍ରତି ଆର୍କଷଣ- ଗୁରୁଦେବଙ୍କର ଦିବ୍ୟ ଅପ୍ରକଟ ଲୀଳାର ଅଂଶ ରୂପେ ପ୍ରତିଭାତ ହୁଏ ।

ଗୁରୁଦେବ, ମୋଭଳି ପତିତ, ଅଧମର ଦୋଷ କ୍ଷମା କରନ୍ତୁ । ଆପଣଙ୍କ ଅସୀମ କୃପାକୁ ପାଥେୟ କରି ନିତି ଗାଉଥିବି ।

ତବ କୃପା କଣ ଆମାର ସମ୍ବଳ
ତବ କୃପା ବିନା ନାହିଁ ଅନ୍ୟବଳ

କୃପା କର ପ୍ରଭୁ ଦିଅ ଚିତ୍‌ବଳ
ଦାସ ତୋମା ପ୍ରାଣମୟ
ଓ ହେ ଗୁରୁଦେବ ! ତବ ଶ୍ରୀଚରଣ
ସେବି ଯେନ ଆମି ଜନମ ଜନମ
ଏହି ଆଶୀର୍ବାଦ ଯାଚି ଅଭାଜନ
ତବ ପାଦେ ସ୍ଥାନତ୍ୱୟ
ଗୁରୁଦେବ ଦୟାମୟ ।

ଆପଣଙ୍କର ଅଧମ ଦାସାନୁଦାସ

**ଅଚ୍ୟୁତାନନ୍ଦ ଦାସ**

•

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।*
*ଚକ୍ଷୁରୁନ୍ମୀଲିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

ପରମ ଆରାଧ୍ୟତମ ଶ୍ରୀଲ ଗୁରୁଦେବ !

ଆଜି ବାତ୍ସରୀତମ ଶୁଭ ପବିତ୍ରତମ ଆବିର୍ଭାବ ତିଥିରେ ଏ ଅଧମ ପାମର ଆପଣଙ୍କର ଶ୍ରୀଚରଣ କମଳରେ ଶତକୋଟି ଭକ୍ତିପୂତ ପ୍ରଣାମ ଦଣ୍ଡବତ ଜଣାଉଅଛି । ଏବଂ ଏହି ଶୁଭ ଅବସରରେ ଏଠାରେ ଯୋଗଦାନ କରିଥିବା ସମସ୍ତ ଗୁରୁଭ୍ରାତା ଓ ଗୁରୁଭଗ୍ନୀମାନଙ୍କୁ ମୋର ଆନ୍ତରିକ ଦଣ୍ଡବତ ପ୍ରଣାମ ଜଣାଉଅଛି। ଆଜିର ଏହି ମହାନ୍ ଦିବସରେ ଆପଣଙ୍କ ପରି ମହାଭାଗବତଙ୍କର ଗୁଣକୀର୍ତ୍ତନ କରିବା ବଡ଼ ସୌଭାଗ୍ୟର କଥା । କିନ୍ତୁ ମୋ ପରି ମୂଢ଼, ଅଜ୍ଞାନ, ନରାଧାମ, ପାପିଷ୍ଠ, ପାମର ନିତ୍ୟବଦ୍ଧାବସ୍ଥାରେ ଅବସ୍ଥାନ କରିଥିବା ପତିତାଧମ କର୍ତ୍ତବ୍ୟ ଜ୍ଞାନରେ କିଛି ଗୁଣ କୀର୍ତ୍ତନ କରିବା, କେବେ ବି ସମ୍ଭବ ନୁହେଁ । ତେଣୁ ଆପଣଙ୍କ ଲେଶ ମାତ୍ର କୃପା ହିଁ ଏକାନ୍ତ ପ୍ରୟୋଜନ । ତଦ୍ୱାରା ଏ ପାପିଷ୍ଠ ଆପଣଙ୍କର ଅଚିନ୍ତନୀୟ, ଅସୀମ ଓ ଅନନ୍ତ ଗୁଣାବଳୀରୁ କିଛିଟା ବର୍ଣ୍ଣନା କରିବାକୁ ସମର୍ଥ ହେବ ।

ହେ ଗୁରୁଦେବ । ଆଜିଭଳି ପବିତ୍ର ଜଗନ୍ନାଥଙ୍କର ଓଢ଼ଣ ଷଷ୍ଠୀ ତିଥିରେ ପତିତ ଉଦ୍ଧାର ପାଇଁ ମଣିପୁରର ବବ୍ରୁବାହନ ବଂଶରେ ଏକ ମହାନ୍ ବୈଷ୍ଣବ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଶ୍ରୀ ଜଗନ୍ନାଥଙ୍କର ଓଢ଼ଣ ଷଷ୍ଠୀ ଯେପରି ମହାନ୍ ଓ ପବିତ୍ର ସେପରି ଆପଣଙ୍କର ହୃଦୟ କୋଟି ସୁଶୀତଳ ଓ କୋମଳ । ଆପଣଙ୍କର ସଦାସ୍ମିତ ହାସ୍ୟ, ପିତୃପ୍ରତିମ ସ୍ନେହ, ମଧୁର ସ୍ୱରରେ କୀର୍ତ୍ତନ ଏବଂ ସର୍ବୋପରି ଭାବ ବିହ୍ୱଳରେ ବିର୍ଯ୍ୟବତୀ ହରିକଥା ମୋର ହୃଦୟରେ ଅଭୁଲା ସ୍ମୃତି ହୋଇଯାଇଛି । ଆପଣ ହେଉଛନ୍ତି କରୁଣାର ସାଗର । ଦୟାର ଠାକୁର । ଆପଣଙ୍କ ବ୍ୟତିରକେ ଏ ବଦ୍ଧଜୀବର ମୁକ୍ତି ନାହିଁ । ହେ ଗୁରୁଦେବ । ଏ ଅଧମକୁ ପ୍ରଦାନ କରିଥିବା ଆଦେଶକୁ

ସୁସ୍ଥୁରୁପେ ତୁଲାଉ ନାହିଁ । ଭବମାୟା ସାଗରରେ ପଡି ଉବୁଟୁବୁ ହେଉଛି । ଆପଣ ଯେତେ ହାତ ବଢ଼େଇ ଏ ପାପାତ୍ମକୁ ଉଦ୍ଧାର କରିବାକୁ ଚାହିଁଲେ ସୁଦ୍ଧା ଏ ପାମର ଏତେ ପାପକ୍ଲିଷ୍ଟରେ ଜଡିତ ଯେ ଆପଣଙ୍କ ସ୍ୱ-ହସ୍ତରୁ ଏ ଅଧମର ହାତ ଖସିପଡୁଛି। ମୋତେ କୃପା କରି ଏ ମାୟା ମୋହ ଜଞ୍ଜାଳରୁ ମୁକ୍ତ କରାନ୍ତୁ ଏବଂ ସଦାସର୍ବଦା ଯେପରି ଆପଣଙ୍କର ଚରଣାରବିନ୍ଦରେ ଲକ୍ଷ୍ୟ ରଖି ଠିକ୍ ଠିକ୍ ଭାବରେ ଆପଣ ଦେଇଥିବା ନୀତିନିୟମକୁ ପାଳନ କରିବି ତାହା ଅନ୍ତଃହୃଦୟରେ ବସି କୃପା କରନ୍ତୁ ।

ହେ ଗୁରୁଦେବ ! ମୋର ବୈଷ୍ଣବ ହେବା ଆଦୌ ଯୋଗ୍ୟତା ନାହିଁ । କିନ୍ତୁ କୃପା କରି ଏ ଅଧମ ପ୍ରତି ବୈଷ୍ଣବ କରାଇଛନ୍ତି । ମୋତେ ଏ ଗୁରୁ ଦାୟିତ୍ୱ ଦେଇଛନ୍ତି । ତେଣୁ ଆପଣଙ୍କର ସାନ୍ନିଧ ବା ଉପସ୍ଥିତି ସର୍ବଦା ପ୍ରୟୋଜନ । "ଚକ୍ଷୁଦାନ ଦିଲ ଯେଇ ଜନ୍ମେ ଜନ୍ମେ ପ୍ରଭୁ ସେଇ, ଦିବ୍ୟ ଜ୍ଞାନ ହୃଦେ ପ୍ରକାଶିତ ।" ଆପଣ ମୋର ଜନ୍ମ ଜନ୍ମାନ୍ତର ଧରି ପ୍ରଭୁ ଅଟନ୍ତି । ଆଜି ମୋର ଏହି ଆଧାତ୍ମିକ କ୍ଷେତ୍ରରେ ଯାହା ଉନ୍ନତି ହୋଇଛି, ତାହା ଆପଣଙ୍କ ଯୋଗୁଁ ହୋଇଛି । ତାହା ଅବଶ୍ୟ ମୁଁ ମର୍ମେ ମର୍ମେ ହୃଦୟଙ୍ଗମ କରିପାରୁଛି । ଆପଣ କୃପା ବଶତଃ ଏ ଅଧମକୁ ଦୀକ୍ଷା ଦେବାବେଳେ "ବୈଷ୍ଣବାନନ୍ଦ" ନାମରେ ଭୂଷିତ କରି ଦୀକ୍ଷା ନାମ ଦେଇଥିଲେ । ହେ ପତିତ ପାବନ ଗୁରୁଦେବ ନାମ ସିନା ମୋର ହେଲା ବୈଷ୍ଣବାନନ୍ଦ - ବୈଷ୍ଣବମାନଙ୍କୁ ଯେ ଆନନ୍ଦ ଦିଏ । କିନ୍ତୁ ଏ ଅଧମର ଗୁଣ, କର୍ମ, କାର୍ଯ୍ୟ ଭିନ୍ନ । ସାଧୁ, ଗୁରୁ ବୈଷ୍ଣବଙ୍କ ଠାରେ ଦୋଷ ଦେଖିବା ହିଁ ସାର ହୋଇଛି। ଈର୍ଷା-ଦ୍ୱେଷ ହୃଦୟରେ ଜମି ରହିଛି । ଆପଣଙ୍କ ଅହୈତୁକୀ କୃପା ବଳରେ ହିଁ କେବଳ ଏସବୁ ଲାଘବ ହେବ । ଆପଣ ଦୟାକରି ଏ ପତିତ ପ୍ରତି କୃପା କରନ୍ତୁ । ଭକ୍ତି, କରୁଣା, ମୋର ହୃଦୟରେ ପୁରିଉଠୁ । ତାହା ହିଁ ହେବ ଭକ୍ତିର ପରାକାଷ୍ଠା ଏବଂ ଗୁରୁଦେବଙ୍କର କୃପା । ଏହି କଳିହତ ଜୀବ ଜଗତ ପ୍ରତି ଆପଣଙ୍କର ଅନନ୍ୟ ଅବଦାନ ହେଉଛି ଅହୈତୁକୀ କୃପା । ସେହି ଅହୈତୁକି କୃପାର ଅନ୍ତନାହିଁ । ତାହାର ଏକ ଦୃଷ୍ଟାନ୍ତ ନିମ୍ନରେ ପ୍ରଦାନ କରିବା ପାଇଁ ପ୍ରୟାସ କରିଅଛି ।

୨୦୦୭ ମସିହାର କଥା । 'ଶ୍ରୀରାମ ନବମୀ' ପାଳନ ଅବସରରେ ସମ୍ବଲପୁର ବୁର୍ଲା ଠାରେ ମହାସମାରୋହରେ ପାଳନ କରାଯାଉଥାଏ । ନିକଟ ଦୂରରୁ ଅନେକ ଭକ୍ତମାନେ ଏଠାକୁ ଆସି ଏହି ପବିତ୍ର କାର୍ଯ୍ୟରେ ଯୋଗଦାନ କରିଥାନ୍ତି । ଏ ଅଧମ ଭୁବନେଶ୍ୱରର ଇସ୍କନ ତରଫରୁ କେତେ ଜଣ ଭକ୍ତମାନଙ୍କ ଗହଣରେ ପ୍ରଥମ କରି ଏହି ସୁଦୂର ବୁର୍ଲାରେ ଯୋଗ ଦେବା ପାଇଁ ଯାଇଥାଏ । ସେଠାରେ ପହଞ୍ଚି ଦେଖିଲି ଏକ ନିକାଞ୍ଚନ ସ୍ଥାନରେ ଇସ୍କନ ତରଫରୁ "ରାମ ମନ୍ଦିର" ନାମରେ ଏକ ମନ୍ଦିର ନିର୍ମାଣ କରାଯାଇଛି । କେଇଜଣ ସ୍ଥାନୀୟ ଭକ୍ତମାନଙ୍କ ଦ୍ୱାରା ସଂକୀର୍ତ୍ତନ ଚାଲିଛି । ନିକଟ ଦୂରରେ କୌଣସି ଗ୍ରାମ ନାହିଁ । ଅଥବା, ଯେଉଁ ଗ୍ରାମ ଗୋଟେ ଦି'ଟା ଅଛି ତାହା ଅନତୀ ଦୂରରେ । ଏତାଦୃଶ ଦେଖି ମୁଁ ଏବଂ ନେତ୍ରାନନ୍ଦ ପ୍ରଭୁ ଉଭୟେ ମନ୍ଦିରର କିଛି ଦୂରରେ ଅବସ୍ଥିତ ସାଇଫନ୍ ନାମକ ସ୍ଥାନରେ ବସି ବାର୍ତ୍ତାଳାପ ହେଲୁ । ଏତ ଏକ ନିର୍ଜନ ସ୍ଥାନ । ଏଠାକୁ ଲୋକମାନଙ୍କର ଗମନା ଗମନ କିଛି ନାହିଁ । ଏଠାରେ କାହାକୁ ନେଇ ଏତେ ଆଡମ୍ବର ପୂର୍ଣ୍ଣ ରାମନବମୀ ଉତ୍ସବ ପାଳନ କରାଯିବ ? ଏପରି ଅନେକ କଥାବାର୍ତ୍ତା ହେଉଥାଉ ।

ଆମ କଥାବାର୍ତ୍ତା ମଧ୍ୟରେ ଚାହୁଁ ଚାହୁଁ ସେଇ ପ୍ରାଙ୍ଗଣ ଲୋକାରଣ୍ୟରେ ପୂର୍ଣ୍ଣ ହୋଇଗଲା । ମଟରଗାଡ଼ି, ସାଇକେଲ, ରିକ୍ସା, ଅଟୋରେ ସେ ରାସ୍ତା ଭରପୂର ହୋଇଗଲା । ହଜାର ହଜାର ଲୋକମାନଙ୍କର ସେଠାକୁ

ନଦୀସ୍ରୋତ ପରି ଆଗମନ ବଢ଼ିଚାଲିଲା । କୋଳାହଳରେ ସେ ସ୍ଥାନ କାନ ପଠାଟି ପଡୁଥିଲା । ଏବଂ କିଛି ସମୟ ପରେ ସେ ନିର୍ଜନ ସ୍ଥାନ ମହା ଗହଳରେ ପରିଣତ ହେଲା । ଆମେ ଏସବୁ ଦେଖି ଆମ ଆଖିକୁ ବିଶ୍ୱାସ କରିପାରିଲୁ ନାହିଁ ଏବଂ ଏତାଦୃଶ ଦୃଶ୍ୟ ଦେଖି ଅବାକ୍ ହୋଇଗଲୁ । ଏସବୁ କାର୍ଯ୍ୟ କେବଳ ଶ୍ରୀଲ ଗୁରୁଦେବଙ୍କ ଦ୍ୱାରା ହିଁ ପ୍ରତିପାଦିତ ହେଲା । ଶୁଦ୍ଧ ବୈଷ୍ଣବମାନଙ୍କ ଦ୍ୱାରା ହିଁ ଏହା କେବଳ ସମ୍ଭବ । ଆମର ହୀନମନ୍ୟତା ଦୃଷ୍ଟିରୁ ଗୁରୁଦେବଙ୍କର ଅପାର କରୁଣାକୁ ମାପିଥିଲୁ । ଆମେ ମହାପାପୀ । ଆମେ ଗୁରୁଦେବଙ୍କର ଏସବୁ ଅଲୌକିକ କାର୍ଯ୍ୟକୁ ଚିନ୍ତା କରିବା ଦୁରୁହ ବ୍ୟାପାର । ସେ ଆମ ପ୍ରତି ଦୟାର ସାଗର, କୃପାର ସାଗର । ତାଙ୍କ ବିନୁଁ ବଦ୍ଧଜୀବର ମୁକ୍ତି ନାହିଁ ।

ଆମେ ତାଙ୍କୁ ଗୁରୁରୂପେ ପାଇ ଆମର ଜୀବନ ସାର୍ଥକ ହୋଇଛି । ଆପଣ ପାର୍ଥିବ ଶରୀରରେ ନଥିଲେ ମଧ୍ୟ ସୂକ୍ଷ୍ମ ଶରୀରରେ ଥାଇ ସମସ୍ତ କାର୍ଯ୍ୟ ଦେଖିପାରୁଛନ୍ତି । ଆପଣଙ୍କ ପବିତ୍ର ନାମ ଉଚ୍ଚାରଣ ମାତ୍ରକେ ଆପଣଙ୍କର ଉପସ୍ଥିତି ଅନୁଭବ କରିପାରୁଛୁ । ଆମ୍ଭେ ଆପଣଙ୍କୁ ଜନ୍ମଜନ୍ମାନ୍ତର ଧରି ଏହିପରି ଗୁରୁରୂପେ ପାଇବୁ ଏହା ହିଁ ଆମର ଏକାନ୍ତ କାମ୍ୟ ।

ଜୟ ୭୨ତମ ବ୍ୟାସପୂଜା ମହାମହୋତ୍ସବ କି ଜୟ
ଜୟ ପରମ ଆରାଧ୍ୟ ଶ୍ରୀପାଦ ମହାରାଜ ଗୁରୁଦେବ କି ଜୟ ।

ଆପଣଙ୍କର ଅଧମ ଶିଷ୍ୟ
**ବୈଷ୍ଣବାନନ୍ଦ ଦାସ**

•

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଲାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*
*ନମ ସଦ୍‌ଭକ୍ତ ମଣୟେ ମଣିପୁର ଉଦ୍‌ଭବାୟ ଚ ।*
*ପ୍ରଭୁପାଦ ଲସଦ୍ ବାଣୀ ପ୍ରଚାର ନିରତାୟତେ ॥*

ପରମ ଆରାଧ୍ୟ ପତିତ ପାବନ ଶ୍ରୀଲ ଗୁରୁଦେବ !

ଆଜି ପବିତ୍ର ଓଢ଼ଣ ଷଷ୍ଠୀ ତିଥିରେ ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ଦିବସ । ଏହି ପବିତ୍ର ତମ ତିଥିରେ ଏ ଦାସାଧମ ଆପଣଙ୍କର ଶ୍ରୀ ଚରଣ କମଳରେ ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ କରୁଅଛି । ଉପସ୍ଥିତ ବୈଷ୍ଣବ ବୈଷ୍ଣବୀମାନଙ୍କୁ ପ୍ରଣାମ କରୁଅଛି ।

ଆପଣ ଅପ୍ରାକୃତ ଜଗତର, କୃଷ୍ଣଙ୍କ ଦ୍ୱାରା ପ୍ରେରିତ ହୋଇ ଏହି ନିତ୍ୟ ବଦ୍ଧ ଜୀବମାନଙ୍କୁ ଉବ ସାଗରରୁ ଉଧାର କରିବା ପାଇଁ ଏ ଧରାଧାମରେ ଅବତିର୍ଣ୍ଣ ହୋଇଥିଲେ । ଆପଣ ଶ୍ରୀଲ ପ୍ରଭୁପାଦଙ୍କର ଅନ୍ତରଙ୍ଗ ସେବକ

ଅଛନ୍ତି । ବିଶ୍ୱର ଉଚ୍ଚଶିକ୍ଷିତ ବ୍ୟକ୍ତିମାନଙ୍କୁ କିପରି କୃଷ୍ଣ ଚେତନା ମାର୍ଗକୁ ଆଣି ଜୀବନର ଚରମ ଲକ୍ଷ୍ୟ ଜଣାଇ ପାରିବେ ଏହାଥିଲା ଆପଣଙ୍କ ପ୍ରତି ପ୍ରଭୁପାଦଙ୍କର ନିର୍ଦ୍ଦେଶ । ଶ୍ରୀଲ ପ୍ରଭୁପାଦଙ୍କର ବାଣୀକୁ ସଫଳ କରିବା ପାଇଁ ଅକ୍ଲାନ୍ତ ସେବା କରିଛନ୍ତି ।

ଶ୍ରୀ ଶ୍ରୀମଦ୍ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀ ଗୁରୁ ମହାରାଜ ସମ୍ମିଳିତ ଧାର୍ମିକ ସଙ୍ଗଠନ ଓ ବିଶ୍ୱସ୍ତରୀୟ ଅନ୍ତଃଧାର୍ମିକ ସଂସ୍ଥା URI (United Religious Intiatives)ର ଜଣେ ପ୍ରାରମ୍ଭିକ ସଭ୍ୟଥିଲେ । URIରେ ୬୦ଟି ଦେଶରୁ ୧୦ ଲକ୍ଷରୁ ଉର୍ଦ୍ଧ ଲୋକ ଏହାର ବାର୍ଷିକ ସଭ୍ୟ ଅଛନ୍ତି । ବିଶ୍ୱ ଅନ୍ତଃଧାର୍ମିକ ସଂସ୍ଥାର ଅନେକ ସଫଳପରିକଳ୍ପନା ଅଛି । ଏହାର Govering Boardରେ ପୃଥିବୀର ୧୮ଟି ଦେଶରୁ ୨୯ ଜଣ ସଭ୍ୟ ଅଛନ୍ତି । ଉକ୍ତ URI ର ଉଚ୍ଚ ନେତାମାନେ ତଥା ଅନ୍ୟାନ୍ୟ ପ୍ରତିନିଧିମାନେ ଇସ୍କନ ମାୟାପୁର କେନ୍ଦ୍ରରେ ୨୦୦୮ ମସିହା ନଭେମ୍ବର ୩୦ ତାରିଖରୁ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀମଦ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀ ଗୁରୁଦେବଙ୍କର ସମ୍ମାନାର୍ଥେ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜନ କରିଥିଲେ ।

ଏହି ଅବସରରେ ଯେତେବେଳେ ଏଭଳି ଏକ ବିରାଟ ଧାର୍ମିକ ସଙ୍ଗଠନ ଆପଣଙ୍କର ପ୍ରଶଂସା ପ୍ରଦାନ କରୁଥିଲେ - ଶ୍ରୀଲ ପ୍ରଭୁପାଦ ଶ୍ରୀଲ ଗୁରୁମହାରାଜଙ୍କ ପ୍ରତି ଦେଇଥିବା ଟିପ୍ପଣୀ ସବୁ ମନେପଡ଼େ । ଥରେ ପ୍ରାତଃ ଭ୍ରମଣ ସମୟରେ ଶ୍ରୀଲ ପ୍ରଭୁପାଦ କହିଥିଲେ ଯେ, "ଯଦି ମୋର ତୁମ ଭଳି ଶିଷ୍ୟ ନଥାନ୍ତେ ତା'ହେଲେ ସେମାନେ ମୋତେ ଜଣେ ପାଗଳ (crazy) ବୋଲି ଗ୍ରହଣ କରିଥାନ୍ତେ ।

ଗୋଟିଏ ଚିଠିରେ ଶ୍ରୀଲ ପ୍ରଭୁପାଦ ଲେଖିଥିଲେ ତୁମେ ସମାଜର ଉଚ୍ଚ ଶ୍ରେଣୀର ଲୋକମାନଙ୍କୁ ବାର୍ତ୍ତାପ୍ରଦାନ କର ସାଧାରଣ ଲୋକଙ୍କୁ ନୁହେଁ । ଯଦିଓ ସାଧାରଣ ଲୋକଙ୍କୁ ଆମେ ବାଦ ଦେଉନାହୁଁ ତଥାପି ଶୀର୍ଷସ୍ଥାନୀୟ ଲୋକମାନେ ଯାହା କିଛି କାର୍ଯ୍ୟ କରନ୍ତି ସାଧାରଣ ଲୋକମାନେ ତାହାକୁ ଅନୁସରଣ କରନ୍ତି ।

ଶ୍ରୀ ଶ୍ରୀମଦ୍ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀ ଗୁରୁଦେବଙ୍କର ସଂସ୍ପର୍ଶରେ ଆସିବା ପୂର୍ବରୁ ଉକ୍ତ URI ର ଅନେକ ନେତାମାନଙ୍କର ଶ୍ରୀଲ ପ୍ରଭୁପାଦ ଓ ମାନବ ଜାତିପ୍ରତି ତାଙ୍କର ଅବଦାନ ତଥା ଇସ୍କନ ସମ୍ବନ୍ଧରେ କୌଣସି ଧାରଣା ନଥିଲା ।

ସେମାନଙ୍କର ଶ୍ରୀଲ ଗୁରୁମହାରାଜ ପ୍ରତି ଥିଲା ନିଃସର୍ତ୍ତ ଭଲ ପାଇବା, ଏହା ପ୍ରଦର୍ଶିତ ହୋଇଥିଲା, ଯେତେବେଳେ ସେମାନେ ବିନା ଦ୍ୱିଧା ବା ସର୍ତ୍ତରେ URI ର ବିଶ୍ୱସ୍ତରୀ ସମ୍ମିଳନୀ ଇସ୍କନ ମାୟାପୁରରେ କରିବା ପାଇଁ ରାଜି ହୋଇଥିଲେ । ଏହା ଅତି ଆଶ୍ଚର୍ଯ୍ୟର କଥା ଯେ ଶ୍ରୀଲ ଗୁରୁଦେବଙ୍କର ଅନୁପସ୍ଥିତିରେ ମଧ୍ୟ ସେମାନେ ତାଙ୍କ ନିର୍ଦ୍ଦେଶକୁ ଗମ୍ଭୀରତାର ସହିତ ଗ୍ରହଣ କରିଥିଲେ । ଶ୍ରୀଲ ଗୁରୁମହାରାଜଙ୍କୁ ସମ୍ମାନ ଜଣାଇବା ପାଇଁ କୌଣସି ଆନୁଷ୍ଠାନିକ ପ୍ରଶିକ୍ଷଣ ନ ନେଇ ସମସ୍ତ URI ସଭ୍ୟମାନେ ପରସ୍ପରକୁ ହରେକୃଷ୍ଣ କହି ସମ୍ମାନ ପ୍ରଦର୍ଶନ କରୁଥିଲେ । ସେମାନଙ୍କର ଶ୍ରୀଲ ଗୁରୁଦେବଙ୍କ ପ୍ରତି ପ୍ରେମ ଯୋଗୁଁ ମହାବଦାନ୍ୟ ଅବତାର ଶ୍ରୀମାନ୍ ମହାପ୍ରଭୁଙ୍କର କୃପା URI ର ସମସ୍ତ ନେତା ତଥା ସଭ୍ୟମାନେ ଆଜି ପ୍ରାପ୍ତ ହୋଇଛନ୍ତି ।

ଧାର୍ମିକ ସଙ୍ଗଠନ କିମ୍ବା ବୈଜ୍ଞାନିକ କିମ୍ବା ରାଜନୈତିକ ନେତାମାନେ କଣ ପାଇଁ ଶ୍ରୀ ଶ୍ରୀମଦ୍ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀ ଗୁରୁଦେବଙ୍କ ପ୍ରତି ଆକର୍ଷିତ ହୋଇଥିଲେ ? ତାହାର ଉତ୍ତରରେ ଆମେ ସେମାନଙ୍କର ପ୍ରଦତ୍ତ ଭାଷଣରେ ପାଇବା ଯାହାକି ଏଠାରେ ଉପସ୍ଥାପନା କରାଯାଇଛି ।

ଉଇଲିୟମ ଇ ସ୍ୱିଙ୍ଗ୍, କାର୍ଲିଫର୍ଣ୍ଣିଆର ଏପିସ୍କୋମାଲ ଡାୟୋସିସର୍ ଧର୍ମଯାଜକ କୁହନ୍ତି- ଡକ୍ଟର ଟି.ଡି. ସିଂହଙ୍କର ଜନ୍ମପାଇଁ ଭଗବାନଙ୍କୁ ଅଶେଷ ଧନ୍ୟବାଦ । ଡକ୍ଟର ସିଂହ ଜଣେ ଶାନ୍ତିର ଦୂତ ଥିଲେ । ପୃଥିବୀର ଅନେକ ଲୋକମାନଙ୍କ ପାଇଁ ସେ ଜଣେ ଉପହାର ଥିଲେ । ତେଣୁ ୟୁ. ଆର. ଆଇ. ଆପଣଙ୍କୁ ଜଣେ ପ୍ରିୟ ବନ୍ଧୁ ଏବଂ ବିଭିନ୍ନ ଧର୍ମର ଲୋକମାନଙ୍କୁ ଶାନ୍ତି ଅନ୍ୱେଷଣରେ ଏକତ୍ର ହେବାପାଇଁ ଆପଣ ଜଣେ ଅଗ୍ରଣୀ ବ୍ୟକ୍ତି ବୋଲି ମାନ୍ୟତା ପ୍ରଦାନ କରିଅଛି ।

ଇଉ. ଆର. ଆଇ. **URI** ର କାର୍ଯ୍ୟକାରୀ ନିର୍ଦ୍ଦେଶକ ରେଭରେଣ୍ଡ ସ୍ଥି ଚର୍ଲସ ପି ଗିବ୍ସ କୁହନ୍ତି ଡକ୍ଟର ଟି.ଡି ସିଂହଙ୍କର ଆନନ୍ଦମୟ ଏବଂ ବିନୀତ ସ୍ୱଭାବ, ତାଙ୍କର ଭଗବାନଙ୍କ ପ୍ରତି ଗଭୀର ସମ୍ମାନ, ଅସାଧାରଣ ମେଧା, ସହାନୁଭୂତିଶୀଳ ମନୋଭାବ, କୃପାପୂର୍ଣ୍ଣ ଆତିଥ୍ୟ ଏବଂ ହସ ଏହାସବୁ ଅନ୍ତଧାର୍ମିକ ଅନୁଷ୍ଠାନର ଶାନ୍ତି ନ୍ୟାୟ ଏବଂ ଆରୋଗ୍ୟ ଲାଭର ପ୍ରଚେଷ୍ଟା ପାଇଁ ଗୋଟିଏ ପ୍ରେରଣା ତଥା ଅନନ୍ୟ ଉପହାର ଥିଲା । ଡକ୍ଟର ଟି.ଡି.ସିଂହ ବିଶେଷ ଭାବରେ **URI** ପାଇଁ ଅସାଧାରଣ ଉପହାର ଥିଲେ । ତାଙ୍କ ସହିତ ଭ୍ରମଣ କରିବାରେ, କାର୍ଯ୍ୟ କରିବାରେ, ଏକ ସମ୍ଭାବନା ପରିସ୍ଥିତି ସମ୍ବନ୍ଧରେ ଆଲୋଚନାରେ ସେହିସବୁ ସମ୍ଭାବନାକୁ ସତ୍ୟରେ ପରିଣତ କରିବାରେ ଆମ ପାଇଁ ଏକ ଗୌରବର ବିଷୟ ଥିଲା । ଏବଂ ସବୁଠାରୁ ଶେଷ ଗୌରବ ଥିଲା ତାଙ୍କ ସହିତ ନୀରବରେ ବସି ତାଙ୍କର ମାଧୁର୍ଯ୍ୟ ପୂର୍ଣ୍ଣ କୀର୍ତ୍ତନ ଶୁଣିବାରେ ।

ଇଟାଲିର ଆସିସିର ଅନ୍ତଧାର୍ମିକ ଅନୁଷ୍ଠାନର ଜଣେ ପ୍ରତିନିଧି ଫାଦର ମାକ୍ସିମିଲିଆନ୍ ମିଜି କୁହନ୍ତି ଡକ୍ଟର ସିଂହଙ୍କର ଅନେକ ଅସାଧାରଣ ମାନବିକ ପ୍ରତିଷ୍ଠା ଥିଲା ଯାହାକି ଗୋଟିଏ ଉଦାର ହୃଦୟରେ ହିଁ ସମ୍ଭବ ହୋଇପାରେ । ସେ ଜଣେ ଅନୁଭବଶୀଳ, ଦର୍ଯ୍ୟାଦ୍ର, ବିନୀତ, ପ୍ରେମୀ ଏବଂ ପରମାର୍ଥିକ ବ୍ୟକ୍ତି ଥିଲେ । ଯେ କୌଣସି ବ୍ୟକ୍ତି ତାଙ୍କ ସଂସ୍ପର୍ଶରେ ଆସୁଥିଲେ ଅତିଶ୍ରଘ ତାଙ୍କୁ ନିଜର କରି ନେଉଥିଲେ । ଡକ୍ଟର ସିଂହଙ୍କର ଦୟା ଏବଂ ପ୍ରେମ ଜାତି ଧର୍ମ ବର୍ଣ୍ଣ ଉର୍ଦ୍ଧ୍ୱରେ ଥିଲା, ଯେହେତୁ ସେ ସମସ୍ତଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ । ଜଣେ ଧନୀ ଏବଂ ଦରିଦ୍ର ଜଣେ ଅତି ବିଶିଷ୍ଟ ବ୍ୟକ୍ତି ଏବଂ ରାସ୍ତାର ଜଣେ ସାଧାରଣ ବ୍ୟକ୍ତି ମଧ୍ୟରେ ସେ କୌଣସି ପାର୍ଥକ୍ୟ ଦେଖିପାରୁଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେ ସମ୍ମାନ ଭାବରେ ସମ୍ମାନ ତଥା ପ୍ରେମ ପ୍ରଦର୍ଶନ କରୁଥିଲେ ।

**URI** ର ସମସ୍ତ ସଭ୍ୟମାନେ ଶ୍ରୀଲ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀ ଗୁରୁମହାରାଜ (ଡକ୍ଟର ଟିଡି ସିଂହ)ଙ୍କର ଗୁଣ କୀର୍ତ୍ତନ କରିଥିଲେ । ଶ୍ରୀଲ ଗୁରୁଦେବ କେବଳ ବାହ୍ୟ ସମାଜରେ ନୁହେଁ ବୈଷ୍ଣବ ସମାଜରେ ମଧ୍ୟ ସେ ବିନୟୀ, ସରଳତା, ସୁନିଚେନଭାବ ଓ ଭଗବାନଙ୍କର ଅତି ପ୍ରିୟ ଜନ ଥିଲେ ।

ଶେଷରେ ଗୁରୁଦେବଙ୍କୁ ମୋର ଏହି ପ୍ରାର୍ଥନା ଆପଣ ଗୋଲକ ବୃନ୍ଦାବନରେ ରହି କୃପା କରନ୍ତୁ। ଏ ବଦ୍ଧ ଜୀବ କିପରି ଆପଣଙ୍କର ସେବା କରି ଶ୍ରୀ ଚରଣ କମଳରେ ସ୍ଥାନ ପାଇବ ଏତିକି ମୋର ଅଭିଳାଷ । ଆପଣଙ୍କ ପାଦପଦ୍ମରେ ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ କରି ଭକ୍ତ୍ୟାର୍ଘଟି ଶେଷ କରୁଛି । (ହରେକୃଷ୍ଣ)

ଜୟ ଶ୍ରୀଲ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀ ଗୁରୁମହାରାଜ କି !

ଜୟ ଶ୍ରୀଲ ପ୍ରଭୁପାଦ କି !

ଆପଣଙ୍କର ଅଧମ ସେବକ

**ରସିକ ରାଜଦାସ**

●

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

ପରମ ଆରାଧ୍ୟ ଗୁରୁଦେବ !

ଆଜି ପବିତ୍ର ଓଢ଼ଣ ଷଷ୍ଠୀ ତିଥି । ଏହି ତିଥିକୁ ଅଧିକ ପବିତ୍ର କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ଆପଣଙ୍କୁ ତାଙ୍କର ଦିବ୍ୟ ଧାମରୁ ଆଜକୁ ୭୨ ବର୍ଷ ତଳେ ପିତା ଯୋଗେନ୍ଦ୍ର ସିଂ ଏବଂ ମାତା ଜାହ୍ନବୀ ଦେବୀଙ୍କୁ ମାଧମ କରି ଏ ଧରା ପୃଷ୍ଠରେ ଅବତରଣ କରାଇଥିଲେ । ମଣିପୁର ରାଜ୍ୟର ବିଷ୍ଣୁପୁର ଜିଲ୍ଲା ମଧସ୍ଥ ତୋବୁଲ ଗ୍ରାମରେ ।

ଆଜିର ଏହି ଶୁଭ ୭୨ ତମ ଆବିର୍ଭାବ ତିଥିରେ ଆପଣଙ୍କର ଅଭୟ ଚରଣ ଯୁଗଳତଳେ ଶତକୋଟି ଦଣ୍ଡବତ ପ୍ରଣାମ ନିବେଦନ କରୁଛି। ଉପସ୍ଥିତ ସାଧୁ ମହାରାଜ, ଅନୁଗତ ଶିଷ୍ୟ ଶିଷ୍ୟାଙ୍କୁ ସାଷ୍ଟାଙ୍ଗ ପ୍ରଣାମ।

ଏହି ଶୁଭତିଥିକୁ ଆପଣଙ୍କର ଶିଷ୍ୟ ଶିଷ୍ୟା ଅନୁଗତ ଗଣ ସାରା ବିଶ୍ୱରେ ଥିବା ଇସ୍କନ ମନ୍ଦିରରେ ମହା ସମାରୋହରେ ପାଳନ କରୁଛନ୍ତି । ସବୁଠାରେ ଆପଣମାନଙ୍କର ଜୟଗାନ, ଗୁରୁଗୌରାଙ୍ଗଙ୍କର ଜୟଗାନ ।

ଏ ଅଧମର ସେଭଳି କିଛି ଯୋଗ୍ୟତା ନାହିଁ ଆପଣଙ୍କ ସଦୃଶ ଜଣେ ମହାନ୍ ସାଧୁଙ୍କର ଚରଣାଶ୍ରିତ ହେବାପାଇଁ । କିନ୍ତୁ ବିଧିର ବିଧାନ ଏହା ହିଁ ଥିଲା । କୌଣସି ବାଛବିଚାର ନକରି ଆପଣଙ୍କର ଦାସାଧମ ଶିଷ୍ୟ ହେବାର ଗୌରବ ପ୍ରଦାନ କରିଛନ୍ତି ।

ଏକ ଅତି ନଗଣ୍ୟ ନିକୃଷ୍ଟ ଜୀବକୁ ଆପଣଙ୍କର ପଦଚ୍ଛାୟା ପ୍ରଦାନ କରିଛନ୍ତି । ଆପଣଙ୍କର ଅନନ୍ତ ଗୁଣ, ଅସୁମାରି ଲୀଳା, ତାହା ଏ ଅଧମ ଜୀବ ଗାନ କରିବା ପାଇଁ ଅକ୍ଷମ । ତାହା ସବୁ ଦର୍ଶନ ଏବଂ ଶ୍ରବଣ କରି କେବଳ

ଆଶ୍ଚର୍ଯ୍ୟ ହେବାକୁ ପଡୁଛି । ଅକିଞ୍ଚନ ପ୍ରଭୁଙ୍କ ପ୍ରତି ଆପଣଙ୍କର ଅହେତୁକୀ କୃପା ତାହା ଗାନ କରିବାକୁ ଅଧମର ଭାଷା ନାହିଁ ।

ଅଙ୍ଗ ନିଭା କାହାଣୀ ମଧ୍ୟ ଅନେକ । ତାହା ବ୍ୟକ୍ତ କରିବା ସହଜ ନୁହେଁ ।

ଏହି ଅଧମ ପ୍ରତି ଜନ୍ମଜନ୍ମାନ୍ତରରେ ଏଭଳି ଅହେତୁକୀ କୃପା ଅଗଣ ପ୍ରଦାନ କରିବେ ବୋଲି ଆଜିର ଏହି ପବିତ୍ର ତିଥିରେ କାମନା କରୁଛି ।

ଜୟ ଶ୍ରୀଲ ୧୦୮ଶ୍ରୀ ଶ୍ରୀ ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ ଗୁରୁ ମହାରାଜଙ୍କର-ଜୟ । ୭୨ତମ ଶୁଭ ଆବିର୍ଭାବ ତିଥି କି ଜୟ ।

ଆପଣଙ୍କର ଅଧମ ଦାସ
**ରାମଚନ୍ଦ୍ର କବିରାଜ ଦାସ**

•

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଲାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*
*ନମ ସଦ୍‌ଭକ୍ତ ମଣୟେ ମଣିପୁର ଉଦ୍‌ଭବାୟ ଚ ।*
*ପ୍ରଭୁପାଦ ଲସଦ୍ ବାଣୀ ପ୍ରଚ୍ଚର ନିରତାୟତେ ।।*

ପରମ ପୂଜ୍ୟ !

ଶ୍ରୀଲ ଗୁରୁଦେବ, ଆପଣଙ୍କ ଅଭୟ ଅଶୋକ ଚରଣ ତଳେ ଏ ଅଧମର ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ । ଏଠାରେ ଉପସ୍ଥିତ ଥିବା ସମସ୍ତ ବୈଷ୍ଣବ ଏବଂ ବୈଷ୍ଣବୀମାନଙ୍କୁ ମୋର ବୈଷ୍ଣବୀୟ ପ୍ରଣାମ । ଆଜି ତିଥି ହେଉଛି ସମସ୍ତ ଶିଷ୍ୟ ଏବଂ ଶିଷ୍ୟାଙ୍କ ପକ୍ଷରେ ଆନନ୍ଦ ଉଲ୍ଲାସର ଦିନ । ଏହି ଦିବସ ସମସ୍ତ ଶିଷ୍ୟ ଏବଂ ଶିଷ୍ୟାଙ୍କ ମନରେ ଭରି ଦିଏ ଅପୁରନ୍ତ ଆନନ୍ଦ । ଏହି ଦିବସ ଅତ୍ୟନ୍ତ ପୁଣ୍ୟ ଏବଂ ପବିତ୍ର ଏହିଭଳି ଦିବସରେ ଆପଣଙ୍କ ଭଳି ପୁଣ୍ୟ ଆତ୍ମା ଏବଂ ମୁକ୍ତ ଆତ୍ମାର ଧରା ପୃଷ୍ଠରେ ହୁଏ ଅବତରଣ । କୋଟି କୋଟି ବଦ୍ଧଜୀବମାନଙ୍କୁ ଉଦ୍ଧାର ପାଇଁ ଆପଣ ବ୍ୟାକୁଳ ହୁଅନ୍ତି । କିନ୍ତୁ ବଦ୍ଧଜୀବ ଆପଣଙ୍କ ଆଗମନର ଉଦ୍ଦେଶ୍ୟ ବୁଝିପାରେନା । ଜଡ ଚକ୍ଷୁରେ ଆପଣ ଏକ ସାଧାରଣ ମାନବୀୟ ଲୀଳା କରନ୍ତି । କିନ୍ତୁ ତାହା ଭିତରେ ଲୁଚିରହିଥାଏ ଭଗବତୀୟ ଦିବ୍ୟଗୁଣ । ଆପଣ ହେଉଛନ୍ତି ଭଗବାନଙ୍କର ସାକ୍ଷାତ ଅବତାର । ଭଗବାନଙ୍କ ସ୍ଥାନରେ ଅବତୀର୍ଣ୍ଣ ହୋଇ ମଧ୍ୟ ଆପଣ ନିଜକୁ କେବେ ହେଲେ ଭଗବାନ ମନେକରନ୍ତି ନାହିଁ । ବଦ୍ଧ ଜୀବର ଉଦ୍ଧାର ପାଇଁ ଆପଣ ବହୁ କ୍ଲେଶ ସହ୍ୟ କରନ୍ତି । ଆପଣଙ୍କର

କରୁଣାର ଦ୍ୱାର ସର୍ବଦା ଉନ୍ମୁକ୍ତ ଥାଏ । ଯିଏ ଯେ କୌଣସି ଅବସ୍ଥାରେ ଆସିଲେ ମଧ୍ୟ ଆପଣ ତାକୁ ଗ୍ରହଣ କରନ୍ତି । ମାନବ ଜୀବନର ସାର୍ଥକତା ହୁଏ ଯେତେବେଳେ ଜୀବ ଆପଣଙ୍କର ଚରଣାଶ୍ରିତ ହୁଏ । ଆପଣଙ୍କ କୃପା ବ୍ୟତିତ ଏକ ମାନବର ସମସ୍ତ ଯୋଗ୍ୟତା ଉପାଧି ନିଷ୍ଫଳ ହୁଏ ।

ଗୁରୁଦେବ ମୁଁ ଆପଣଙ୍କର ଚରଣାଶ୍ରିତ ହୋଇ, ନିଜକୁ ଭାଗ୍ୟବାନ ମନେ କରୁଛି। ଆପଣଙ୍କ ପ୍ରଦତ୍ତ ଉପଦେଶ ପାଳନରେ ଦୋଷତୃଟି ରହିଯାଉଛି । କାରଣ ଏ ଭୌତିକ ଦୁନିଆରେ ମାୟାର ପ୍ରଭାବରୁ ତିଷ୍ଟିବା ବଡ଼ ଦୁରୁହ ବ୍ରଶପାର । ଆପଣଙ୍କ କୃପା ଫଳରେ ମାୟାକୁ ଜୟ କରିହେବ । ଆପଣ କୃପା କରନ୍ତୁ ମୁଁ ଯେଭଳି ଆପଣଙ୍କ ପ୍ରଦତ୍ତ ନୀତି ଉପଦେଶକୁ ନିଷ୍ଠା ଭାବରେ ପାଳନ କରିବା ପାଇଁ ସକ୍ଷମ ହୁଏ । ଆପଣ ସର୍ବ ଅନ୍ତର୍ଯ୍ୟାମି । ଆପଣଙ୍କ କୃପାବଳରେ ମୁଁ ବଡ଼ ବଡ଼ ଅସୁବିଧା ଏବଂ ବ୍ୟାଧିରୁ ରକ୍ଷା ପାଇଛି ଏବଂ ପାଇବି ମଧ୍ୟ । ଆପଣ କୃପା ଅସମ୍ଭବକୁ ସମ୍ଭବ କରିପାରିଛି । ଆପଣ ମୋର ସମସ୍ତ ଆଶା ପୁରଣ କରିଛନ୍ତି ।

ଶେଷରେ ଆପଣଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା, ଆପଣ ମୋତେ କୌଣସି ଜନ୍ମରେ ଏବଂ କୌଣସି ପରିସ୍ଥିତିରେ ଯେପରି ଆପଣ ଆପଣଙ୍କ ପାଦ ପଦ୍ମରୁ ବିଚ୍ୟୁତ ନ କରନ୍ତି । ମୋତେ ଆପଣଙ୍କ ପାଦପଦ୍ମରେ ଧୂଳି କଣା ସଦୃଶ ସ୍ଥାନ ଦିଅନ୍ତୁ। ଜୟଶ୍ରୀଲ ପତିତପାବନ ପରମ କାରୁଣିକ ଦାମୋଦର ମହାରାଜଙ୍କର ଶୁଭ ଆବିର୍ଭାବ ତିଥି କି ଜୟ ।

ଆପଣଙ୍କର ଅଧମ ଦାସାନୁଦାସ

**ଭଦ୍ରକୀର୍ତ୍ତି ଦାସ**

•

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଲାକୟା ।*
*ଚକ୍ଷୁରୁନ୍ମୀଲିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

ପରମ ଆରାଧ୍ୟତମ ଶ୍ରୀଲ ଗୁରୁଦେବ

ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ପାଦ ପଦ୍ମରେ ଶତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି । ସାଦରରେ ଗ୍ରହଣ କରିବା ହେବେ ।

ଆଜିର ଏ ପବିତ୍ର ଦିନରେ ଆପଣଙ୍କର ଗୁଣଗାନ କରିବା କଥା। କିନ୍ତୁ ମୋ ପରି ଜଣେ ମାୟାବଦ୍ଧ ଅଧମ ଶିଷ୍ୟ ଆପଣଙ୍କର ଗୁଣଗାନ କରିବାକୁ ସମ୍ପୂର୍ଣ୍ଣ ଅଯୋଗ୍ୟ ମନେ କରେ । ଯାହା ହେଉ ମୋର ବ୍ୟକ୍ତିଗତ ଅନୁଭୂତିରୁ ଆପଣଙ୍କ ବିଷୟରେ ସାମାନ୍ୟ କିଛି ଲେଖିବାକୁ ସାହସ କରୁଅଛି ।

ହେ ଗୁରୁଦେବ ! ଆପଣ ଦୟାର ସାଗର, ଜ୍ଞାନର ସାଗର ଓ ପତିତପାବନ ସରଳତା, ଉଦାରତା, କ୍ଷମାଶୀଳତା ଇତ୍ୟାଦି ସମସ୍ତ ପ୍ରକାର ବୈଷ୍ଣବୀୟ ଗୁଣ ଆପଣଙ୍କ ପାଖରେ ପରିପୂର୍ଣ୍ଣ ଭାବେ ରହିଛି । ତେଣୁ ଆପଣ ଜଣେ ସଦ୍‌ଗୁରୁ ।

ବ୍ରହ୍ମାନନ୍ଦଂ ପରମ ସୁଖଦଂ କେବଳଂ ଜ୍ଞାନମୂର୍ତ୍ତିମ୍ ।
ଦ୍ୱନ୍ଦାତିତଂ ଗଗନ ସଦୃଶଂ ତତ୍ତ୍ୱମାସାଦି ଲକ୍ଷ୍ୟମ୍ ।।
ଏକଂନିତ୍ୟଂ ବିମଳମଚଳ ସର୍ବାଧିସାକ୍ଷୀଭୂତମ୍ ।
ଭାବାତୀତଂ ତ୍ରିଗୁଣରହିତଂ ସଦ୍‌ଗୁରୁଂ ତଂ ନମାମି ।।

ହେ ଗୁରୁଦେବ ! ମୁଁ ଆପଣଙ୍କ ଚରଣ କମଳରେ କୋଟି କୋଟି ଦଣ୍ଡବତ ପ୍ରଣାମ ଜଣାଉଛି ।

ହେ ଗୁରୁଦେବ, ଆପଣଙ୍କର ଏ ଅଧମ ପ୍ରତି ବହୁତ ଅନୁଗ୍ରହ ଓ କୃପା ରହିଛି । ଆପଣଙ୍କର ଆଶ୍ରିତ ହେବା ପର ଠାରୁ ଆପଣଙ୍କ ଆଶୀର୍ବାଦରୁ ମୁଁ ଅତ୍ୟନ୍ତ ଦୁରାରୋଗ୍ୟ ରୋଗରୁ ସଫଳତାର ସହିତ ମୁକ୍ତି ଲାଭ କରିବାକୁ ସକ୍ଷମ ହୋଇଛି । ଏ ମାୟା ସଂସାରରେ ରହି ମୁଁ ନାନା ପ୍ରକାର ବିକାରର ସମ୍ମୁଖୀନ ହେଉଛି ସତ, କିନ୍ତୁ ଆପଣଙ୍କ ଦିବ୍ୟରୂପ ସର୍ବଦା ମୋ ଆଖି ଆଗରେ ଭାସି ବୁଲୁଛି । ତାହା ଦ୍ୱାରା ମୋର ଏଭବ ଭୟ, ଯନ୍ତ୍ରଣା ଲାଘବ ହେବା ସଙ୍ଗେ ସଙ୍ଗେ ମନରେ ଦୃଢ଼ତା ଆସୁଛି । ମୋର ଗୁରୁଦେବ ସଦାବେଳେ ମୋ ପାଖେ ପାଖେ ଅଛନ୍ତି । ହେ ଗୁରୁଦେବ । ଆପଣ ମୋର ଗୁରୁ, ମାତା, ପିତା, ବନ୍ଧୁ, ସୁହୃଦ ଓ ସବୁକିଛି । ଆପଣଙ୍କ ପରି ଜଣେ ସତ୍‌ପୁରୁଷଙ୍କୁ ମୋର ଆଧାତ୍ମିକ ଗୁରୁରୂପେ ପାଇ ମୁଁ ନିଜକୁ ଅତ୍ୟନ୍ତ ଭାଗ୍ୟବାନ ମନେ କରୁଛି ।

କିନ୍ତୁ ହାୟ ! କାଳର ବଶବର୍ତ୍ତୀ ହୋଇ ଆପଣ ୯/୧୨/୧୯୩୭ ମସିହା ଓଢ଼ଣ ଷଷ୍ଠୀ ତିଥିରେ ଆର୍ବିଭୂତ ହୋଇ ୨/୧୦/୨୦୦୭ମସିହାରେ ଇହଲୀଳା ସମ୍ବରଣ କରିଛନ୍ତି । ଏହି ସ୍ୱଳ୍ପ ସମୟ ମଧ୍ୟରେ ଆପଣ ନିଜର ଆଧାତ୍ମିକ ପରାକାଷ୍ଠା ଦ୍ୱାରା ଅନେକ ମାୟାବଦ୍ଧ ଜୀବଙ୍କୁ ଶିଷ୍ୟରୂପେ ଗ୍ରହଣ କରି ସେମାନଙ୍କୁ ଏ ଭବସାଗରରୁ ଉଦ୍ଧାର ହେବାର ପଥ ପ୍ରଦର୍ଶନ କରିଛନ୍ତି । ଆପଣଙ୍କ ଅପ୍ରକଟରେ ସବୁକିଛି ଶୂନ୍ୟ ମନେ ହେଉଛି । ଆଧାତ୍ମିକ ଆକାଶରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ଖସି ପଡ଼ିଲା ପରି ପ୍ରତୀୟମାନ ହେଉଛି ।

ହେ ମୋର ପ୍ରିୟ ଗୁରୁଦେବ ! ଏ ଅଧମ କାୟ, ମନ, ବାକ୍ୟରେ ଜ୍ଞାତସାରରେ ବା ଅଜ୍ଞାତ ସାରରେ ଯଦି ଆପଣଙ୍କ ପାଦ ପଦ୍ମରେ କିଛି ଅପରାଧ କରିଥାଏ ତେବେ ଉଦାର ହୃଦୟରେ କ୍ଷମା କରିବା ହେବେ । ଶେଷରେ ଆଜିର ଏହି ଶୁଭ ଅବସରରେ ଆପଣଙ୍କର ଦର୍ଶନ ରାଧାକୁଣ୍ଡ ତଟରେ କରି ବିଦାୟ ନେଉଛି ।

ଜୟ ଶ୍ରୀଲ ଗୁରୁ ମହାରାଜ କି ଜୟ । ଜୟ ଶ୍ରୀ ଶ୍ରୀ ବ୍ୟାସପୂଜା ମହାମହୋତ୍ସବ କି ଜୟ ।

ହରେ କୃଷ୍ଣ

ଆପଣଙ୍କର ଚରଣାଶ୍ରିତ
**ନୀଳମାଧବ ଦାସ**

ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥
ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥

ମୋର ପରମ ଆରାଧିତମ ଶ୍ରୀଲ ଗୁରୁଦେବ!

ଆଜିର ଏହି ୭୨ ତମ ବ୍ୟାସପୂଜା ମହାମହୋତ୍ସବରେ ଏ ଦାସ ଆପଣଙ୍କର ଶ୍ରୀଚରଣ କମଳରେ ଶତକୋଟୀ ଦଣ୍ଡବତ ପ୍ରଣାମ ଜଣାଇ ଆପଣଙ୍କର ଦିବ୍ୟ ଗୁଣାବଳୀରୁ କିଛିଟା କୀର୍ତ୍ତନ ପାଇଁ ପ୍ରୟାସ କରୁଅଛି । ଗୁରୁଦେବ, ବାସ୍ତବରେ ଆପଣଙ୍କର ଗୁଣକୀର୍ତ୍ତନ ପ୍ରସଙ୍ଗ ଯେତେବେଳେ ଆସେ ମୁଁ ଭାବେ ମୋର ଗୁରୁଦେବ ନିଜର ତ୍ୟାଗ, ଆଦର୍ଶ, ଗୁରୁନିଷ୍ଠା ଓ ଗୁରୁଭକ୍ତି ବଳରେ ଶ୍ରୀଲ ପ୍ରଭୁପାଦଙ୍କର ଏପରି ପ୍ରିୟ ଭାଜନ ହୋଇପାରିଥିଲେ । ଶ୍ରୀଲ ପ୍ରଭୁପାଦ ମହାରାଜ ସାରା ଜଗତର ବିଶିଷ୍ଟ ବୈଜ୍ଞାନିକ ମାନଙ୍କର ଜଡ ବିଦ୍ୟାର ଚିନ୍ତାଧାରା ଓ ଆତ୍ମ ଗାରିମାକୁ ଧିକ୍କାର କରିଥିଲେ, ମୋର ଗୁରୁଦେବଙ୍କୁ ଏକ ଅସ୍ତ୍ର ରୂପେ ବ୍ୟବହାର କରି ।

ଗୁରୁଦେବ! ଆପଣଙ୍କର କ'ଣ ନଥିଲା ? ଉଚ୍ଚ ବୈଷ୍ଣବ କୂଳରେ ଜନ୍ମ, ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ, ପ୍ରତିଷ୍ଠା ଓ ଶିକ୍ଷାଗତ ଯୋଗ୍ୟତା ସମ୍ବନ୍ଧରେ ନକହିଲେ ବରଂ ଭଲ । ଏ ୪ଟି ଗୁଣ ସାଧାରଣତ ଭକ୍ତିର ପ୍ରତିକୂଳ ରୂପେ ବିବେଚିତ ହୋଇଥା'ନ୍ତି । ଏ ୪ଟି ଗୁଣଥାଇ ଯେଉଁମାନେ ଭକ୍ତି ରାଜ୍ୟରେ ପ୍ରବେଶ କରିଥା'ନ୍ତି ସେମାନଙ୍କର ସଂଖ୍ୟା ସମାଜରେ ପ୍ରାୟ କୋଟିକରେ ଗୋଟିଏ । ଏଇ କୋଟିକରୁ ଗୋଟିଏ ମିଳିବାର ନମୁନା ହେଉଛନ୍ତି ଆପଣ । ଶ୍ରୀଲ ପ୍ରଭୁପାଦଙ୍କର ଅନେକ ଅତି ଉନ୍ନତ ଧରଣର ଶିଷ୍ୟ ଥିଲେ କିନ୍ତୁ ଆପଣ ଥିଲେ ଏକ ନିଆରା ।

ଗୁରୁଦେବ! ଆପଣ ଶ୍ରୀଲ ପ୍ରଭୁପାଦଙ୍କର ଏପରି ଏକ ବରପୁତ୍ର ଥିଲେ, ଆପଣଙ୍କର ସେବାନିଷ୍ଠା ଓ ଗୁରୁଭକ୍ତିରେ ଶ୍ରୀଲ ପ୍ରଭୁପାଦ ପ୍ରୀତ ହୋଇ ତାଙ୍କ ସେକ୍ରେଟାରୀ ଶ୍ରୀ ଶ୍ରୀମଦ୍ ତମାଳ କୃଷ୍ଣ ମହାରାଜଙ୍କୁ ଆଦେଶ ଦେଇଥିଲେ ଯେ, ଭକ୍ତି ସ୍ୱରୂପଙ୍କୁ ପ୍ରତି ମାସରେ ୧୦,୦୦୦ ଆମେରୀକୀୟ ଡଲାର ଯୋଗାଇ ଦେବାପାଇଁ । ତାହା ଏ କୃଷ୍ଣ ବିଜ୍ଞାନ କଥା ବୈଜ୍ଞାନିକ ମାନଙ୍କ ଗହଣରେ ପ୍ରଚାର ନିମିତ୍ତ ସାହାଯ୍ୟ କରିବ ।

ଗୁରୁଦେବ! ମୁଁ ବିଶେଷ ଗର୍ବ ଅନୁଭବ କରିଥାଏ, ଯେତେବେଳେ ବାହାର ଶିକ୍ଷିତ ସମାଜ ଆପଣଙ୍କର ତ୍ୟାଗ ଓ ଆଦର୍ଶକୁ ଅତି ଆଶ୍ଚର୍ଯ୍ୟର ସହିତ ସମ୍ମାନ ଦେଖାଇଥାନ୍ତି । ମୋର ବାରମ୍ବାର ମନେ ପଡୁଛି, ମୁଁ ଥରେ ବାଣୀ ବିହାର Campus କୁ ମୋର ଏକ ସାଙ୍ଗ ପାଖକୁ ଯାଇଥିଲି । ସାଙ୍ଗ ପାଖରେ ଆଉ ୩/୪ ଜଣ ପିଲା ଥା'ନ୍ତି ।

କଥା ପ୍ରସଙ୍ଗରେ ଶ୍ରୀକ୍ଷେତ୍ରରେ Science Conference programme ର ଆୟୋଜନ କଥା ପଡିଲା । ସାଙ୍ଗ ଜଣକ ପଚାରିଲା, ଏ Conference ର leading କିଏ ନେଉଛନ୍ତି ? ମୁଁ ଗୁରୁଦେବଙ୍କର କଥା

କହି leaf let ଖଣ୍ଡେ ଦେଲି । ସେମାନେ ଗୁରୁଦେବଙ୍କର life history ପଢ଼ି ସ୍ମିତ ହାସ୍ୟ କରି ମୋତେ କହିଲେ
ଆଜି କାଲିତ ବହୁତ ଅନୁଷ୍ଠାନ ନାମୀ ଦାମୀ ବ୍ୟକ୍ତିଙ୍କର ଫଟୋ ଓ ନାମକୁ ଆଗରେ ରଖି ନିଜ ନିଜ ଅନୁଷ୍ଠାନ
ମାନଙ୍କର Member ସଂଖ୍ୟା ବଢ଼ାଇଥା'ନ୍ତି । ଏ ସବୁ ଏକ business ହୋଇଗଲାଣି । ତୁମର ଏ ମହାରାଜ
ବିଶ୍ୱର ନମ୍ବର ୱାନ California University ର ଜଣେ Ph.D. in Science ଏବଂ ଜର୍ଜିଆର Emro
University ର ଜଣେ କାର୍ଯ୍ୟରତ Professor ଥିଲେ, ମାସିକ ଦରମା କହିଲେ ନସରେ, ଭୋଗ ବିଳାସ
ଚରଣ ସୀମାରେ ଥାଇ ଏ ସବୁକୁ ତ୍ୟାଗ କରି ତୁମର ଏ ISKCON ର ଅନ୍ନ ଡାଲାମାକୁ ଆଦରି ନେଲେ ! ଠି
ଅଛି ଆମର ବିଶ୍ୱାସ ନ ହେଲେ ମଧ ଆମେ ନିଶ୍ଚିତ ତୁମର ଏ ମହାରାଜଙ୍କୁ ଦର୍ଶନ କରିବାକୁ ଯିବୁ । ଏଥି
ସ୍ୱଷ୍ଟାନୁମେୟ ମୋର ଗୁରୁଦେବ କିଭଳି ତ୍ୟାଗର ନମୂନା ଥିଲେ ଓ ଏ ଭୌତିକ ଦୁନିଆରେ କେଉଁ ସ୍ଥିତିରେ
ଥିଲେ ।

ଗୁରୁଦେବ ! ଆମ୍ଭେମାନେ ସମସ୍ତେ ଆପଣଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛୁ ସତ, ମାତ୍ର ଯେ ପର୍ଯ୍ୟ
ଆମ୍ଭମାନଙ୍କର ହୃଦୟରେ ବୈଷ୍ଣବର ଗୁଣ ଶୋଭା ନପାଇଛି, ସେ ପର୍ଯ୍ୟନ୍ତ କେହି ହେଲେ ଆପଣଙ୍କୁ ଚିହ୍ନି ପାରିବେ
ନାହିଁ । ଜଣେ ହିଁ ଆପଣଙ୍କୁ ଜାଣି ପାରିଛନ୍ତି । ସେ ହେଉଛନ୍ତି - ଶ୍ରୀଲ ପ୍ରଭୁପାଦ, ଯାହାଙ୍କୁ କି ବର୍ତ୍ତମାନ ସାର
ବିଶ୍ୱର ସମସ୍ତ ଧର୍ମ ଅନୁଷ୍ଠାନ ଗୁଡିକ ଧୀରେ ଧୀରେ ସ୍ୱୀକାର କରିବାକୁ ଆରମ୍ଭ କଲେଣି , ସେ ଏକ ସାଧାରଣ
ମାନବ ନ ଥିଲେ । ଗୁରୁଦେବ ! ମୁଁ ଆଉ ଅଧିକ କିଛି ଲେଖିପାରୁନି । ଆଜିର ଏ ପବିତ୍ର ଦିବସରେ ମୋ
ଏତିକି କାମନା - ଆପଣ ଥିଲେ ବୈଷ୍ଣବ ଗୁଣର ପୂର୍ଣ୍ଣ ଅଧିକାରୀ, ମୋତେ ସେଇ ବୈଷ୍ଣବ ଗୁଣରୁ କଣିକା
ଦିଅନ୍ତୁ ।

ଜୟ ଶ୍ରୀଲ ଗୁରୁଦେବ କି ଜୟ
ଜୟ ଶ୍ରୀଲ ପ୍ରଭୁପାଦ ମହାରାଜ କି ଜୟ

ଆପଣଙ୍କର ଚରଣାଶ୍ରି

**ଦାମୋଦର ପଣ୍ଡିତ ଦା**

•

ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥
ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥

ମୋର ପରମ ଆରାଧ୍ୟତମ ଶ୍ରୀଲ ଗୁରୁଦେବ !

ଆଜି ପବିତ୍ର ଓଢଣୀ ଷଷ୍ଠ । ଏହି ଦିନରେ ବିଶ୍ୱ ବିମୋହିତ ଭଗବାନ ଶ୍ରୀ ଜଗନ୍ନାଥଙ୍କ ଶରୀରରେ ଶୀତଲାଗି ବସ୍ତ୍ର ପରିଧାନ କରାଯାଇଥାଏ । ମହାପ୍ରଭୁଙ୍କ ଅସୀମ କୃପାରୁ ପ୍ରକୃତି ରାଣୀ ତାର ସମସ୍ତ କୃପା ରୂପକ ଭକ୍ତି ଧନରେ ଆଚ୍ଛାଦନ କରି ଆପଣ(ଶ୍ରୀପାଦ ମହାରାଜ) ଙ୍କୁ ଏ ଭୌମ ଜଗତକୁ ପ୍ରେରଣ କରିଥିଲେ । ଆପଣ ଏ ଭୌମ ଜଗତରେ କୃଷ୍ଣ ଭକ୍ତି, କୃଷ୍ଣ ନାମ ପ୍ରଚର କରି ସାରା ବିଶ୍ୱରେ ପ୍ରତିପାଦିତ କରିଗଲେ ଯେ, ଆପଣ ପୂର୍ଣ୍ଣ ଗୌରାନୁଗତ ଏବଂ ଗୁରୁଗତପ୍ରାଣ । ଏ ଦୀନ ହୀନା ଅଧମାର କୌଣସି ଯୋଗ୍ୟତା ନାହିଁର ଆପଣଙ୍କର ସେ କୃପା ଆର୍ଶୀବାଦ ଲାଭ କରିବା ପାଇଁ କିନ୍ତୁ ଆପଣ ହେଉଛନ୍ତି ମହା-ମହାବଦାନ୍ୟ ଅବତାର ନିତ୍ୟାନନ୍ଦଙ୍କର ପ୍ରକାଶ ବିଗ୍ରହ । ଆପଣ କୃପା କରି ଆପଣଙ୍କ ଶ୍ରୀ ଚରଣରେ ସ୍ଥାନ ଦେଇଛନ୍ତି ତାହାହିଁ ମୋର ସର୍ବଶ୍ରେଷ୍ଠ ଧନ ସମ୍ପଦ । ସେଇ ଗୁରୁ ପାଦପଦ୍ମ ରୂପକ ସମ୍ପଦକୁ ମୋର ହୃଦରେ ସାଇତି ରଖି, ଆପଣଙ୍କ ଗୁଣ ଗାନ କରି କରି ଏ ଜୀବ ଚଲିଯାଉ । ଏତିକି ମାତ୍ର ଅଧମାର ନିବେଦନ ।

ଯୋଗ୍ୟତା ବିଚରେ କିଛୁ ନାହିଁ ପାଇ
ତୋମାର କରୁଣା ସାର
କରୁଣା ନା ହଇଲେ କାନ୍ଦିୟା କାନ୍ଦିୟା
ପ୍ରାଣ ନା ରଖିବ ଆର
ଜୟ ଶ୍ରୀ ଶ୍ରୀମଦ୍ ଭକ୍ତିସ୍ୱରୂପ ଦାମୋଦର ସ୍ୱାମି
ଶ୍ରୀଲ ଗୁରୁଦେବ କି ଜୟ

ଆପଣଙ୍କର ଚରଣ ସେବିକା,
**ନିତ୍ୟ ଦାସୀ**

•

ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥
ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥

ମୋର ପରମ ଆରାଧ୍ୟତମ ଶ୍ରୀଲ ଗୁରୁଦେବ !

ଆପଣଙ୍କର ଜୟହେଉ । ଆଜି ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ଶ୍ରୀଚରଣରେ ମୋର କୋଟିକୋଟି ଭୂମିଷ୍ଠ ପ୍ରଣାମ, ସାଦରେ ଗ୍ରହଣ କରିବା ହେବେ । ଗୁରୁଦେବ ଆପଣ ମୋତେ କୃପା କରନ୍ତୁ!

କାମ, କ୍ରୋଧ, ଲୋଭ ଓ ମୋହ ମାନଙ୍କର ଦାସ ହୋଇଥିବା ଏହି ମନ, ଆପଣ ପ୍ରଦାନ କରିଥିବା ନାମ ଧନକୁ ଯେପରି ହାତଛଡା ନକରେ! ଆପଣଙ୍କ ପାଦ ପଦ୍ମକୁ ଆଶ୍ରୟ କରି ନିମ୍ନମତେ ପ୍ରାର୍ଥନା କରୁଛି ।

ଜୟ ଗୁରୁଦେବ ଦୟାର ସାଗର<br>
ଶାନ୍ତ ବୈଷ୍ଣବ ଠାକୁର ।<br>
ଘେନାକରବାରେ ଏହି ଅଧମର<br>
କୋଟି କୋଟି ନମସ୍କାର ।।<br>
ଯୋଗ୍ୟତା ବିଚାରେ କିଛି ନାହିଁ ମୋର<br>
କର୍ମ ପୂଜା ଅରଚନା ।<br>
ଜାଣିପାରୁନାହିଁ କିପରି ଗାଇବି<br>
ମୁହିଁ ଶ୍ରୀଗୁରୁ ବନ୍ଦନା ।।<br>
ଗୁରୁମୋର ପିତା ଗୁରୁମୋର ମାତା<br>
ଗୁରୁମୋର ତ୍ରାଣ କର୍ତ୍ତା ।<br>
ମୁହିଁ କ୍ରୀତ ଦାସ ଜନ୍ମଜନ୍ମାନ୍ତରେ<br>
ତୁମ୍ଭେ ମୋର ପାଳନ କର୍ତ୍ତା ।।<br>
କାମ କ୍ରୋଧ ଲୋଭ ମୋହ ବଇରୀ ଯେ<br>
ମୋତେ କରେ ଜର୍ଜରିତ ।<br>
ଉଦ୍ଧରି ନ ପାରି ଭବ ସାଗରରୁ<br>
ହେଉଅଛି ପରାହତ ।।<br>
ସମନ ଦଣ୍ଡକୁ ପାରହେବା ପାଇଁ<br>
ମହାମନ୍ତ୍ର ମୋତେ ଦେଲ ।<br>
ତୁମ୍ଭ କୃପାବିନା ନୁହଁଇ ସହଜ<br>
ହେଉଅଛି କଲବଲ ।।<br>
ପାଦ ପଙ୍କଜକୁ ଦେଖିଦେଲେ ଥରେ<br>
ପିଛୁଳା ନ ପଡେ ଆଖି ।

ମୋଠାରେ କରୁଣା କର ଗୁରୁଦେବ<br>
ମନ ଥାଉ ସେଠିଲାଖି ।।<br>
କଣ୍ଠରେ ଶୋଭିତ ଯଜ୍ଞ ଉପବିତ<br>
ମସ୍ତକେ ତିଳକ ଚିତା ।<br>
ଉଲ୍ଲାସ ବର୍ଜନୁ ଝରିପଡୁଥାଏ<br>
ସରଳ ମଧୁର କଥା ।।<br>
ଶାନ୍ତ ଧୀର ରୂପ ଟାଣି ନିଏ ମନ<br>
ନିନ୍ଦାକରେ ଇନ୍ଦ୍ରପଦ ।<br>
କେତେ ଜନ୍ମେ କେତେ ପୁଣ୍ୟ କରିଥିଲେ<br>
ମିଳେ ଅପୂର୍ବ ସମ୍ପଦ ।।<br>
ଅନେକ ଜନମ ତପ କରିଥିଲି<br>
ଚରଣେ ଆଶ୍ରା ପାଇଲି ।<br>
ବେନିକର ଯୋଡି ଆଜ୍ଞା ମାଗୁଅଛି<br>
ସେବକ ହୋଇ ଖଟିବି ।।<br>
ଯେତେ କଷ୍ଟ ହେଉ ନାମ ଧନ ଥାଉ<br>
ଏଇମାତ୍ର କୃପାକର ।<br>
ଶୟନେ ସ୍ୱପନେ କିବା ଜାଗରଣେ<br>
ଦେଖିବି ରୂପ ତୁମ୍ଭର ।।

ଜୟ ଶ୍ରୀ ଶ୍ରୀମଦ ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ ଗୁରୁ ମହାରାଜଙ୍କ ଜୟ

ଆପଣଙ୍କର ଚରଣ ସେବକ

**ମୁକ୍ତାରାମ ଦାସ**

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଲାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

ପରମ ଆରାଧ୍ୟତମ ଶ୍ରୀଳ ଗୁରୁଦେବ!

ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥିରେ, ଆପଣଙ୍କର ଅଭୟ ଚରଣାର ବିନ୍ଦରେ, ଏ ନିସ୍କିଞ୍ଚନ, ଲିପ୍ସେଷିତ ଓ ଅବହେଳିତ, ଶତକୋଟି ଭୂମିଷ୍ଟ ପ୍ରଣାମ ଜଣାଉଛି ଏବଂ ଉପସ୍ଥିତ ସମସ୍ତ ଗୁରୁଭ୍ରାତା ଗୁରୁ ଭଗ୍ନି ଓ ଅନ୍ୟାନ୍ୟ ଭକ୍ତ ବୃନ୍ଦଙ୍କୁ ବିନମ୍ର ପ୍ରଣାମ ଜଣାଇ ଆଶିର୍ବାଦ କାମନା କରୁଛି ।

ହେ ଗୁରୁଦେବ ଆଜି ଆପଣଙ୍କର ପବିତ୍ର ବ୍ୟାସ ପୂଜା ମହୋତ୍ସବ ଶୁଭ ଦିବସରେ ଶତଶତ ଶିଷ୍ୟ ଆପଣଙ୍କର ଗୁଣଗାନ କରି, ଆପଣଙ୍କୁ ଆନନ୍ଦ ପ୍ରଦାନ କରୁଛନ୍ତି । କିନ୍ତୁ ଆପଣଙ୍କର ଗୁଣଗାନ କରିବା ପାଇଁ ଏହି ଅଶିକ୍ଷିତ ଅଯୋଗ୍ୟ । ଭକ୍ତିହିନ ଶିଷ୍ୟର ଶକ୍ତି ସାମର୍ଥ ନାହିଁ । ତେଣୁ ଗୁଣଗାନ କରିବା ପରିବର୍ତ୍ତେ, ମୁଁ ଆପଣଙ୍କର ଅଭୟ ଚରଣ କମଳରେ ବିନିତ ପ୍ରାର୍ଥନା କରୁଛି । ହେ ଗୁରୁଦେବ, ମୁଁ ଯେତେବେଳେ ଆପଣଙ୍କ ପାଖକୁ ଯାଏ କୌଣସି କଥା ପଚାରିବାକୁ ଆପଣ କହନ୍ତି । ଯେତେ ପ୍ରକାର ବାଧା, ବିଘ୍ନ, ଦୁଃଖ, କଷ୍ଟ ଅସୁବିଧାର ସମ୍ମୁଖୀନ ହେଲେ ମଧ ଧର୍ଯ୍ୟହରା ନ ହୋଇ ଧର୍ଯ୍ୟ ସହକାରେ ହରି ଭଜନ କର, ମୁଁ ଏତେ ହତ ଭାଗା ଯେ ମୋର ମନ ହରି ଭଜନରେ ଲାଗୁନାହିଁ ।

ତେଣୁ କୁହାଯାଇଛି

ଗୁରୁଦେବ! ଦୟାମୟ!
ପ୍ରାଣେର ଯାତନା ଜାନାବ କି ତୋମା
ହୟେଛେ ଜୀବନ ଯନ୍ତ୍ରଣା ମୟ ।୧।
ଶ୍ରୀକୃଷ୍ଣ ଭଜିତେ ନାହିଁ ରହେ ମତି,
ବିଷୟ ଭୋଗେତେ ପ୍ରବଳ ଆସକ୍ତି,
ବିଷୟେର ଆଶା ନାହିଁ ଛାଡେ ମନ
ବିଷୟେତେ ସଦା ଧାୟ ।୨।
କୃଷ୍ଣ ଦାସ ଭୁଲି ମାୟାରେ ଭଜିନୁ,
ଆପଣ ସ୍ୱରୂପ କଭୁ ନା ଚିନ୍ତିନୁ,
ବିରୂପେ ସ୍ୱରୂପ ଭାବିମୂଢ ମନ,
ମାୟାତେ ଆକୃଷ୍ଟ ହୟ ।୩।

ଦୁଷ୍ଟ ସଙ୍ଗ ଫଳ ନା ବୁଝିନୁ ହାୟ
ସାଧୁ କାଛେ ଯେତେ ଚିତ୍ତ ନାହିଁ ଚାୟ,
ଅସତେର ସଙ୍ଗେ ଥାକିୟା ସତତ
ଚିତ୍ତ ହଲ ବଜ୍ର ପାୟ ।୪।

କନକ, କାମିନୀ ଲାଭ ପୂଜା ଆଶା
ଚାହେଁ ମୋର ଚିତ୍ତ ଆର ପ୍ରତିଷ୍ଠାଶା
କି ରୂପେ ଶୋଧିତ ହବେ ମୋର ଚିତ୍ତ-
ଏଇ ଚିନ୍ତା ସଦା ହୟ ।୫।

ତବ କୃପାକଣା ଆମାର ସମ୍ବଲ
ତବ କୃପା ବିନା ନାହିଁ ଅନ୍ୟବଲ
କୃପା କର ପ୍ରଭୁ ଦିୟା ଚିଦ୍ ବଳ
ଦାସ ତୋମା ପ୍ରଣମୟ ।୬।

ସାଧୁ ସଙ୍ଗେ ଥାକି ଛୟବେଗ ଦମି
ଶ୍ରୀକୃଷ୍ଣ ଚରଣ ସେବି ଯେନ ଆମି
ହେନ ମତି ଯାତେ ତବ ଦାସାଧମ,
ବନ୍ଦିତବ ରାଙ୍ଗା ପାୟ ।୭।

ଓହେ ଗୁରୁଦେବ ! ତବ ଶ୍ରୀ ଚରଣ,
ସେବି ଜେନ ଆମି ଜନମ ଜନମ
ଏଇ ଆଶିର୍ବାଦ ଯାଚି ଅଭାଜନ,
ତବ ପଦେ ସ୍ଥାନ ଚାୟ ।୮।

ହେ ବୈଷ୍ଣବ ଚୂଡାମଣି ଶ୍ରୀଲ ଗୁରୁଦେବ ! ଏ ଅଧମ ଅସତ ସଙ୍ଗରେ ପଡି ନିଜର ସମସ୍ତ ଅମୂଲ୍ୟ ସମୟ ଶକ୍ତିକୁ ଅପବ୍ୟୟ କରି ଭୌତିକ ଚାକଚକ୍ୟ ପ୍ରତି ଆସକ୍ତ ହୋଇପଡିଛି । ହେ ଗୁରୁ ଦେବ ! ମୋତେ କୃପା କରି ଆପଣଙ୍କର ଚରଣ କମଳରେ ସ୍ଥାନ ଦିଅନ୍ତୁ ଗବାନ ଶ୍ରୀକୃଷ୍ଣଙ୍କର ସଂକୀର୍ତ୍ତନ ନୃତ୍ୟଗିତ ବାଦ୍ୟରେ ମହାମତ୍ତ କରି ମୋର ତ୍ରିତାପ ଦଗ୍ଧ ଭୂତି ଜୀବନକୁ ସାର୍ଥକ କରନ୍ତୁ ।

ପତିତିପାବନ ଶ୍ରୀଳ ଗୁରୁଦେବ କି ଜୟ

ଆପଣଙ୍କର କୃପାଭିଳାଷି ଅଧମ

**ଅସିତ ଦାସ**

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

ମୋର ପରମ ଆରାଧ୍ୟତମ ଶ୍ରୀଲ ଗୁରୁଦେବ!

ଆଜି ଆପଣଙ୍କର ୭୨ତମ ଶୁଭ ଆର୍ବିଭାବ ତିଥିରେ ଏ ଅଧମା ଦାସୀର ଆପଣଙ୍କ ଚରଣ ଦ୍ୱୟରେ କୋଟି କୋଟି ଭୂମିଷ୍ଠ ଦଣ୍ଡବତ ପ୍ରଣାମ ଜଣାଇ ମୋର ଅର୍ଘ୍ୟ ଅର୍ପଣ କରୁଅଛି । ଏହା ଆପଣଙ୍କର ସୁ-କୋମଳ ହୃଦୟରେ ସ୍ଥାନ ଦେବେ ବୋଲି ମୋର ଆଶା ଓ ବିଶ୍ୱାସ । ତଥା ଏହି ପବିତ୍ର ବ୍ୟାସପୂଜା ମହାମହୋତ୍ସବରେ ସମବେତ ସାଧୁସନ୍ଥ, ଭକ୍ତ ସଜ୍ଜନ ବୈଷ୍ଣବ, ବୈଷ୍ଣବୀମାନଙ୍କୁ ଏ ଦାସୀର ଆନ୍ତରିକ ଭୂମିଷ୍ଠ ପ୍ରଣାମ ଅର୍ପଣ କରୁଛି ।

ହେ ଦୟାମୟ ଗୁରୁଦେବ! ଏ ପବିତ୍ର ବ୍ୟାସପୂଜା ଯେ କେବଳ ଏହି ଭୁବନେଶ୍ୱର ଇସ୍କନ ମନ୍ଦିରରେ ପାଳିତ ହେଉଅଛି ତାହା ନୁହେଁ । ଆପଣଙ୍କର ହଜାର ହଜାର ଶିଷ୍ୟଶିଷ୍ୟାମାନେ ସାରା ବିଶ୍ୱରେ ଏହାକୁ ମହାଡମ୍ବର ସହକାରେ ପାଳନ କରୁଛନ୍ତି । ଭଗବାନଙ୍କର ଜନ୍ମ ଯେପରି ନିତ୍ୟ ଓ ପବିତ୍ର । ସେପରି ଆପଣଙ୍କର ଆର୍ବିଭାବ ଦିବ୍ୟ, ପବିତ୍ର ଓ ମହାନ । ଯାହାର ଗୁଣାବଳୀକୁ ସ୍ୱୟଂ ଶ୍ରୀ ଅନନ୍ତ ତାଙ୍କର ଅନନ୍ତ ମୁଖରେ ବର୍ଣ୍ଣନା କରିବାକୁ ଅକ୍ଷମ । ଏ ଅଧମ ଦାସୀ କିପରି ସକ୍ଷମ ହେବ ଆପଣଙ୍କର ଗୁଣାବଳୀକୁ ବର୍ଣ୍ଣନା କରିବା ପାଇଁ, କେବଳ ଏ ଅଧମା ପ୍ରତି ବିନ୍ଦୁଏ ମାତ୍ର କୃପାଦୃଷ୍ଟି ଦ୍ୱାରା ଏ ଦାସୀ ପ୍ରଚେଷ୍ଟା କରିଛି କିଛି ଆପଣଙ୍କର ଗୁଣାବଳୀକୁ ଆଲୋକପାତ କରିବା ପାଇଁ, ଏହା କେବଳ ମୋର ଧୃଷ୍ଟତା ମାତ୍ର । ଦୋଷାଦୋଷ ପାଇଁ ଆପଣ ଏ ଅଧମା ଦାସୀକୁ କ୍ଷମା ଦେବେ ।

ପରମ ପୁରୁଷ ଭଗବାନ କେବଳ ପତିତମାନଙ୍କ ଉଦ୍ଧାର ପାଇଁ ତାଙ୍କର ଅସୀମ କୃପାଯୋଗୁଁ ଆଧ୍ୟାତ୍ମିକ ଗୁରୁରୂପେ ପ୍ରକାଶିତ ହୁଅନ୍ତି । ଗୁରୁଦେବ ଶିଷ୍ୟମାନଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥାନ୍ତି । ଗୁରୁଦେବ ସମସ୍ତ ବୈଦିକ ଜ୍ଞାନର ସମସ୍ତ ନିଗୁଢ ତତ୍ତ୍ୱ ଶିକ୍ଷା ଦିଅନ୍ତି ।

ଶ୍ରୀ ଜଗନ୍ନାଥଙ୍କର ପବିତ୍ର ଓଢଣଷଷ୍ଠୀ ଦିବସରେ ଆପଣଙ୍କର ଶୁଭ ଆର୍ବିଭାବ ହୋଇଥିଲା । ଏହି ଶୁଭ ଅବସରରେ ଭଗବାନତ ଭକ୍ତଙ୍କ ମଧ୍ୟରେ ଏକ ଅପୂର୍ବ ମିଳନ ହୋଇଛି । ଏହି ଓଢଣ ଷଷ୍ଠୀ ଦିବସରେ ଭଗବାନଙ୍କୁ ଯେପରି ଶୀତର ପ୍ରକୋପରୁ ରକ୍ଷା କରିବା ପାଇଁ ଶୀତବସ୍ତ୍ର ଲାଗି କରାଯାଏ ସେହିପରି ପାପକ୍ଲିଷ୍ଟ ସଂସାରରୁ ଆମପରି ପତିତ ଅଧମା ଶିଷ୍ୟା ଓ ଶିଷ୍ୟମାନଙ୍କୁ ଉଦ୍ଧାର ପାଇଁ ଆପଣ ଏ ଜଗତରେ ଆର୍ବିଭାବ ହୋଇଛନ୍ତି । ଆପଣ ଏ ଜଗତରେ କିଛି କରିବାର ନାହିଁ । କିନ୍ତୁ ଆପଣଙ୍କର ହୃଦୟ ଏତେ କୋମଳ ଦୟାପୂର୍ଣ୍ଣ ଯେ, ଜଗତର ଏ ପ୍ରକାର ଦୁର୍ଦ୍ଦଶା ଦେଖି ସହ୍ୟ କରିପାରନ୍ତି ନାହିଁ । ତେଣୁ ଆମପରି ପାପାଚାରୀ, ଦୁରାଚାରୀ ଭୋଗ ବିଳାସୀଙ୍କୁ ଉଦ୍ଧାର ପାଇଁ ଏ ସଂସାରରେ ପ୍ରକଟ ହୁଅନ୍ତି ।

ହେ ଗୁରୁଦେବ! ଆପଣ ଏତେ କୃପାମୟ, କରୁଣାମୟ ଯେ ତାହାର ପଟାନ୍ତର ନାହିଁ । ଜୀବ ତାର ଜୀବନଦଶାରେ ଯାହା ପୂର୍ଣ୍ଣ କରିବାକୁ ସକ୍ଷମ ହୁଏ ନାହିଁ, ତାହାକୁ ଆପଣ ଇଙ୍ଗିତ ମାତ୍ରକେ ସମସ୍ତ ଅଭିଳାଷ ପୂର୍ଣ୍ଣ କରିଦେଇଥାନ୍ତି । ତାହା ହେଉଛି, "ବୃନ୍ଦାବନ ଧାମ" ଦର୍ଶନ । ପୋଥି ପୁରାଣରୁ ପଢ଼ି, ଭକ୍ତମାନଙ୍କଠାରୁ ଶୁଣି ଆମେ ବୃନ୍ଦାବନ କଥା ଶୁଣୁଥିଲୁ । କିନ୍ତୁ ଏଇ ପାପ ନେତ୍ରରେ ପ୍ରତ୍ୟେକ୍ଷ ଭାବରେ ଦର୍ଶନ କରିନଥିଲୁ । କିନ୍ତୁ ଆପଣ, କୃପା କରିବାରୁ ପବିତ୍ର ବୃନ୍ଦାବନ ଧାମ ଦର୍ଶନର ସୌଭାଗ୍ୟ ଅର୍ଜନ କରିପାରିଥିଲୁ ।

ଆପଣଙ୍କର ଆକସ୍ମିକ ପବିତ୍ର ଅପ୍ରକଟ ଇସ୍କନ ଆକାଶରୁ ଏକ ଉଜ୍ଜ୍ୱଳତମ ତାରକାର ଅସ୍ତମିତ ସହ ସମାନ ଥିଲା । ଦ୍ୱିତୀୟଥର ପାଇଁ ଆପଣଙ୍କର ସାନିଧ୍ୟ ଲାଭ ଓ କରୁଣା ଭକ୍ତିରେ ଲୀନହୋଇ ବୃନ୍ଦାବନ ଧାମ ଦର୍ଶନର ଉଚ୍ଚ ଆଶା, ଆଶାରେ ହିଁ ରହିଗଲା । ଆପଣଙ୍କ କୃପା ଯୋଗୁଁ ପ୍ରତିବର୍ଷ ବୃନ୍ଦାବନ ଧାମ ଦର୍ଶନର ସୌଭାଗ୍ୟ ପାଉଥିବାରୁ ମୁଁ ନିଜକୁ ଧନ୍ୟ ମଣୁଛି । ଆପଣଙ୍କର ଏହି କରୁଣା ରୂପକ ବାରି ସର୍ବଦା ଆମ ଉପରେ ଥାଉ ଏବଂ ଆମେ ପ୍ରତିବର୍ଷ ବୃନ୍ଦାବନ ଧାମ ଦର୍ଶନର ସ୍ୱଯୋଗ ପାଇପାରିବୁ, ଏହାହିଁ ମୋର ଆପଣଙ୍କ ଚରଣକମଳରେ ପ୍ରାର୍ଥନା ।

ଗୁରୁ କୃପା ଯାହାଉପରେ ଥାଏ ସେ କୌଣସି କାର୍ଯ୍ୟରେ କେବେହେଲେ ବିଫଳ ବା ହୀନମାନ୍ୟକାର ଶିକାର ହୁଏ ନାହିଁ ଏବଂ ସଂସାରର କୌଣସି ଶକ୍ତି ତାଙ୍କର ଲକ୍ଷପଥରେ ପହଞ୍ଚିବାରେ ବାଧା ସୃଷ୍ଟି କରିପାରେ ନାହିଁ । ଏହା ଏବେ ମୁଁ ମୋ ଅନୁଭୂତିରୁ ବର୍ଣ୍ଣନା କରୁଛି ।

ବୃନ୍ଦାବନ ଯିବାପାଇଁ ଦୁଇମାସ ଆଗରୁ ଟିକେଟ କଟା ସରିଯାଇଥାଏ । ସେହି ସମୟରେ ମୋର ବାମ ଗୋଡର ଗଣ୍ଠିରେ ଏକ ବଥବାହାରି ବଢ଼ିବାରେ ଲାଗିଲା । ଯେତେ ଔଷଧାଦି ସେବନ କଲେ ମଧ ତାହା ଭଲହେଲା ନାହିଁ ବରଂ ଯନ୍ତ୍ରଣା ବଢ଼ିବାରେ ଲାଗିଲା । ଏହିପରି ମାସେ ପର୍ଯ୍ୟନ୍ତ, ଯନ୍ତ୍ରଣାରେ ଯନ୍ତ୍ରଣାରେ ଛଟପଟ ହେଲାପରେ ମୋ ଗୋଡରେ ଅପରେସନ କରାଗଲା, କିନ୍ତୁ ମୋର ଡାଇବେଟିସ୍ ଥିବାରୁ ଯନ୍ତ୍ରଣାସ୍ଥଳ ଶୁଖିବାରେ ବହୁତ ଡେରି ହେଲା । ସେ ପର୍ଯ୍ୟନ୍ତ ମଧ ମୁଁ ଚାଲିପାରୁନଥିଲି । ବୃନ୍ଦାବନ ଯିବାପାଇଁ ସାତ ଆଠଦିନ ଥାଏ ମୁଁ ଭାବିଲି, ମୁଁତ ଭଲରେ ଚାଲିପାରୁ ନାହିଁ ବୃନ୍ଦାବନ କିପରି ଯିବି । ସେହିସମୟରେ ମୁଁ ଗୁରୁ କୃଷ୍ଣଙ୍କୁ ମନେ ମନେ ସୁମରଣା କଲି ଓ ମୋର ଦୋଷାଦୋଷ କ୍ଷମା କରିଦେବା ପାଇଁ ପ୍ରାର୍ଥନା କଲି । ବୃନ୍ଦାବନ ଯିବାର ପୂର୍ବଦିନ ପର୍ଯ୍ୟନ୍ତ ମଧ ମୁଁ ଭଲରେ ଚାଲିପାରୁନଥାଏ ଓ ଯିବା ବା ନଯିବାର ଆଶଙ୍କାରେ ଥାଏ । ସେହି ସମୟରେ ପ୍ରଭୁ କହିଲେ ବିଚଳିତ ହେବାର କୌଣସି କାରଣ ନାହିଁ । ଗୁରୁ କୃଷ୍ଣ, କୃପା କରିଛନ୍ତି ଯେତେବେଳେ କୌଣସି ବାଧାବିଘ୍ନ ବୃନ୍ଦାବନ ଧାମ ଯିବାରେ ପଥରୋଧ କରିପାରିବେ ନାହିଁ । ପରଦିନ ଗୁରୁ କୃଷ୍ଣଙ୍କୁ ସୁମରଣା କରି ସପରିବାରେ ବୃନ୍ଦାବନ ଦର୍ଶନ ପାଇଁ ବାହାରିଲୁ ଓ ସେଠାରେ ଗୁରୁଙ୍କ କୃପାରୁ ଖୁବ୍ ଭଲରେ ପହଞ୍ଚିଲୁ । ଆଶ୍ଚର୍ଯ୍ୟର କଥା ହେଲା ଯେ, ମୋର ଗୋଡର ଯନ୍ତ୍ରଣା ବହୁମାତ୍ରାରେ କମିଯାଇଅଛି ଓ ମୁଁ ମଧ ଭଲରେ ଚାଲିପାରୁଛି । ଗୁରୁକୃପା ଯୋଗୁଁ ମୁଁ ୧୨ କି.ମି ଦୀର୍ଘ ବୃନ୍ଦାବନ ପରିକ୍ରମା ମଧ ବିନା ଯନ୍ତ୍ରଣାରେ ସମାପ୍ତ କରିପାରିଲି ।

ଏଣୁ ଗୁରୁଙ୍କ ଚରଣ କମଳରେ ଏତିକି ମିନତି, ହେ ଗୁରୁଦେବ! ମୋତେ ସର୍ବଦା ଆପଣଙ୍କ କରୁଣା ରୂପକ ବାରି ପ୍ରଦାନ କରୁଥାନ୍ତୁ । ଯଦି ମୋ ଦ୍ୱାରା କୌଣସି ତ୍ରୁଟି ହୋଇଯାଥାଏ ତେବେ, ଦୋଷାଦୋଷ ପାଇଁ ଏ ଅଧମା ଦାସୀକୁ କ୍ଷମା ଦେବେ ।

ଆପଣଙ୍କ ଚରଣାଦାସୀ

**ତ୍ରିକାଳଲତୀକା ଦେବୀ ଦାସୀ**

•

## ଭକ୍ତ୍ୟାର୍ଘଂ

ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀଗୁରୁବେ ନମଃ ।।
ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ।।
ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀ ଗୁରୁ ମହାରାଜ ନିତିନାମିନେ ।

ବୈଷ୍ଣବ ଠାକୁର ଆମାର ।
ଘେନ ପ୍ରତିପାତ ମୋର ।।
ବୈଷ୍ଣବ ବୈଷ୍ଣବୀ ଅଛନ୍ତି ।
ତାଙ୍କୁ ମୁଁ ପ୍ରଣତି କରୁଛି ।।
ସଭାରେ ସଜନ ଯେତେକ ।
ଘେନିବେ ମୋର ପ୍ରଣିପାତ ।।
ଓଢଣ ଷଷ୍ଠୀ ଦିବସରେ ।
ଜନମି ବିଷ୍ଣୁପୁର ଠାରେ ।।
ପିତାଯେ ଯୋଗେନ୍ଦ୍ର ଅଟନ୍ତି ।
ଜାହ୍ନବୀ ଦେବୀ ମାତା ଛନ୍ତି ।।
ତାଙ୍କ ଉଦରୁ ହୋଇଜାତ ।
ଟି.ଡି.ସଂହ ନାମେସେ ଖ୍ୟାତ ।।
ଗ୍ରାମବାସ କରି ପିତାଜୀ ।
ପାଳନ ଗଠନେ ମାତାଜୀ ।।

ଶୈଶବ କାଳୁ ବିଦ୍ୟା ଶିକ୍ଷା ।
ଗ୍ରାମ୍ୟ ବିଦ୍ୟାଳୟେ ନାମ ଲେଖା ।।
ଅଧ୍ୟୟନରେ ଗୁରୁଦେବ ।
ଶିକ୍ଷାରେ ସେ ପ୍ରଥମ ସର୍ବ ।।
ଏକ ଦିନେ ଜ୍ୟୋତିଷ ରାଇ ।
କୋଷ୍ଠି ବିଚାର କରିଲାଇଁ ।।
ଭବିଷ୍ୟ ବାଣୀ ଯେ କହଇ ।
ପ୍ରଥମେ ବୈଜ୍ଞାନିକ ହୋଇ ।।
ଦ୍ୱିତୀୟ ଆଧାତ୍ମିକ ବାଣୀ ।
ସର୍ବ ମଧ୍ୟରେ ମହାଜ୍ଞାନୀ ।।
ଆଧାତ୍ମିକ ସାଧୁ ଗୁରୁ ମେଳେ ।
ହରି କୀର୍ତ୍ତନ ସଦା ବେଳେ ।।
ଏହି ସମୟେ ପିତା ତାର ।
ବିଦାୟ ନେଲେ ସ୍ୱର୍ଗ ପୁର ।।

ତଥାପି ଗୁରୁଜୀ ଆମ୍ଭର ।
କଷ୍ଟେ ସେ ଚଳାନ୍ତି ସଂସାର ।।
ନିଜ ହସ୍ତେ ଭୂମି କର୍ଷଣ ।
ବିଦ୍ୟାପଠନ ବିଚକ୍ଷଣ ।।
ପ୍ରାଥମିକ ବିଦ୍ୟା ସାରିଲେ ।
ଉଚ୍ଚ ଶିକ୍ଷା ପାଇଁ ଚଳିଲେ ।।
ସମ୍ପର୍କୀୟ ଯେ ମାମୁଁ ଥିଲେ ।
ଅବିଭାବକ ବୋଲାଇଲେ ।।
ଗୋହାଟୀ ବିଶ୍ୱ ବିଦ୍ୟାଳୟ ।
ପ୍ରଥମ ହେଲେ ଗୁରୁରାଏ ।।
ଆମେରିକା କଲେ ଗମନ ।
ପଢ଼ିଲେ ପାଠ ସେ ବିଜ୍ଞାନ ।।
ସେହି ସମୟରେ ପ୍ରଭୁପାଦ ।
ଦର୍ଶନେ ମିଳିଲେ ଗୁରୁଦେବ ।।
ପ୍ରଭୁପାଦଙ୍କ ମିଶନରେ ।
ଯୋଗ ସେ ଦେଲେ ନିଶ୍ଚିନ୍ତରେ ।।
କୃଷ୍ଣବାଣୀ ସେ ପ୍ରଚାରିଲେ ।
ବିଶ୍ୱରେ ବିଖ୍ୟାତ ହୋଇଲେ ।।
ଜନ୍ମ ସ୍ଥାନ ନାମ ମଣିପୁର ।
ଗଢ଼ିଲେ ମନ୍ଦିର ସୁନ୍ଦର ।।
ଯେ ଅଟେ ପ୍ରଭୁପାଦ ପ୍ରେଷ୍ଠ ।
ସେ ଗଉଡୀୟ ଧର୍ମ ଶ୍ରେଷ୍ଠ ।।
ଭକତି ବୀଜ ଅରପଣ ।
ସ୍ୱଇଷ୍ଟ ସ୍ତୁତି ଯେ'ବିଧାନ ।।
ଭାଗବତ ରସ ରାଗରେ ।
ଅବଗାହନ ନିରନ୍ତରେ ।।
ବିଜ୍ଞାନ ଗ୍ରନ୍ଥରେ ଅଂସଖ୍ୟ ।

ଶୁଦ୍ଧ ଭାବରେ ପରକାଶ ।।
ଭଜନ କରି ବନ୍ଧଜୀବେ ।
ବ୍ରଜେ ଚଳିଲେ ସେହୁ ବେଗେ ।।
ଦ୍ୱାଦଶ ବନ ବୁଲି ବୁଲି ।
ହା ରାଧେ କୃଷ୍ଣ ଉଚ୍ଚେ ବୋଲି ।।
ନିତାଇ ଗୌର ଗୋପୀନାଥ ।
କୃଷ୍ଣଚୈତନ୍ୟ ସଚୀସୁତ ।।
ସେହି ଅନନ୍ତ ବାସୁଦେବ ।
କିଏ ବା ଗୁଣ ବଖାଣିବ ।।
ସାକ୍ଷାତ ହରି ଯେ ଅଟଇ ।
ଆଚର୍ଯ୍ୟ ରୂପେ ଉଦେ ହୋଇ ।।
ନାଶିଲେ ଜୀବର ଅଜ୍ଞାନ ।
ପ୍ରପଞ୍ଚେ ହୋଇ ଅବତୀର୍ଣ୍ଣ ।।
କରୁଣା କରଗରୁ ମୋରେ ।
ତୁମର ପ୍ରକଟ ତିଥିରେ ।।
ପଠନ ଶେଷେ ମହାମନ୍ତ୍ର ।
ଗୁରୁଙ୍କ ଠାରେ ଯୋଗସୂତ୍ର ।।
ମୂଢ଼ କୈଳାସପତି ଜାଣ ।
ନବାକ୍ଷରେ କଲି ବଖାଣ ।।
ଶେଷରେ ମହାମନ୍ତ୍ର ପଢ଼ି ।
ବିଦାୟ ନିଏ କରଯୋଡି ।।
ହରେ କୃଷ୍ଣ ହରେ କୃଷ୍ଣ
କୃଷ୍ଣ କୃଷ୍ଣ ହରେ ହରେ ।
ହରେ ରାମ ହରେ ରାମ
ରାମ ରାମ ହରେ ହରେ ।।

ଆପଣଙ୍କର ଦାସାନୁଦାସ

**ଶ୍ରୀପାଦ କୈଳାସ ପତି ଦାସ**

ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।
ଚକ୍ଷୁରୁନ୍ମୀଲିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥
ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥

ପରମାରାଧ୍ୟ ଶ୍ରୀଲ ଗୁରୁଦେବ!

ବାତ୍ସରୀତମ ଆର୍ବିଭାବ ତିଥିରେ ଆପଣଙ୍କର ଶ୍ରୀଚରଣ କମଳରେ ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ ଜଣାଉଛି । ଶ୍ରୀଲ ଗୁରୁଦେବ ଶ୍ରୀଲ ପ୍ରଭୁପାଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ । ପ୍ରଭୁପାଦ ଅନେକ ସମୟରେ କହୁଥିଲେ ଯେ, "I have so many desciples but I have only one Swarupa Damodar" ଶ୍ରୀଲ ଗୁରୁଦେବ ଥିଲେ ଭକ୍ତି ବେଦାନ୍ତ ଧାରାର ଜଣେ ମହତ୍ତ୍ୱପୂର୍ଣ୍ଣ କୃଷ୍ଣ ଚେତନଶୀଳ ଆଚାର୍ଯ୍ୟ । ଶୁଦ୍ଧ ଭକ୍ତଙ୍କର କୃପା ବଳରେ ବଦ୍ଧ ଜୀବ ତାର ସୁପ୍ତ କୃଷ୍ଣ ଚେତନାକୁ ଜାଗ୍ରତ କରାଇପାରେ ।

ଶ୍ରୀଲ ଗୁରୁଦେବ ଯେତେବେଳେ ଭୁବନେଶ୍ୱର ଆସନ୍ତି. ସେତେବେଳେ ଅନେକ ଭକ୍ତଙ୍କର ସମାଗମ ହୁଏ । ଗୁରୁଦେବଙ୍କ ହରିକୀର୍ତ୍ତନରେ ସମସ୍ତେ ଭାବ ବିହ୍ୱଳ ହୋଇପଡନ୍ତି । ସମସ୍ତେ ଶ୍ରୀଲ ଗୁରୁଦେବଙ୍କ ସହିତ ବ୍ୟକ୍ତିଗତ ଭାବରେ ଦେଖାକରିବାକୁ ଚାହାନ୍ତି । IYF department ର ଅନିରୁଦ୍ଧ ପ୍ରଭୁ ତାଙ୍କର ମାମୁଁଙ୍କୁ ଶ୍ରୀଲ ଗୁରୁଦେବଙ୍କ ଦର୍ଶନ ନିମିତ୍ତ ଆଣିଥିଲେ । ସେ ଯେତେବେଳେ ଶ୍ରୀଲ ଗୁରୁଦେବଙ୍କୁ ପ୍ରଣାମ ଜଣାଇଲେ, ଶ୍ରୀଲ ଗୁରୁଦେବ ତାଙ୍କୁ ଏକ ପ୍ରସାଦୀ ଫୁଲ ପ୍ରଦାନ କଲେ । ତତ୍‌କ୍ଷଣାତ୍ କହିଲେ, Now Retired, ଏହା ଶୁଣି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏହା ପରେ ଶ୍ରୀଲ ଗୁରୁଦେବ କହିଲେ, it is right time for transformation. Read 2nd chapter of Bhagavat Gita ଶ୍ରୀଲ ଗୁରୁଦେବଙ୍କ କୃପାପୂର୍ଣ୍ଣ ଦୃଷ୍ଟିପାତ ଏବଂ କିଛି ମୁହୂର୍ତ୍ତ ସାକ୍ଷାତକାର ତାଙ୍କ ଜୀବନରେ ଆଣିଥିଲା ଏକ ଅଦ୍ଭୁତ ପରିବର୍ତ୍ତନ । ଗୀତାର ଦ୍ୱିତୀୟ ଅଧ୍ୟାୟ ତାଙ୍କର କଣ୍ଠସ୍ଥ ହୋଇଥିଲା । ଶ୍ରୀଲ ଗୁରୁଦେବଙ୍କୁ ଯେ ଥରେ ଦର୍ଶନ କରିଛନ୍ତି, ସେ ଅନୁଭବ କରନ୍ତି, ଯେ ଗୁରୁଦେବ ଅତ୍ୟନ୍ତ ସରଳ, ଉଦାର, ଦୟାର ସାଗର ଓ ଅସୀମ ଜ୍ଞାନର ଅଧିକାରୀ ଅଟନ୍ତି । ଅତ୍ୟନ୍ତ ଭାବ ବିହ୍ୱଳ କଣ୍ଠରେ ସେ ଶ୍ରୀଲ ଗୁରୁଦେବଙ୍କ ସହିତ ଏହି ସାକ୍ଷାତକାରକୁ ସ୍ମରଣ କରନ୍ତି ।

ଶ୍ରୀଲ ଗୁରୁଦେବ, URI (United Religions Initiative) ଶ୍ରୀଧାମ ମାୟାପୁରରେ କରିବା ପାଇଁ ଅଭିଳାଷ ପୋଷଣ କରିଥିଲେ । ଗୁରୁଦେବ କହିଥିଲେ, କଳିଯୁଗ ପାବନ ଅବତାର ଶ୍ରୀମନ ଗୌରାଙ୍ଗ ମହାପ୍ରଭୁ, ଏହି ମାୟାପୁର ଧାମରେ ଯିଏ ଗୋଟିଏ ରାତ୍ରି ଯାପନ କରେ ତାଙ୍କୁ ନିଜର ବୋଲି ଅଙ୍ଗୀକାର କରନ୍ତି । ତେଣୁ ଶ୍ରୀଲ ଗୁରୁଦେବ ବିଶ୍ୱର ପ୍ରତ୍ୟେକ ଧର୍ମାବଲମ୍ବୀ ଏବଂ ବୈଜ୍ଞାନିକ ମାନଙ୍କୁ ଏହି ମାୟାପୁର ଧାମକୁ ଆଣିବାକୁ ଚାହିଁଥିଲେ । ଗତବର୍ଷ ୨୦୦୮ରେ ଏହି ମାୟାପୁର ଧାମକୁ ଆଣିବାକୁ ଚାହିଁଥିଲେ । ଗତବର୍ଷ ୨୦୦୮ରେ

ଏହି ଅଭିଳାଷ ପୁରଣ ହୋଇଥିଲା । URI ର ପ୍ରମୁଖ ସଦସ୍ୟମାନଙ୍କର ଗୁରୁଦେବଙ୍କ ପ୍ରତି ଥିଲା ପ୍ରଚୁର ଶ୍ରଦ୍ଧା, ସ୍ନେହ ଏବଂ ଗଭୀର ବିଶ୍ୱାସ । ଯଦିଓ ମାୟାପୁରର ପରିବେଶ ଓ ଖାଦ୍ୟ ବିଭିନ୍ନ ଦେଶରୁ ଆସିଥିବା ସଦସ୍ୟ ମାନଙ୍କ ପାଇଁ ପ୍ରତିକୂଳ ଥିଲେ ମଧ୍ୟ ଏହାକୁ ସେମାନେ ଖୁସିରେ ଗ୍ରହଣ କରିଥିଲେ । ଶ୍ରୀଲ ଗୁରୁଦେବଙ୍କ ବପୁ ସଙ୍ଗର ଅନୁପସ୍ଥିତିରେ ମଧ୍ୟ ସେମାନେ ଏହାକୁ ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରିଥିଲେ । URI Community, Bhaktivedanta Institute, ଏବଂ ISKCON Mayapur ର ମିଳିତ ସହାୟତାରେ ଯେଉଁ କାର୍ଯ୍ୟକ୍ରମ ହେଲା, ତାହା ଜୀବନର ଏକ ଅବିସ୍ମରଣୀୟ ମୁହୂର୍ତ୍ତ ।

ଯେତେବେଳେ URI ର ସଦସ୍ୟମାନେ ମାୟାପୁରରେ ପହଞ୍ଚିଲେ, ସେମାନଙ୍କର ବ୍ୟବହାର ଅତ୍ୟନ୍ତ ସୌହାଦ୍ୟପୂର୍ଣ୍ଣ ଥିଲା । ମାୟାପୁର ଧାମର ଆଧାତ୍ମିକ ପରିବେଶରେ, ପ୍ରତ୍ୟେକ ନିଜକୁ ଭଗବାନଙ୍କର ବୋଲି ମନେ କରିଥିଲେ । ଏହି ଉତ୍ସବରେ କେତକ ମୁଖ୍ୟ ଘଟଣାବଳୀ ଥିଲା ଗଙ୍ଗାପୂଜା, ସମସ୍ତ URI ସଦସ୍ୟମାନେ ମହାପ୍ରଭୁଙ୍କ ଜନ୍ମଭୂମି ଦର୍ଶନ, ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଠାକୁରଙ୍କ ସମାଧି, ଜଗନ୍ନାଥ ମନ୍ଦିର ଦର୍ଶନ, ମାୟାପୁର ଚନ୍ଦ୍ରୋଦୟ ମନ୍ଦିର ପରିକ୍ରମା ଓ ଗୁରୁକୁଳ ଦର୍ଶନ ସେମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା । ସମସ୍ତେ ଶ୍ରୀ ଶ୍ରୀ ଶ୍ରୀ ରାଧା ମାଧବ, ଅଷ୍ଟ ସଖୀଙ୍କ ସମ୍ମୁଖରେ ଭକ୍ତ ମାନଙ୍କ ସହ ମିଶି ଏକତାଳରେ ମହାମନ୍ତ୍ର କୀର୍ତ୍ତନରେ ନୃତ୍ୟ କରିଥିଲେ । ରାସଲୀଳା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସେମାନଙ୍କୁ ସନାତନ ଧର୍ମର ଗୁରୁତ୍ୱ ବିଷୟରେ ଆଲୋକପାତ କରାଇଥିଲା । ସମସ୍ତେ ଶ୍ରୀ ଶ୍ରୀ ରାଧାମାଧବଙ୍କୁ ମଣିପୁର ରାସବସ୍ତ୍ର ପରିଧାନରେ ଦର୍ଶନ କରିଥିଲେ । ଏହି ପରିବେଶ ସେମାନଙ୍କୁ ଏପରି ପ୍ରଭାବ ପକାଇଥିଲା ଯେ ସେମାନଙ୍କ ମଧ୍ୟରୁ ଅନେକ ତୁଳସୀ ମାଳି ପକାଇଥିଲେ ଅଳ୍ପ କିଛି ସଦସ୍ୟ ଜପ କଲେ, କିଛି ସଦସ୍ୟ ମଙ୍ଗଳ ଆରତୀ ଆସୁଥିଲେ ଏବଂ ଭାଗବତ କ୍ଲାସରେ ଉପସ୍ଥିତ ରହି ପ୍ରଶ୍ନ ପଚାରିଥିଲେ । ଏହା ସମସ୍ତ ଭକ୍ତ ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ସମସ୍ତେ ଶ୍ରୀଲ ଗୁରୁଦେବଙ୍କ ଗୁରୁତ୍ୱ ଅନୁଭବ କରିଥିଲେ ।

ଶ୍ରୀଲ ପ୍ରଭୁପାଦ, ଗୁରୁଦେବଙ୍କୁ କହିଥିଲେ, "If you make one scientist krishna conscious that would please me ଶ୍ରୀଲ ପ୍ରଭୁପାଦ କହୁଥିଲେ "If I would not have students like you, they would have taken me as a crazy man...".

ବିଶ୍ୱର କେତେକ ପ୍ରମୁଖ ଧର୍ମାବଲମ୍ବୀ ଏବଂ ବୈଜ୍ଞାନିକ ମାନଙ୍କର ଶ୍ରୀଲ ଗୁରୁଦେବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ -

1. Willam E. Swing (the Bishop of Episcopal Diocese of california and founder of URI)

ଶାନ୍ତିର ଏକ ପ୍ରମୁଖ ଦୂତ, ଜଣେ ମହାନ ବ୍ୟକ୍ତିତ୍ୱ Dr. T.D. Singh ଙ୍କୁ ଜନ୍ମ ଦେବା ହେତୁ ମୁଁ ଭଗବାନଙ୍କ ନିକଟରେ କୃତଜ୍ଞ । ବିଶ୍ୱର ବିଭିନ୍ନ ଧର୍ମାବଲମ୍ବୀ, ବିଭିନ୍ନ ମତବାଦର ବ୍ୟକ୍ତି ବିଶେଷଙ୍କୁ ଏକତ୍ର କରି ସେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

Father Maximillian Mizzi, (OFM Conv. Delegate General for Ecumenism and Inter-religious Dialouge, Assise, Italy) Dr T.D. Singh ଜଣେ ଅସାଧାରଣ ବ୍ୟକ୍ତିତ୍ୱ । ସେ ଅତ୍ୟନ୍ତ ଉଦାର ହୃଦୟ, ସରଳ ଏବଂ ସର୍ବଦା ଅନ୍ୟକୁ ସାହାଯ୍ୟ କରିବା ପାଇଁ ତତ୍ପର ଥିଲେ, ତାଙ୍କର ଏପରି ଭଗବତା ଗୁଣ ଥିଲା ଯେ, କେହି ତାଙ୍କ ସଂପର୍କରେ ଆସୁଥିଲେ,ସେ ଏହା ଅନୁଭବ କରୁଥିଲେ ଯେ ସେ ଜଣେ ଭଗବାନଙ୍କର ନିଜ ଲୋକ । ସେ ସମସ୍ତଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ । ସେ କେବେ ଗରିବ ଏବଂ ଧନୀ ମଧ୍ୟରେ ପାର୍ଥକ୍ୟ ଦେଖନ୍ତି ନାହିଁ । ସେ ସମସ୍ତଙ୍କୁ ଜଣେ ଗରିବ, ଧନୀ, VIP ରାସ୍ତାରେ ଚାଲୁଥିବା ବ୍ୟକ୍ତିଙ୍କୁ ସମାନ ସ୍ନେହ ଓ ସମ୍ମାନ ପ୍ରଦର୍ଶନ କରନ୍ତି ।

ଏହା ଅତ୍ୟନ୍ତ ହୃଦୟ ସ୍ପର୍ଶୀ ଥିଲା ଯେତେବେଳେ Mr. Malik, ମାଲେରିଆ ଯିଏକି ଇସ୍‌ଲାମ ଧର୍ମାବଲମ୍ବୀ ଅଟନ୍ତି, ସେ କହିଲେ ଗୁରୁଦେବଙ୍କ ଠାରୁ ଯେଉଁ ସ୍ନେହ ସେ ପାଇଥିଲେ ତାହା ଆଉ କେଉଁଠାରୁ ସେ ପାଇନାହାନ୍ତି ଏବଂ ଗୁରୁଦେବଙ୍କର ଅନୁପସ୍ଥିତି ତାଙ୍କୁ ମର୍ମାହତ କରିଛି । ଗୁରୁଦେବଙ୍କ ସମସ୍ତ ଶିଷ୍ୟଙ୍କୁ ସେ ନିଜର ଭାଇ ବୋଲି ସମ୍ବୋଧିତ କରିଥିଲେ ।

ଶ୍ରୀଲ ଗୁରୁଦେବ ଆପଣଙ୍କର ଅହୈତୁକୀ କୃପାରୁ ମୁଁ ଏହି ଉତ୍ସବରେ ଯୋଗଦାନ କରିବାର ସୁଯୋଗ ପାଇଥିଲି । ଶ୍ରୀଲ ଗୁରୁଦେବ ଆଜି ମୋର ଭକ୍ତି ଜୀବନରେ ଯେଉଁ ଅନ୍ଧକାର ଆସିଛି, ତାହା ଆପଣଙ୍କ କୃପା ବିନା ଦୂରିଭୂତ ହେବ ନାହିଁ । ମୋର ସମସ୍ତ ଚେଷ୍ଟା ବିଫଳ ହୋଇଯାଉଛି । ଗୁରୁଦେବ ଆପଣ ମୋତେ ଅନେକ ଥର କହିଛନ୍ତି- Guru and Gouranga always help you ତେବେ ଆଜିର ଏହି ପବିତ୍ର ବ୍ୟାସପୂଜା ତିଥିରେ ଆପଣଙ୍କ ଚରଣ କମଳରେ ଏତିକି ପ୍ରାର୍ଥନା ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଯେପରି ଆପଣଙ୍କ ସେବାରୁ ବଞ୍ଚିତ ନହୁଏ । ଯେଉଁ ସ୍ନେହ, ଆଦର୍ଶ, ଗୁରୁଭକ୍ତି ଆପଣଙ୍କ ଠାରେ ଦେଖିଥିଲୁ ତାହା ଅତ୍ୟନ୍ତ ଦୁର୍ଲଭ । ଯେଉଁ ଶିକ୍ଷା ଆପଣଙ୍କ ଠାରୁ ପାଇଛୁ ତାହା ଅବିସ୍ମରଣୀୟ । ଗୁରୁଦେବ ଆପଣ ଆମପରି ଅପରାଧି ଏବଂ ଆମ ପରି କଳିଯୁଗୀ ମଳିନ ଜୀବକୁ ଆପଣଙ୍କ ଶ୍ରୀଚରଣରେ ସ୍ଥାନ ଦେଇଥିଲେ । ହେ ଗୁରୁଦେବ ଆପଣଙ୍କର ଆଦେଶକୁ କିପରି ଠିକ୍ ଠିକ୍ ପାଳନ କରିପାରିବି ସେଥିପାଇଁ ମୋତେ ଶକ୍ତି, ସାହାସ ଏବଂ କୃପା କରନ୍ତୁ । ମୋର ଏତିକି ଆପଣଙ୍କ ପାଦପଦ୍ମରେ ଅଳି ଅଟେ ।

ଜୟ ଶ୍ରୀଲ ଗୁରୁଦେବ କି ଜୟ !

ଆପଣଙ୍କର ଦାସାନୁଦାସ

**ଅଧମ ସାନ୍ଦିପନି ମୁନିଦାସ**

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

ମୋର ପରମ ଆରାଧତମ ଶ୍ରୀଲ ଗୁରୁଦେବ !

ଆଜି ଆପଣଙ୍କର ୭୨ତମ ଶୁଭ ଆର୍ବିଭାବ ଦିବସ ଅବସରରେ ଆପଣଙ୍କ ପାଦପଦ୍ମରେ ମୋର ଶତକୋଟି ଦଣ୍ଡବତ ଜଣାଇ ମୋ ଅନ୍ତରର ଭକ୍ତି ପୁଷ୍ପାଞ୍ଜଳି ଅର୍ପଣ କରୁଛି ।

ଗୁରୁଦେବ ଆଜି ଦିନଟି ଆମ ମାନଙ୍କ ପାଇଁ ସୌଭାଗ୍ୟର ଦିନ । ଆଜି ଆମେ ସମସ୍ତେ ଏକତ୍ର ମିଳିତ ହୋଇ ଆପଣଙ୍କର ଗୁଣଗାନ କରିବାକୁ ସୁଯୋଗ ପାଇଛୁ । ଆପଣତ ସର୍ବ ଗୁଣରେ ପରିପୂର୍ଣ୍ଣ ଅଟନ୍ତି । ଦେବତାଗଣ ଯାହାଙ୍କ ଗୁଣଗାନ କରୁଛନ୍ତି ତାଙ୍କର ଗୁଣଗାନ କରିବାକୁ ଏ ଭକ୍ତିହିନ ଅଯୋଗ୍ୟ ଶିଷ୍ୟର ଶକ୍ତିନାହିଁ । ଆପଣ କୃପା କରନ୍ତୁ, ଆପଣଙ୍କ କୃପାହେଲେ ଆପଣଙ୍କ ଗୁଣଗାନ କରିବାକୁ ସକ୍ଷମ ହେବି ।

ହେ ଗୁରୁଦେବ, ମୋର କୃଷ୍ଣ ଭକ୍ତି ପଥରେ କୌଣସି ଯୋଗ୍ୟତା ନାହିଁ କେବଳ ଆପଣଙ୍କର କୃପା ଉପରେ ନିର୍ଭର କରୁଛି । ମୋତେ ସାରାଜୀବନ ଏହି ପଥରେ ଦୃଢ ରହିବାକୁ ଏବଂ ଆପଣଙ୍କର ପାଦପଦ୍ମ ସ୍ମରଣ ରଖିବାକୁ କୃପାକରି ଆଶୀର୍ବାଦ ପ୍ରଦାନ କରନ୍ତୁ ।

ହେ ଗୁରୁଦେବ ରାତ୍ରିର ଅନ୍ଧକାରରେ ସୂର୍ଯ୍ୟ ଦର୍ଶନ ହୁଏନା କେବଳ ସୂର୍ଯ୍ୟଙ୍କ ଉପସ୍ଥିତିରେ ସମ୍ଭବ ! ଆପଣ ହେଉଛନ୍ତି ଜ୍ଞାନଲୋକର ଉତ୍ସ, ମୋ ଭଳି ଅଜ୍ଞାନ ଅନ୍ଧକାରରେ ବୁଡି ରହିଥିବା ପତିତ ଜୀବକୁ ଉଦ୍ଧାର କରିବା ପାଇଁ ଏ ଧରା ଧାମକୁ ଆସିଛନ୍ତି ।

ଈଶ୍ୱରେର ଜନ୍ମ ତିଥି ଯେ ହେନ ପବିତ୍ର ।
ବୈଷ୍ଣବେର ଜନ୍ମ ତିଥି ସେ ହେନ ପବିତ୍ର ॥

ଭଗବାନଙ୍କ ଜନ୍ମତିଥି ଯେପରି ପବିତ୍ର ବୈଷ୍ଣବ ବା ଶୁଦ୍ଧ ଭକ୍ତଙ୍କ ଜନ୍ମ ତିଥି ସେପରି ପବିତ୍ର । ହେ ଗୁରୁଦେବ-ଆଶ୍ରମରେ ବାସକରି ମଧ ମନ ସର୍ବଦା ବିଷୟାଶକ୍ତ ଅର୍ଥକାମି ଓ ଲୋଭି- ଆପଣଙ୍କ କୃପାରୁ ହିଁ କେବଳ ଏଥିରୁ ମୁକ୍ତି ମିଳିପାରିବ । ଆପଣଙ୍କ ଚରଣ କମଳରେ ମୋର ଯେପରି ଜନମେ ଜନମେ ଭକ୍ତି ରହିଥିବ ଏହାହିଁ ମୋର ଏକମାତ୍ର କାମନା ।

କିରୁପେ ପାଇବ ସେବା ମୁଇଁ ଦୁରାଚାର ।
ଶ୍ରୀଗୁରୁ ବୈଷ୍ଣବେ ରତି ନା ହୈଲ ଆମାର ॥
ଅଶେଷ ମାୟାତେ ମନ ମଗନ ହଇଲ ।
ବୈଷ୍ଣବେତେ ଲେଶମାତ୍ର ରତି ନା ଜନ୍ମିଲ ॥

ବିଷୟେ ଭୁଲିୟା ଅନ୍ଧ ହୈନୁ ଦିବାନିଶି ।
ଗଲେ ଦୀଶ ଦିତେ ଫିରେ ମାୟା ସେ ପିଶାଚୀ ।।
ମାୟାରେ କରିୟା ଜୟ ଛାଡାନ ନା ଯାୟ ।
ସାଧୁ ଗୁରୁ କୃପାବିନା ନାହିକ ଉପାୟ ।
ଅଦୋଷଦରଶି ପ୍ରଭୋ ପତିତ ଉଦ୍ଧାର ।
ଏଇବାର ନରୋତ୍ତମେ କରହ ନିସ୍ତାର ।।

ଆପଣଙ୍କର ପତିତାଧମ ଅଯୋଗ୍ୟ ଶିଷ୍ୟ

**ହରିପ୍ରସାଦ ଦାସ**

•

***ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଲାକୟା ।***
***ଚକ୍ଷୁରୁନ୍ମୀଲିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ।।***
***ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।***
***ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ।।***

**ମୋର ପରମ ଆରାଧ୍ୟତମ ଶ୍ରୀଲ ଗୁରୁଦେବ !**

ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥି ଅଟେ । ମୁଁ ଆପଣଙ୍କର ପାଦପଦ୍ମରେ ଶତକୋଟି ଭକ୍ତିପୂର୍ଣ୍ଣ ପ୍ରଣତି ଅର୍ପଣ କରୁଛି । ମହିମାମୟ ଗୁରୁଦେବ, ଆପଣଙ୍କ ଗୁଣ କୀର୍ତ୍ତନ କରିବାର କୌଣସି ଯୋଗ୍ୟତା ମୋର ନାହିଁ । ମୁଁ ବଡ଼ ମୁର୍ଖ, ଶାସ୍ତ୍ର ଅଧ୍ୟୟନ କରିନାହିଁ । ସାଧୁ ମୁଖୁ ହରିକଥା ଶ୍ରବଣ କରିନାହିଁ । କୌଣସି ପ୍ରକାର ସେବା କରିପାରୁନାହିଁ । ଭୌତିକ କର୍ମରେ ବନ୍ଦୀ ଜୀବନ ଯାପନ କରି ବଡ଼ କଷ୍ଟ ପାଉଛି । କେବଳ ଆପଣଙ୍କ ପ୍ରଦତ୍ତ ମନ୍ତ୍ର "ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ" ଉପରେ ଭରସା ରଖି ବଞ୍ଚି ରହିଚି । ଯାହା ଅନୁଭବ କରୁଛି, ଅଙ୍ଗେ ଲିଭେଇଚି ତାହାହିଁ କହୁଛି ।

ବହୁ ପ୍ରତିକ୍ଷିତ ୨୦୦୯ ମସିହା ସେପ୍ଟେମ୍ବର ୨୬ ତାରିଖର ସକାଳର ସୂର୍ଯ୍ୟ ଉଇଁ ଆସିଲା ଓ ଆମେ ରାଧାକୁଣ୍ଡ ଅଭିମୁଖେ ଯାତ୍ରା ଆରମ୍ଭ କଲୁ । ସେଦିନ ମହାରାଜଙ୍କ ବାର୍ଷିକ ଅପ୍ରକଟ ଉତ୍ସବ ପାଳନ ପାଇଁ ଆନନ୍ଦରେ ମନ ଆତ୍ମହରା ହୋଇ ଉଠିଲା ।

"ଜୀବନରେ ଥିବି ଯେବେ ଯିବି ବୃନ୍ଦାବନ
ବର୍ଷଣା ବାସିନୀ ରାଧା କରିବି ଦର୍ଶନ ।
ରାଧାକୁଣ୍ଡେ ଶ୍ୟାମକୁଣ୍ଡେ କରିବି ସ୍ନାହାନ
ପରିକ୍ରମା କରୁଥିବି ଗିରି ଗୋବର୍ଦ୍ଧନ ।।"

ଶ୍ରୀପାଦ ଶରତ ପୂର୍ଣ୍ଣିମା ଦାସଙ୍କର କଡା ତାଗିଦ୍, ସକାଳ ସାଢ଼େ ସାତଟା ସୁଦ୍ଧା ଭୁବନେଶ୍ୱର ରେଳ ଷ୍ଟେସନରେ ପହଞ୍ଚିବାକୁ ହେବ । ଯାହା ହେଉ ଷ୍ଟେସନ୍‌ରେ ପହଞ୍ଚିଗଲୁ ।

"ବଦନେ ଗାଇଲୁ ଶ୍ରୀପାଦ ।
ସ୍ୱାମୀ ହେ ଆନନ୍ଦର କନ୍ଦ ।।
ସ୍ୱାମୀ ହେ ପତିତପାବନ ।
ସ୍ୱାମୀ ହେ ଦୁରିତ ନାଶନ ।।
ସ୍ୱାମୀ ହେ କରୁଣାସାଗର ।
ସ୍ୱାମୀ ହେ କୃପା ପାରାବାର ।।"

ସ୍ୱାମିଜୀତ କରୁଣାର ସାଗର । ଝରି ଆସିଲା କରୁଣାର ଧାର । ସେ ଧାରାରେ ଭିଜି ଭିଜି ଆମେ ବହୁତ ମଜା କଲୁ । ଯାହାକୁ ଦେଖିଲୁ ସେମାନେ ଆମର ଅତି ନିଜର ବୋଲି ମନେ ହେଲେ । ଟ୍ରେନ୍ ଭିତରେ ଓ ବାହାରେ ସମସ୍ତେ ଖୁବ୍ ନିଜର ବୋଲି ଲାଗୁଥାନ୍ତି । ଖୁସି ଲାଗୁଥାଏ, ହୃଦୟରେ ପୁଲକ ଭରି ଯାଉ ଥାଏ, ଆନନ୍ଦରେ ଆମେ ଗୀତ ଗାଉଥାଉ ।

"ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।
ହରେ ରାମ ହରେ ରାମ ରାମ ରାମ ହରେ ହରେ ॥"

ଏହିପରି ହସଖୁସିରେ ଆମେ ଜନ୍ମଭୂମି ମଥୁରାରେ ପହଞ୍ଚିଲୁ । ଆଗରେ ଶ୍ରୀଲ ଗୁରୁଦେବ ଆମକୁ ଆକର୍ଷିତ କରୁଥାନ୍ତି ଏବଂ ଆମେ ଆକର୍ଷିତ ହୋଇ ରାଧାକୁଣ୍ଡରେ ପହଞ୍ଚିଲୁ । ଆହା ସ୍ୱପ୍ନଟି ସତ ହେଲା, କିଶୋରୀଙ୍କ ନାମକୀର୍ତ୍ତନରେ ଗଗନ ପବନ ମୁଖରିତ ହେଉଥାଏ । ସମାଧି ମନ୍ଦିରରେ ପ୍ରଣାମ କରି ଗୁରୁଦେବଙ୍କ ଶ୍ରୀଚରଣରେ କୃତଜ୍ଞତା ଜଣାଇଲୁ । ତାପରେ କେବଳ ଖୁସି ହିଁ ଖୁସି । ଆନନ୍ଦ ହିଁ ଆନନ୍ଦ । ଆମର ଆନନ୍ଦ ସୀମା ଅତିକ୍ରମ କରିଗଲା, ଯେତେବେଳେ ଆମେ ରାତିରେ ଗୋବର୍ଦ୍ଧନ ପରିକ୍ରମା କଲୁ, ପରିକ୍ରମା ଆରମ୍ଭ କଲୁ ସନ୍ଧ୍ୟା ୭ଟାରୁ । ଅନୁଭବ କରୁଥାଉ - ଆଗରେ ଶ୍ରୀଲ ଗୁରୁଦେବ ଶ୍ରୀହରି କୀର୍ତ୍ତନ କରିଚାଲିଛନ୍ତି ଏବଂ ଆମେ ତାଙ୍କୁ ଅନୁସରଣ କରିଚାଲିଛୁ ।

"ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।
ହରେ ରାମ ହରେ ରାମ ରାମ ରାମ ହରେ ହରେ ॥"

ଏହିପରି ଆନନ୍ଦ ମଧ୍ୟରେ ରାଧାକୁଣ୍ଡ ରହଣି ଶେଷ ହୋଇଛି ଏବଂ ଆମେ ଭୁବନେଶ୍ୱରରେ ପହଞ୍ଚିଛୁ । କିନ୍ତୁ ଯେତେବେଳେ ସେହିଦିନ ଗୁଡ଼ିକର ଅନିଭୂତି ମନରେ ଆସୁଛି ଆମେ ଆନନ୍ଦରେ ପୁଲକିତ ହେଉଛୁ ଏବଂ ପୁଲକର ଉତ୍ସ ଶ୍ରୀଲ ଗୁରୁଦେବଙ୍କ ଚରଣରେ ପ୍ରଣାମ ଜଣାଉଛୁ । ଆମର ଗୁରୁଦେବଙ୍କର ନୃତ୍ୟରତ କୀର୍ତ୍ତନ କିପରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦିଏ, ସେ ବିଷୟରେ ଗୀତ ପଦେ ଗାଇ ଆସନ୍ତୁ ଆମେ ସମସ୍ତେ ପୁଲକିତ ହେବା ।

ନାଚରେ ନାଚରେ ଶ୍ରୀପାଦ ସ୍ୱାମୀ ଗୁରୁମଣିଆ ।
ବାଜେ ଖୋଲ କରତାଳ ମଧୁର ମୃଦଙ୍ଗ ତାଳ
ଗଗନ ଭରିଲ ହରି ଧ୍ୱନିଆ ।

ଚନ୍ଦନ ଚର୍ଚ୍ଚିତ କାୟ ଫାଗୁ ବିନ୍ଦୁବିନ୍ଦୁ ତାୟ
ବନମାଳା ଦୋଲେ ଭାଲେ ବନିୟା ।
ଗଳେ ଶୁଭ୍ର ଉପବୀତ ରୂପେ କୋଟି କାମ ଜିତ
ଶ୍ରୀହରି କୀର୍ତ୍ତନେ ମନମୋହିଆ ।
ବାସ ରାଧାକୁଣ୍ଡେର ତଟେ ରସନା କିଶୋରୀ ରଟେ
ଦାସାନୁଦାସ ଏ କହେ ଜାନିୟା ।
ନାଚରେ ନାଚରେ ଶ୍ରୀପାଦ ସ୍ୱାମୀ ଗୁରୁ ମନିୟା ।

ଆପଣଙ୍କ ଦାସାନୁଦାସ
**ନଦିଆ ନାଥ ଦାସ**

•

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ ନିତି ନାମିନେ ॥*

ପରମ ଆରାଧ୍ୟତମ ଶ୍ରୀଲ ଗୁରୁଦେବ !

ଶତକୋଟି ଦଣ୍ଡବତ ପ୍ରଣାମ, ବିଗ୍ରହମାନଙ୍କୁ, ଶ୍ରୀଲ ପ୍ରଭୁପାଦ ତଥା ଗୁରୁ ପରମ୍ପରାଙ୍କୁ ମଧ୍ୟ ଶତ କୋଟି ଦଣ୍ଡବତ ପ୍ରଣାମ । ଅଧୁନା ବ୍ୟାସପୂଜା ବାସରରେ ଆପଣଙ୍କର ଗୁଣ ଗାନ କରିବାର ଧୃଷ୍ଟତା କରୁଥିବାରୁ କ୍ଷମା ପ୍ରାର୍ଥନା କରୁଅଛି । ସେଇ ଇଛାକୁ ରୋକିପାରୁ ନାହିଁ । ଶ୍ରୀଲ ଗୌରଗୋବିନ୍ଦ ଗୋସ୍ୱାମୀ ମହାରାଜାଙ୍କ ବ୍ରଜ ବିଜୟପରେ ଆପଣଙ୍କ ସାନ୍ନିଧ୍ୟପାଇ ଅଧମା ନିଜକୁ ଧନ୍ୟ ମଣିଛି । ଆପଣଙ୍କର ସୀମିତ ସମୟ ଭୁବନେଶ୍ୱର ଆସିବା ଯୋଜନାରେ ମନଟା ୫୦୦ କିଲୋମିଟର ଦୂରରୁ ବ୍ୟାକୁଳ ହୁଏ ଓ ଅଧୁନା ନିଜର ପାରୁ ପର୍ଯ୍ୟନ୍ତ ଚେଷ୍ଟା କରି ଦର୍ଶନ କରିଥାଏ । ସବୁ ଆଜି ଜଳ ଜଳ ହୋଇ ଆଖି ଆଗରେ ନାଚି ଯାଉଛି । କେଉଁଠୁ ଆରମ୍ଭ କରିବି ଭାବି ପାରୁନାହିଁ । ଆପଣ ଦୁଇ ମହାରାଜଙ୍କର ମଧ୍ୟରେ ସାମଞ୍ଜସ୍ୟ ଅନେକ ରହିଛି ଏହି ଅଧମାର ଜୀବନାକାଶରେ । ଅଧୁନା ଆପଣଙ୍କ କୃପାରୁ ଶ୍ରୀ ଶ୍ରୀ ବାଙ୍କାବିହାରୀ ତଥା ଶ୍ରୀ ଶ୍ରୀ ଗୌର ନିତାଇଙ୍କୁ ଦର୍ଶନ କରି ପାରିଛି, ବୃନ୍ଦାବନରେ ତଥା ମାୟାପୁରରେ ।

ମହାରାଜ !

ଖଣ୍ଡି ଖଣ୍ଡି ଓଡ଼ିଆ ତଥା ବଙ୍ଗଳା କୀର୍ତ୍ତନ ସହ ନୃତ୍ୟ ମାଧ୍ୟମରେ ଆପଣଙ୍କ ସହ ପଦ ଯାତ୍ରା ଓ ଦର୍ଶନ ଆରତୀ ଓ ମଧ୍ୟାହ୍ନ ଆରତୀର ସମାବେଶ ମନେ ପକାଇଲେ ଆତ୍ମହରା ହେବାକୁ ହୁଏ । ଅଧମାଶିଷ୍ୟ ଶିଷ୍ୟାମାନଙ୍କୁ ସମସ୍ତ ପ୍ରକାର ଆଚରଣ ବିଧି ଶିକ୍ଷାଦେବା ପାଇଁ ଆପଣଙ୍କର ଅଦ୍ୟମ ଚେଷ୍ଟା ଓ ପ୍ରେରଣା ଭାବିଲେ ଆଖିରେ ଲୁହ ଆସେ । ଶ୍ରୀଲ ଗୌରଗୋବିନ୍ଦ ମହାରାଜଙ୍କର ଗୁଣଗାନ କଲାବେଳେ ଆପଣ ଯେପରି ଶତ ମୁଖର ହୋଇ ପଡ଼ନ୍ତି ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ଅଧମା ଲଜ୍ଜିତା ହୋଇଯାଏ ।

ଆମେ ଅଧମାମାନେ କ'ଣ ଶିକ୍ଷା କରୁଛୁ ? ହରିକଥା କହିବା ସହ ବୈଷ୍ଣବମାନଙ୍କର ଚଳିବା ଖାଇବା ପିଇବା ତଥା ଦୈନନ୍ଦିନ ଚଳଣି ସମ୍ବନ୍ଧରେ ଆପଣ ସବୁବେଳେ ଚେତାଇ ଥାଆନ୍ତି । ଖାଲି ସେତିକି ନୁହେଁ ନିଜ ଜୀବନରେ ଆଦର୍ଶକରି ଦେଖାଇଛନ୍ତି ମଧ୍ୟ । ଶରୀର ଅସୁବିଧା ଥିଲେ ମଧ୍ୟ ଆପଣ କେବେ ବି ଥକି ଯାଇ ନାହାଁନ୍ତି, କୀର୍ତ୍ତନ, ଭଜନ, ପ୍ରବଚନ ଓ ପରିକ୍ରମା ସମାବେଶରେ । ହସ ହସ ମୁଖରେ ଆପଣ ଗୋପାଳ ଓ ରାଧା ରାଣୀଙ୍କର ଗୀତାବଳି ଗାଇ ଗାଇ କିଭଳି ଜୀବନରେ ଅନୁକରଣ କରିବାକୁ ହେବ ତାହା ମଧ୍ୟ ଶିଖାଇଛନ୍ତି ।

କେତେ କେତେ ଭକ୍ତ କେତେ ଭାବରେ ଆପଣଙ୍କର ଗୁଣ ଗାନ କରିଛନ୍ତି । ଅଧମା ତାରି ସୀମିତ ଚେଷ୍ଟା କରି ଦୁଇ ପଦଲେଖିବାର ଚେଷ୍ଟା କରୁଅଛି ।

ମହାରାଜ !

ପାରିପାର୍ଶ୍ୱିକ ପରିସ୍ଥିତି ବହୁତ ଜଟିଳ ହୋଇ ଉଠୁଛି ଧିରେ ଧିରେ । ତଥାପି ସତର୍କ ହେବାକୁ ହେବ । ବୈଷ୍ଣବର ଚାଲିବାର ବାଟ ସବୁବେଳେ କଣ୍ଟକିତ, ତେଣୁ ଚାଲିବା ମାର୍ଜିତ ନ ହେଲେ ଯନ୍ତ୍ରଣା ଜର୍ଜରିତ ହେବାକୁ ହେବ । ଜୀବନରେ ଅନେକ ସମସ୍ୟା ଦେଇ ଗତିକରି ଆସିଥିଲେ ମଧ୍ୟ ଆପଣଙ୍କ ଦର୍ଶନ ତଥା କଥାମୃତରେ ପ୍ରାଣ ଅପାର ସନ୍ତୋଷ ଲାଭ କରେ । ଓଢ଼ଣ ଷଷ୍ଠୀର ପବିତ୍ର ତିଥି ତଥା ଆପଣଙ୍କର ବୈଜ୍ଞାନିକ ଜୀବନ ଦର୍ଶନ ପରେ ଶ୍ରୀଲ ପ୍ରଭୁପାଦଙ୍କର ଶିଷ୍ୟଭାବେ ବୈଷ୍ଣବାଚାର୍ଯ୍ୟ ହେବାର ଏଇ ଅମୃତମଧ୍ୟ ଧାରା ମତେ କେତେ ମହାନ୍ । ସବୁ ଯୋଗାଯୋଗ ତଥା ସଂଯୋଗ ଶ୍ରୀ ଶ୍ରୀ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ମାଙ୍କର କୃପାରୁ ସମ୍ଭବ ହୋଇଛି ।

ଏଇ ଶୁଭ ଅବସରକୁ ପାଳନ କରିବାପାଇଁ ଆଉ ମନେ ପକାଇବାକୁ ହେବ ନାହିଁ । ଆପେ ଆପେ ମନକୁ ଏହା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବାର ମାସରେ ତେର ପର୍ବପରି ପାଳନ ହେଉଥିଲା ହେଉଅଛି ଓ ପାଳନ ହୋଇଥିବ ମଧ୍ୟ । ଆପଣଙ୍କର ପରି ଜଣେ ମହାନ୍‌ପୁଣ୍ୟାତ୍ମାଙ୍କର ସାନ୍ନିଧ୍ୟରେ ଆସି ଆମେ ଅଧମା ଶିଷ୍ୟ ଶିଷ୍ୟାମାନେ ଧନ୍ୟ ହେଉଛୁ । ଏହିପବିତ୍ର ତିଥିରେ ଓଡ଼ିଶାର ପୁର ପଲ୍ଲୀରେ ବିଭିନ୍ନ ଆୟୋଜନ ମଧ୍ୟ ହୋଇଥାଏ । ଆପଣଙ୍କ ଆଦର୍ଶରେ ଓ ସଂସ୍ପର୍ଶରେ ଆସିବାପରେ ଆମମାନଙ୍କ ପାଇଁ ଏହା ଆହୁରି ପ୍ରାଚୁର୍ଯ୍ୟ ଭରା ହେଉଛି । ସୁଦୂର ଓଡ଼ିଶାଠାରୁ ଆରମ୍ଭ କରି ମାୟାପୁର, ନବଦୀପ, ମଣିପୁର, ବୃନ୍ଦାବନ, ପୁରୀ ବ୍ରହ୍ମପୁର, ବାଲେଶ୍ୱର ପ୍ରତିଟି ଅନୁଷ୍ଠାନର ଶିଷ୍ୟ ଶିଷ୍ୟାମାନେ ଜାକ୍ ଜମକରେ ଏହି ଦିନଟି ପାଳନ କରୁଛନ୍ତି ।

ଆପଣଙ୍କର ଶୁଭ ଆବିର୍ଭାବ ତିଥି ହିଁ ଏଇ ପ୍ରାଚୁର୍ଯ୍ୟ ଭରା ପାଳନ କରିବା ପାଇଁ ଆମମାନଙ୍କୁ ସୁ ଅବସର ଦେଇଛି । ଆମେମାନେ ନିଜକୁ ଧନ୍ୟମଣୁଛୁ । ଆଗାମୀ ବଂଶଧର ମାନଙ୍କ ପାଇଁ ଆପଣଙ୍କର ଯେଉଁ ପ୍ରଚେଷ୍ଟା ତାହା ମଧ୍ୟ ପ୍ରଂଶସନୀୟ । ତାହା ମଧ୍ୟ ବିଧି ନିର୍ଦ୍ଦେଶ । ଆପଣ ଅକ୍ଳାନ୍ତ ପରିଶ୍ରମ କରି ମହାନଦୀର କୂଳରେ ଆରମ୍ଭ କରାଇ ଥିବା ଅନୁଷ୍ଠାନଟି ଭବିଷ୍ୟତରେ ଯେ ଆପଣଙ୍କର ସ୍ମୃତିକୁ ବଜାୟ ରଖିବ ଏହା ନିଶ୍ଚିତ । ଜୀବନର ପ୍ରତିଟି ମୁହୂର୍ତ୍ତକୁ ଆପଣ କୃଷ୍ଣ ସେବାରେ ତଥା ଗୁରୁଦେବଙ୍କର ଇଚ୍ଛା ପୂରଣରେ ଲଗାଇ ଆସିଛନ୍ତି । ଏହା ଆମର ଶିଖିବାର କଥା । କିନ୍ତୁ ଆମେ ଅଧମମାନେ ଖାଲି ମାୟା ପଛରେ ଗୋଡାଉଛୁ ।

ଆଜିର ଏହି ପରମପବିତ୍ର ଦିନରେ ଭିକ୍ଷାମାଗୁଛୁ ଆପଣଙ୍କର ଆକାଂକ୍ଷିତ ଇଛା ପୂରଣ ହେବାସହ ଭବିଷ୍ୟତ ବଂଶଧରମାନେ ଏହି ବୈଷ୍ଣବ ଧାରାରେ ପରିଚାଳ ହୋଇ ଦୃଢ଼ତାର ସହ ବଜାୟ ରଖନ୍ତୁ ।

ଶେଷରେ ସମସ୍ତ ବିଗ୍ରହମାନଙ୍କୁ ଶତ କୋଟି ଦଣ୍ଡବତ ପ୍ରଣାମ ଜଣାଇ ଆପଣଙ୍କର ଶୁଭ ଜୟଜୟ କାରକରି ରହୁଛି ।

ଶ୍ରୀଲ ଗୁରୁଦେବଙ୍କର ଜୟ ହେଉ ।

ଶ୍ରୀଲ ଗୁରୁଦେବଙ୍କର ଜୟ ହେଉ ।

ଶ୍ରୀଲ ଗୁରୁଦେବଙ୍କର ଜୟ ହେଉ ।

ଅଧମା ସତ୍ୟଭାମା

•

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ ନିତି ନାମିନେ ॥*

**ପରମ ପୂଜ୍ୟ - ପରମ ଆରାଧ୍ୟତମ ପରମ ପ୍ରିୟତମ ଶ୍ରୀଲ ଗୁରୁଦେବ !**

ଗୁରୁଦେବ............
ବିନୀତ ପ୍ରଣତି ଘେନ
ମୁଁ ପତିତ ତୁମେ ପତିତ ପାବନ
ମୁ କାଷ୍ଠ ତୁମେ କାଞ୍ଚନ ।୧।
ଗୁରୁଦେବ.........
ମୋର ନିବେଦନ ଶୁଣ
ଆଜି ଶୁଭଦିନେ ମର୍ତ୍ତେ ଅବତରୀ
ତାରିଲ ପତିତ ଜନ ।୨।
ଗୁରୁଦେବ..............
ମୁଇଁ ବଡ଼ ଦୁରୁମତୀ
ହରିପଦେ କରି ଅପରାଧ କେତେ
ଭୁଲିଲି ସ୍ୱରୂପସ୍ଥିତି ।୩।
ଗୁରୁଦେବ.........
ପଡିଲି ବନ୍ଧନେ ମୁହିଁ
ଭୂତ ପ୍ରକୃତିର ମାୟାଜାଲେ ପଡ଼ି
ନିସ୍ତାର ଉପାୟ ନାହିଁ ।୪।

ଗୁରୁଦେବ........
ପାଇଲି ଅନେକ କ୍ଲେଶ
କେତେ ଜନ୍ମ ନେଲି    କେତେ କଷ୍ଟ ଗଲା
ନ ପାଇଲି ସୁଖ ଲେଶ ।୫।
ଗୁରୁଦେବ.........
ତୁମେ ଦୟାର ଠାକୁର
ମୋ ପରି ପତିତେ    ଉଦ୍ଧାରିବା ପାଇଁ
ନେଇଥିଲ ଅବତାର ।୬।
ଗୁରୁଦେବ.........
ତୁମେ କୃପା ପାରାବାରା
ଦେଇ ହରିନାମ    କୃତାର୍ଥ କରିଲ
ଖୋଲି ଜ୍ଞାନ ଚକ୍ଷୁ ମୋର ।୭।

ଆପଣଙ୍କର ଦାସାନୁଦାସ
**ଦେବଦତ୍ତ ଦାସ**

•

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

**ପରମ ଆରାଧ୍ୟତମ ଶ୍ରୀଲ ଗୁରୁଦେବ !**

ଆଜି ଏହି ଆପଣଙ୍କର ୭୨ ତମ ଶୁଭ ଆବିର୍ଭାବ ଓଡ୍ରଣୀଷଷ୍ଠୀ ତିଥିରେ, ବ୍ୟାସ ପୂଜା ମହୋତ୍ସବରେ, ଏ ଦାସ ଆପଣଙ୍କର ଶ୍ରୀ ଚରଣ କମଳରେ ଶତ କୋଟି ଦଣ୍ଡବତ ପ୍ରଣାମ ଜଣାଉଅଛି ଏବଂ ଆପଣଙ୍କର ଅହୈତୁକୀ କୃପା ବଳରେ ଅଜ୍ଞାନ ଅନ୍ଧକାର ରୂପକ କୂପରୁ ଉଦ୍ଧାର ହୋଇ କୃଷ୍ଣ ଭକ୍ତି ରୂପକ ଜ୍ଞାନାଲୋକ ପ୍ରାପ୍ତ ହୋଇ ଥିବାରୁ ଆପଣଙ୍କ ପାଦପଦ୍ମରେ ମୋର ଦଣ୍ଡବତ ପ୍ରଣାମ ଅର୍ପଣ କରୁଛି ଏବଂ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ପ୍ରଣାମ । ଗୁରୁଦେବ ଆପଣଙ୍କ କୃପାରୁ ଏହି ବ୍ୟାସପୂଜା ମହୋତ୍ସବରେ ଗୁଣ କିର୍ତ୍ତନ କରିବା ପାଇଁ ସୁଯୋଗ ମିଳିଛି କିନ୍ତୁ ମୋର ଆପଣଙ୍କର ଗୁଣ କିର୍ତ୍ତନ କରିବାର କୌଣସି ଯୋଗ୍ୟତା ନାହିଁ କିନ୍ତୁ ଆପଣଙ୍କର କୃପା ହିଁ ମୋର ଭରସା । ଗୁରୁଦେବ ଆପଣ କୁହନ୍ତି କୃଷ୍ଣଙ୍କର କୃପାରେ ସଦ୍‌ଗୁରୁ ଲାଭ ହୁଏ ଏବଂ ସଦ୍‌ଗୁରୁଙ୍କ କୃପାରେ କୃଷ୍ଣଙ୍କୁ ପାଇହୁଏ । କୃଷ୍ଣ ବିଷୟ ବିଗ୍ରହ ଏବଂ ଗୁରୁଦେବ ଆଶ୍ରୟ ବିଗ୍ରହ । ଏହି ଆଶ୍ରୟ ବିଗ୍ରହ ଗୁରୁଦେବଙ୍କର ସେବା କଲେ ବା ଆନୁଗତ । ହେଲେ ବିଷୟ ବିଗ୍ରହ କୃଷ୍ଣଙ୍କର ସେବକ ହୋଇ ପାରିବ । ନୋହିଲେ କୃଷ୍ଣ ଭକ୍ତ ହୋଇପାରିବେ ନାହିଁ, ଏହା ନିରାଟ ସତ୍ୟ କଥା ।

ହେ ଗୁରୁଦେବ ଆପଣ ଶ୍ରୀମତୀ ରାଧାରାଣୀ ଓ ଶ୍ରୀ ଗୌରହରିଙ୍କର ପ୍ରୀୟଜନ ଏବଂ ଶ୍ରୀହରିଙ୍କର ଅଭିନ୍ନ ସ୍ୱରୂପ ଅଟନ୍ତି ଆପଣଙ୍କର ଏହି ଭୌତିକ ଜଗତରେ କୌଣସି କାର୍ଯ୍ୟ ନଥାଏ କିନ୍ତୁ ଆପଣ ଏହି ଭୌତିକ ଜଗତର ଯାଦୁକାରୀ ଲୀଳା ଦେଖି ଜୀବମାନଙ୍କୁ ଉଦ୍ଧାର କରିବା ପାଇଁ ଏହି ଜଗତରେ ଅବତିର୍ନ ହୋଇଥାନ୍ତି । ଶାସ୍ତ୍ରରେ କୁହାଯାଇଛି -

ଈଶ୍ୱରେର ଜନ୍ମତିଥି ଯେହେନ ପବିତ୍ର ।

ବୈଷ୍ଣବର ଜନ୍ମ ତିଥି ସେହେନ୍ ପବିତ୍ର ॥

ଭଗବାନଙ୍କର ଜନ୍ମତିଥି ଯେପରି ପବିତ୍ର ସେହିପରି ଗୁରୁଦେବଙ୍କର ଜନ୍ମ ତିଥିର ପବିତ୍ରତା ଅବର୍ଣ୍ଣନୀୟ ଅଟେ । ଯେପରି ଭଗବାନଙ୍କର ଗୁଣଗାଥା ଅନନ୍ତଦେବ ତାଙ୍କର ଅନନ୍ତ ମୁଖରେ ଗାନ କରିବାକୁ ଅସମର୍ଥ, ଠିକ୍ ସେହିପରି ମୁଁ ଆପଣଙ୍କର ଗୁଣଗାନ କରିବା ଏକ ବୃଥା ଅପଚେଷ୍ଟା ମାତ୍ର । ଆପଣଙ୍କ ବିଷୟରେ କହିବା ପାଇଁ ମୋର କୌଣସି ଯୋଗ୍ୟତା ନାହିଁ । ଶାସ୍ତ୍ରରେ କୁହାଯାଇଛି -

ଭଗବାନ ଶ୍ରୀହରି ନିଜ ପୂଜା ଅପେକ୍ଷା ଭକ୍ତର ପୂଜାକୁ ହିଁ ଅଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଭାଗବତରେ କୁହାଯାଇଛି - "ମଦ ଭକ୍ତା ପୂଜାଭ୍ୟଧିକା ସର୍ବଭୁତେଷୁ ମନ୍ମମତିଃ ।" ଅର୍ଥାତ୍ - ମୋର ପୂଜା ଅପେକ୍ଷା ମୋର ଭକ୍ତ ଗଣଙ୍କର ପୂଜା ଅଧିକ ଶ୍ରେଷ୍ଠ । ଏହା ଭାଗବତରେ ସ୍ୱୟଂ ଭଗବାନଙ୍କର ଉକ୍ତି ଅଟେ ଏ ସମ୍ବନ୍ଧରେ ଶ୍ରୀ ଶିବଜୀ ମଧ୍ୟ ପାର୍ବତୀଙ୍କୁ କହିଛନ୍ତି -

ଆରାଧନାଂ ସର୍ବେଷାଂ ବିଷ୍ଣୋଆରାଧନା ପରଂ ।

ତତ୍ ପରତରଂ ଦେବୀ ତଦୀୟାନଂ ସମର୍ଚ୍ଚନାମ୍ ॥

ଅର୍ଥାତ୍ - ହେ ଦେବୀ ଜଗତରେ ଯେତେ ଆରାଧନା ରହିଅଛି ତନ୍ମଧ୍ୟରେ ବିଷ୍ଣୁ ଆରାଧନା ସବୁଠାରୁ ଶ୍ରେଷ୍ଠ ଅଟେ । କିନ୍ତୁ ତା'ଠାରୁ ତାଙ୍କର ଭକ୍ତଗଣଙ୍କର ଆରାଧନା ପୂଜା ଅର୍ଚ୍ଚନା ଅଧିକ ଶ୍ରେଷ୍ଠ ଅଟେ । ହେ ଗୁରୁଦେବ ଆପଣ କୃପାକରି ମୋତେ ସଦାସର୍ବଦା ସେବାର ସୁଯୋଗ ପ୍ରଦାନ କରନ୍ତୁ । ମୋର ଯେପରି କୌଣସି କୁସଙ୍ଗ ନ ହୁଏ । ଯେପରି ଆପଣଙ୍କର ପାଦ ପଦ୍ମରୁ ବିଚ୍ୟୁତ ନ ହୁଏ । ଏହାହିଁ ମୋର ପାର୍ଥନା । ମୁଁ ଅଯୋଗ୍ୟ ହେଲେ ମଧ୍ୟ ଆପଣ ଅଯୋଗ୍ୟକୁ ଅଧିକ ଦୟା କରିଥାନ୍ତି । ଏହା ମୋର ଆସା ଏବଂ ଭରସା । ମୁଁ ଆପଣଙ୍କର ଦୟାର ପାର୍ଥୀ ହୋଇ ଆପଣଙ୍କର ସେବାରେ ଅଧିକତର ଲାଗି ରହିଥିବି, ଏହା ମୋର ପାଦପଦ୍ମରେ ପ୍ରାର୍ଥନା ।

ଯଦି ଜଣେ ଗୁରୁଙ୍କୁ ସନ୍ତୁଷ୍ଟ କରି ନାହାଁନ୍ତି ତେବେ ସେ ପ୍ରକୃତ ଜ୍ଞାନ ଲାଭ କରିପାରିବେ ନାହିଁ । ପ୍ରକୃତ ଜ୍ଞାନ ପ୍ରାପ୍ତି ନିମିତ ଶିଷ୍ୟ ବ୍ୟବହାରରେ ଗୁରୁ ସନ୍ତୁଷ୍ଟ ହେବା ଆବଶ୍ୟକ । ତେଣୁ ଶିଷ୍ୟ ଗୁରୁଙ୍କ ନିକଟରେ ପୂର୍ଣ୍ଣ ପ୍ରାଣରେ ଶରଣାଗତ ହେଲେ ଗୁରୁ ସନ୍ତୁଷ୍ଟ ହୁଅନ୍ତି । ଶରଣା ଗତିର ଅର୍ଥ -

"ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।"

ଗୁରୁଶକ୍ତି ହିଁ ନିର୍ଜୀବଠାରେ ଶକ୍ତି ସଂଚାର କରିଥାଏ । ବିପଥଗାମୀ ଜ୍ଞାନ ହୀନ ଶିଷ୍ୟ ଶିଷ୍ୟାମାନଙ୍କଠାରେ ଗୁରୁହିଁ କେବଳ ଆତ୍ମ ଶକ୍ତି ଜାଗ୍ରତ କରାଇଥାନ୍ତି । ଶିଷ୍ୟର ଅନ୍ତର ମଧ୍ୟରେ ଥିବା

ସମସ୍ତ କୁପ୍ରବୃତି କେବଳ ସଦ୍‌ଗୁରୁଙ୍କ ଦୀକ୍ଷା ସଂସ୍କାର ପ୍ରଦାନ ଦ୍ୱାରା ଦୂରୀଭୁତ ହୋଇଥାଏ । ଏପରିକି ଗୁରୁଙ୍କ କୃପା ଦିଗଦର୍ଶନ ବିନା ଜଣେ ଆଧାତ୍ମିକ ତଥା ଭଗବତ ସଫଳତା ପ୍ରାପ୍ତ ହେବା ବିରଳ । ଆଧାତ୍ମିକ ଶକ୍ତିକୁ ଜାଗ୍ରତ କରିବା ପାଇଁ ସର୍ବଦା ସଦ୍‌ଗୁରୁଙ୍କ ପାଦାଶ୍ରୟ ଏକାନ୍ତ ପ୍ରୟୋଜନ ଅଟେ ।

ହେ ଗୁରୁଦେବ ଯେତେବେଳେ ଜୀବର ଭୌତିକ ସଂସାର ବନ୍ଧନ କ୍ଷୟ ହୁଏ ସେତେବେଳେ ସେ ବ୍ୟକ୍ତି ଶୁଦ୍ଧ ଭକ୍ତଙ୍କର ସଙ୍ଗ ଲାଭର ସୁଯୋଗ ପାଏ । ଏ ପ୍ରକାର ସାଧୁଙ୍କର ସଙ୍ଗରୁ କୃଷ୍ଣରତି ଜାଗ୍ରତ ହୁଏ । ଅତଏବ ସୌଭାଗ୍ୟ କ୍ରମେ ଜୀବ ଭବସାଗର ପାରହେବାକୁ ବିବେଚିତ ହୁଏ ।

ଜୟ ଶ୍ରୀଲ ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ ମହାରାଜ କି ଜୟ, ଜୟ ଶ୍ରୀଲ ଗୌରଗୋବିନ୍ଦ ସ୍ୱାମୀ ମହାରାଜ କି ଜୟ, ଜୟ ଶ୍ରୀଲ ପ୍ରଭୁ ପାଦ ମହା ରାଜ କି ଜୟ, ଉପସ୍ଥିତ ସମସ୍ତ ଭକ୍ତ ବୃନ୍ଦକି ଜୟ ।

ଆପଣଙ୍କର ସେବକ

**କ୍ରୀଷ୍ଣାରାୟ ଦାସ**

•

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଲାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

**ପରମ ଆରାଧ୍ୟତମ ଶ୍ରୀଲ ଗୁରୁଦେବ !**

ଆଜି ଆପଣଙ୍କର ୭୨ ତମ ଶୁଭ ଆର୍ବିଭାବ ବ୍ୟାସପୂଜା ତିଥିରେ ଏ ଅଧମାଦାସୀ ଆପଣଙ୍କର ଚରଣ କମଳରେ ଶତକୋଟି ବିନମ୍ର ଦଣ୍ଡବତ ପ୍ରଣାମ ଜଣାଉଛି । ଉପସ୍ଥିତ ଥିବା ସମସ୍ତ ବୈଷ୍ଣବ ବୈଷ୍ଣବୀ, ଗୁରୁଭାଇ ଏବଂ ଗୁରଭଗ୍ନୀମାନଙ୍କୁ ମୋର କୋଟି କୋଟି ପ୍ରଣାମ ଜଣାଉଛି ।

ହେ ଗୁରୁଦେବ ! ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ଓଢ଼ଣଷଷ୍ଠୀ ଦିବସରେ ଆପଣ ଏ ଧରାଧାମକୁ ଓହ୍ଲାଇ ଆସିଲେ । ଆପଣଙ୍କର ସରଳତା, ଭକ୍ତି ପୂତ ସାଧନା ଏବଂ ପବିତ୍ର ହରିକଥା ମୋତେ ଭକ୍ତି ପଥରେ ଦୃଢ଼ ପଥିକ ହେବାକୁ ବହୁତ ଉତ୍ସାହିତ କଲା । ହେଲେ ଆପଣଙ୍କର କରୁଣା ବିନା ଏ ଅଧମା ଆଗକୁ ଆଗେଇ ପାରିବ ନାହିଁ । ହେ ଗୁରୁଦେବ ! ଆପଣ ପତିତପାବନ ଅଟନ୍ତି । ଆପଣଙ୍କର ପାଦପଦ୍ମ ବିନା ଏ ଭବ ସାଗରରୁ ପାରିହେବା ବହୁତ କଷ୍ଟକର ଅଟେ । ଯିଏ ଆପଣଙ୍କର ଦିବ୍ୟ ମୁଖ ନିସୃତ ବାଣୀକୁ ନିଜର ସର୍ବସ୍ୱ ବୋଲି ମାନିନିଏ ସେ ଅତି ସହଜରେ ସଂସାରରୁ ପାରି ହୋଇଯାଏ । ହେ ଗୁରୁଦେବ ! ଆପଣଙ୍କର ପ୍ରଥମ ଦର୍ଶନରେ ହିଁ ମୁଁ ମୋର ଗୌର ଗୋବିନ୍ଦ ସ୍ୱାମୀ ଗୁରୁ ମହାରାଜାଙ୍କୁ ପାଇଥିଲି । ସେହି ସମୟରେ ପ୍ରବଳ ଆନନ୍ଦ ସହ ଝରି ଯାଇଥିଲା ଅଜସ୍ର ଲୁହ । ଆପଣ ଯେତେବେଳେ ଭୁବନେଶ୍ୱରର ଶ୍ରୀ ଶ୍ରୀ କୃଷ୍ଣବଳରାମଙ୍କଠାରୁ ଫେରୁଥିଲେ ସେହି ସମୟରେ ମୁଁ ଆପଣଙ୍କର ନିକଟରେ ଉପସ୍ଥିତ ଥିଲି । ଆପଣଙ୍କର କୃପାଦୃଷ୍ଟି ଏ ହତଭାଗିନି ଉପରେ ପଡ଼ିଥିଲା । ଆପଣ ପଚାରିଥିଲେ "ତୁମାରା ନାମ କ୍ୟାୟ ହେ" ମୁଁ କେବଳ ଅବାକ୍ ହୋଇ ଚାହିଁ ରହିଥିଲି ।

ଆପଣଙ୍କର ପ୍ରଶ୍ନର କୌଣସି ଉତ୍ତର ଦେଇପାରିନଥିଲି । ତଥାପି ଆପଣ କୃପାକରି ଧରିଥିବା ଫୁଲ ତୋଡାଟିକୁ ମୋତେ ଦେଇଥିଲେ ଏବଂ ସ୍ମିତହାସ୍ୟ ଦେଇ ଚାଲିଗଲେ । କେତେ ହତଭାଗିନୀ ମୁଁ; ଆପଣ ମୋ ସମ୍ମୁଖରେ ଥିଲେ କିନ୍ତୁ ମୁଁ ଆପଣଙ୍କୁ ଚିହ୍ନି ପାରି ନ ଥିଲି । ତଥାପି ଆପଣ ନିଜର ଆଶୀର୍ବାଦ ମୋତେ ଦେଇ ଚାଲିଗଲେ । ଏହିପରି ଭାବରେ ଏ ଅଧମା ଦାସୀଙ୍କୁ ନିଜର ପାଦପଦ୍ମରେ ସ୍ଥାନ ଦିଅନ୍ତୁ । ଏହାହିଁ ମୋର ପ୍ରାର୍ଥନା ଏବଂ କାମନା ।

ଜୟ ଶ୍ରୀଲ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀ ଗୁରୁମହାରାଜ କି ଜୟ !

ଆପଣଙ୍କର ଅଧମାଦାସୀ

**ଶ୍ୟାମମୟୀ ଦେବୀଦାସୀ**

●

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଲାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

**ମୋର ପରମ ଆରାଧ୍ୟତମ ଶ୍ରୀଲ ଗୁରୁଦେବ !**

ଆଜି ଏହି ୭୨ତମ ବ୍ୟାସପୂଜା ତିଥିରେ ଏ ଅଧମର ଶତକୋଟି ପ୍ରଣାମ । ଏଠାରେ ଉପସ୍ଥିତ ଥିବା ସମସ୍ତ ବୈଷ୍ଣବ ଓ ବୈଷ୍ଣବୀ ଭକ୍ତମାନଙ୍କୁ ମୋର ଭକ୍ତିପୂତ ପ୍ରଣାମ । ଗୁରୁଦେବ ଆପଣଙ୍କ ଏହିଜନ୍ମ ତିଥି ବା ବ୍ୟାସପୂଜା ତିଥିରେ ଆପଣଙ୍କର କିଛି ଗୁଣଗାନ କରିବାକୁ ପ୍ରୟାସ କରିଛି । ହେଲେ ଆପଣ ଏ ଅଧମକୁ କିଛି କୃପା ପ୍ରଦାନ କରନ୍ତୁ । ବାଲି ଗରଡା ଯେପରି ପାହାଡ଼ର ଗୁଣଗାନ କରିପାରେନା କାରଣ ବାଲିଗରଡ଼ା ପାହାଡ଼ର ଏକ କ୍ଷୁଦ୍ରାଶଂ । ସେହିପରି ଆପଣ ମହାନ ମୁଁ ଆପଣଙ୍କ ପାଦ ପଦ୍ମର ଏକ ଧୂଳିକଣା ସଦୃଶ । ହେ ଗୁରୁଦେବ ଆପଣ କୃପା ପରବେଶ ହୋଇ ଏ ଅଧମକୁ କିଛି କୃପା ପ୍ରଦାନ କରନ୍ତୁ ଆପଣଙ୍କ ଗୁଣଗାନ କରିବା ପାଇଁ ।

ହେ ଗୁରୁଦେବ ଆପଣଙ୍କ ଭଳି ସାଧୁ ଏ ଧରାଧାମକୁ ଆସିବାର କୌଣସି ଉଦ୍ଦେଶ୍ୟ ନ ଥାଏ । ତଥାପି ଗୋଲକ ବୃନ୍ଦାବନରୁ ବିଷ୍ଣୁଙ୍କ ନିର୍ଦ୍ଦେଶରେ ଅବତରଣ କରନ୍ତି । କେବଳ ଆମ୍ଭମାନଙ୍କ ଭଳି ଅସଂଖ୍ୟ ପାପୀ ଓ କାମନା ବାସନା ରହିତ ଜୀବମାନଙ୍କୁ ଉଦ୍ଧାର କରିବା ପାଇଁ । ଆପଣ ବହୁ ଘାତ ପ୍ରତିଘାତ ଭିତରେ ଆମ୍ଭମାନଙ୍କ ଭଳି ବଦ୍ଧ ଜୀବକୁ ପାଦପଦ୍ମରେ ଆଶ୍ରୟ ଦେଇ ନର୍କର ଦ୍ୱାରରୁ ଉଦ୍ଧାର କରିଛନ୍ତି । ସେହିପରି ବିଜୟା ଦଶମୀ ତିଥିରେ ଅପ୍ରକଟ ଲୀଳାର ଏ ଅଧମ ଶିଷ୍ୟ, ଶିଷ୍ୟାମାନଙ୍କୁ ବୃନ୍ଦାବନ ଧାମ ଦର୍ଶନ କରିବାର ସୁଯୋଗ ପ୍ରଦାନ କରିଛନ୍ତି । ବୃନ୍ଦାବନର ବାହାରେ ରହୁଥିବା ଆପଣଙ୍କର ଶିଷ୍ୟ-ଶିଷ୍ୟାମାନେ ପ୍ରତ୍ୟେକ ବର୍ଷ ଆପଣଙ୍କର ସେହି ଅପ୍ରକଟ ଲୀଳାର ଅବସରରେ ବୃନ୍ଦାବନ ଯାତ୍ରାକରି ରାଧାକୁଣ୍ଡ ତଟସ୍ଥ ଗୋପାଳଜୀଉ ମନ୍ଦିରରେ ଆପଣଙ୍କୁ ଦର୍ଶନ କରିବା ସହିତ ଭଗବାନ୍ ଶ୍ରୀକୃଷ୍ଣଙ୍କର ସମସ୍ତ ଲୀଳାସ୍ଥଳ ଦର୍ଶନ କରିବାର ଅପୂର୍ବ ସୁଯୋଗ ପ୍ରାପ୍ତ ହେଉଛନ୍ତି ଓ ଗିରି ଗୋବର୍ଦ୍ଧନ ପରିକ୍ରମାକରି

କୃପା ପ୍ରାପ୍ତ ହେଉଛନ୍ତି । ହେ ଗୁରୁଦେବ ମୋଭଳି ଅଧମ ଜୀବର ଯାହା ଆଶା ଓ ବିଶ୍ୱାସର ଉର୍ଦ୍ଧରେ ତାହାକୁ ଖଣ୍ଡନ କରି ଗିରିଗୋବର୍ଦ୍ଧନ ଦଣ୍ଡବତ ପରିକ୍ରମା କରିବାପାଇଁ କୃପା ପ୍ରଦାନ କରିଛନ୍ତି । ହେ ଗୁରୁଦେବ ଆପଣଙ୍କ ଭଳି ଶୁଦ୍ଧ ସାଧୁ ଯେ ଭଗବାନଙ୍କର ନିଜ ଜନ ଏହା ଭାଗବତରେ ବର୍ଣ୍ଣିତ ହୋଇଛି ।

ସାଧବୋହୃଦୟଂ ମହ୍ୟଂ ସାଧୂନାଂ ହୃଦୟଂ ତ୍ୱ ଅହମ୍
ମଦନ୍ୟତ ତେ ନ ଜାଣନ୍ତି ନାହଂ ତେଭ୍ୟୋ ମନାଗପି । (ଭା ୯/୪/୬୮)

ଅନୁ - ଶୁଦ୍ଧ ଭକ୍ତ ସର୍ବଦା ମୋ ହୃଦୟରେ ଥାଆନ୍ତି ଏବଂ ମୁଁ ମଧ୍ୟ ସର୍ବଦା ଶୁଦ୍ଧ ଭକ୍ତଙ୍କ ହୃଦୟରେ ଥାଏ । ଭକ୍ତମାନେ ମୋତେ ଛାଡି ଆଉ କାହାକୁ ଜାଣନ୍ତି ନାହିଁ, ମୁଁ ମଧ୍ୟ ସେମାନଙ୍କୁ ଛାଡି ଅନ୍ୟ କିଛି ଜାଣେନାହିଁ । ଗୁରୁଦେବ ଆପଣ ଭଗବାନଙ୍କର ନିଜ ଜନ ଓ ଭଗବାନଙ୍କ ଶକ୍ତି ପ୍ରାପ୍ତ ହୋଇ ଆମ୍ଭମାନଙ୍କ ସମ୍ମୁଖରେ ଆବିର୍ଭୂତ ହୋଇଛନ୍ତି । ଗୁରୁହିଁ ସାକ୍ଷାତ ଭଗବାନ୍ । ଏହା ଚୈତନ୍ୟ ଚରିତାମୃତରେ ଉଲ୍ଲେଖ ଅଛି -

ଜୀବେ ସାକ୍ଷାତ୍ ନାହିଁ ତାତେ ଗୁରୁ ଚୈତ୍ତ ରୂପେ ।
ଶିକ୍ଷା ଗୁରୁ ହୟ କୃଷ୍ଣେ ମହାନ୍ତ ସ୍ୱରୂପେ ॥ ଚୈ. ଆ. ପ - ୪୮

ଅନୁ - ପରମାତ୍ମାଙ୍କ ଉପସ୍ଥିତି ଦୃଷ୍ଟିଗୋଚର ହେଉ ନ ଥିବାରୁ ସେ ଆମ୍ଭମାନଙ୍କ ସମ୍ମୁଖରେ ମୁକ୍ତ ପୁରୁଷ ଭକ୍ତ ରୂପେ ଆବିର୍ଭୂତ ହୁଅନ୍ତି । ଏହିପରି ଆଧ୍ୟାତ୍ମିକ ଗୁରୁ ସ୍ୱୟଂ କୃଷ୍ଣ ବ୍ୟତୀତ ଆଉ କେହି ନୁହଁନ୍ତି । ହେ ଗୁରୁଦେବ ଆପଣ ଏ ଅଧମ ଘୃଣ୍ୟ ଜୀବକୁ କୃପାକରି ସଂସାର ସାଗରରୁ ଉଦ୍ଧାର କରନ୍ତୁ । ଗୁରୁଦେବ ଆପଣ ନିତ୍ୟାନନ୍ଦ ପ୍ରଭୁଙ୍କର ପ୍ରକାଶ ବିଗ୍ରହ ଅଟନ୍ତି । ନିତ୍ୟାନନ୍ଦ ପ୍ରଭୁ କାହାରିକୁ ଘୃଣା କରି ନାହାଁନ୍ତି । ଏହା ଚୈତନ୍ୟ ଚରିତାମୃତରେ ଉଲ୍ଲେଖ ଅଛି ।

ଏ ମନ ନିର୍ଘୃଣ ମୋରେ କେବା କୃପାକରେ ।
ଏକ ନିତ୍ୟାନନ୍ଦ ବିନୁ ଜଗତ ଭିତରେ ॥ ଚୈ-ଆ-ପ. ୨୦୦୭
ପ୍ରେମେ ମତ୍ତ ନିତ୍ୟାନନ୍ଦ କୃପା ଅବତାର
ଉତ୍ତମ ଅଧମ କିଛୁ ନାକରେ ବିଚାର ॥ ପ - ୨୦୮

ଅନୁ - ମୋ ଭଳି ଘୃଣ୍ୟ ବ୍ୟକ୍ତି ପ୍ରତି ନିତ୍ୟାନନ୍ଦ ପ୍ରଭୁଙ୍କ ବ୍ୟତୀତ ଆଉ କିଏ ଜଗତ ଭିତରେ କୃପା କରି ପାରେ । ପ୍ରେମରେ ଉନ୍ମତ୍ତ ଏବଂ କରୁଣାର ଅବତାର ହୋଇ ଥିବାରୁ ଉତ୍ତମ, ଓ ଅଧମ ମଧ୍ୟରେ ସେ କୌଣସି ପାର୍ଥକ୍ୟ ଦେଖନ୍ତି ନାହିଁ । ଗୁରୁଦେବ ମୁଁ ଜଣେ ଅପରାଧୀ ଯାହା ଶାସ୍ତ୍ର ନିର୍ଦ୍ଦେଶ ଦେଇଛି ତାହା ମୁଁ ପାଳନ କରିପାରୁ ନାହିଁ । ଶାସ୍ତ୍ରରେ ନିର୍ଦ୍ଦେଶ ଅଛି ନାମ ଗ୍ରହଣ ସମୟରେ ଯାହାର ଚକ୍ଷୁରେ ଲୋତକ ଦେଖା ଯାଉନାହିଁ ସେ ହିଁ ଅପରାଧୀ ।

ହେନ କୃଷ୍ଣ ନାମ ।ଯଦି ଲୟ ବହୁବାର ଚୈ ଆ -
ତବୁ ଯଦି ପ୍ରେମନହେ, ନହେ ଅଶ୍ରୁଧାର ॥ ।ପ ୮-୨୯
ତବେ ଜାନି ଅପରାଧ ତାହାତେ ପ୍ରଚୁର ।
କୃଷ୍ଣ ନାମ ବୀଜ ପଦେ ନାକରେ ଅଙ୍କୁର ॥ ପ ୮-୩୦

ଜଣେ ବ୍ୟକ୍ତି ଜଦି ଭଗବାନଙ୍କର ପବିତ୍ର ନାମ (ସୁମଧୁର) ବାରମ୍ବାରଜପକରେ ,ବଂ ତଥାପି ପରମ ପୁରୁଷଙ୍କ ପ୍ରତି ତାର ପ୍ରେମ ଜାତ ନହୁଏ ଏବଂ ଚକ୍ଷୁରେ ଲୋତକ ଦେଖା ନ ଯାଏ ତେବେ ସେଥିରୁ ପ୍ରମାଣ ମିଳେ ଯେ ଜପ ସମୟରେ ଅପରାଧ କରୁଥିବାରୁ କୃଷ୍ଣଙ୍କର ପବିତ୍ର ନାମରେ ବୀଜ ଅଙ୍କୁରିତ ହେଉ ନାହିଁ । ହେ ଗୁରୁଦେବ ଆପଣ କୃପା କରନ୍ତୁ, ମୋର ଯେପରି ବିଷୟ ବାସନା ଦୂର ହୋଇ ଅପରାଧ ଶୂନ୍ୟ ହେବା ନାମ ଜପ କର ।

ଗୁରୁଦେବ କବେ ମୋର ସେହିଦିନ ହବେ

ମନସ୍ଥିର କରି ନିର୍ଜନେ ବସିଆ
କୃଷ୍ଣ ନାମ ଗାବ ଜବେ ।

ସଂସାର ଫୁକାର କାନେ ନା ପଶିବେ
ଦେହ ରୋଗ ଦୂରେ ରବେ ॥

ହରେ କୃଷ୍ଣ ବୋଲି ଗାଇତେ ଗାଇତେ
ନୟନେ ବାହିବେ ଲୋର ।

ଦେହେତେ ପୁଲକ ଉଦିତ ହଇବେ
ପ୍ରେମେତେ କରିବେ ଭୋର ॥

ଗଦ୍ ଗଦ୍ ବାଣୀ ମୁଖେ ବାହିରିବେ
କମ୍ପିବେ ଶରୀର ମମ ।

ଘର୍ମ ମୁହୁର୍ମୁହୁ ବିବର୍ଣ୍ଣ ହଇବେ
ସ୍ତମ୍ଭିତ ପ୍ରଳୟ ସମ ॥

ନିଷ୍କପଟ ହେନ ଦଶା କବେ ହବେ
ନିର୍ତର ନାମ ଗାବୋ ।

ଆବେଶେ ରହିଆ ଦେହ ଯାତ୍ରା କରି
ତୋମାର କରୁଣା ପାବୋ ॥

ଗୁରୁଦେବ କବେ ମୋର ସେହିଦିନ ହବେ..........

ଆପଣଙ୍କ ଚରଣାଶ୍ରିତ
**ନିମାଇଁ ଚନ୍ଦ ଦାସ**

●

ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଲାକୟା ।
ଚକ୍ଷୁରୁନ୍ମୀଲିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥
ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ ନିତି ନାମିନେ ॥

ପରମ ଆରାଧ୍ୟତମ ଶ୍ରୀଲ ଗୁରୁଦେବ !

ଆଜି ଆପଣଙ୍କର ୭୨ ତମ ଶୁଭ ଆର୍ବିଭାବ ତିଥିରେ ଏ ଦାସାନୁଦାସୀ ଆପଣଙ୍କ ପାଦପଦ୍ମରେ ଶତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି । ସମସ୍ତ ଗୁରୁଭ୍ରାତା ଓ ଗୁରୁଭଗ୍ନୀମାନଙ୍କୁ ମୋର ସାଦର ପ୍ରଣାମ ।

ଆଜି ପବିତ୍ର ଓଢ଼ଣ ଷଷ୍ଠୀ, ଏହି ତିଥିରେ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାମା'ଙ୍କୁ ଶୀତବସ୍ତ୍ର ଦିଆଯାଏ । ଏହି ତିଥିରେ ଆପଣ ଏ ଧରାଧାମକୁ ଆର୍ବିଭାବ ହୋଇଥିଲେ, ଆମ ଭଳି କେତେକ ପତିତ ଜୀବଙ୍କୁ ଉଦ୍ଧାର କରିବା ପାଇଁ ।

ମୋ ଭଳି ପତିତ ଆପଣଙ୍କର କି ଗୁଣ ଗାନ କରିପାରିବ । ସେମିତି ଶକ୍ତି ନାହିଁ ମୁଁ ଗୁରୁଦେବଙ୍କର ଗୁଣଗାନ କରିପାରିବି, ତଥାପି ମହାନ ବୈଷ୍ଣବଙ୍କର ଗୁଣକୀର୍ତ୍ତନ କରିବା ପ୍ରତ୍ୟେକ ଶିଷ୍ୟର କର୍ତ୍ତବ୍ୟ ।

ଗୁରୁଦେବ ଆପଣ ଏ ସଂସାର ସାଗରରୁ ଜଣେ ନାଉରୀ, ଯିଏ କି ଅତି ସହଜରେ ଆମମାନଙ୍କୁ ଉଦ୍ଧାର କରିପାରିବେ । ଆପଣ ଶ୍ରୀଲ ପ୍ରଭୁପାଦଙ୍କର ଜଣେ ଯୋଗ୍ୟତମ ଶିଷ୍ୟ, ସାରା ପୃଥିବୀରେ ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁଙ୍କର ଦିବ୍ୟଧ୍ୱନି ତରଙ୍ଗ ହରେକୃଷ୍ଣ ମହାମନ୍ତ୍ର ପ୍ରଚାର କରିଛନ୍ତି Scientific wayରେ ଗୁରୁଦେବଙ୍କର କୃପା ନ ହେଲେ କୌଣସି ଶିଷ୍ୟ ଭକ୍ତି ପଥରେ ଅଗ୍ରଗତି କରିପାରିବ ନାହିଁ ।

୨୦୦୫ ଡ଼ିସେମ୍ବର ମାସରେ ଆପଣ ବୃନ୍ଦାବନରେ ଭକ୍ତମାନଙ୍କ ସହିତ ଯେଉଁ ସଂକୀର୍ତ୍ତନ କରିଥିଲେ ତାହା ଭୁଲି ପାରୁନାହିଁ । ମୋର ନିଜର ଅନୁଭୂତିର କଥା କହୁଛି । ଯେତେବେଳେ ମୁଁ ଦୀକ୍ଷା ଗ୍ରହଣ କରି ନ ଥିଲି, ଗୁରୁଦେବଙ୍କୁ ଏହି ମନ୍ଦିରରେ ଦର୍ଶନ କରିଥିଲି, ସେତେବେଳେ କୃଷ୍ଣଗତି ପ୍ରଭୁ President ଥିଲେ, ମୁଁ ତାଙ୍କୁ ସାକ୍ଷାତ କରି ଦୀକ୍ଷାନେବି କହିଲି ସେ କହିଲେ Unmarried Ladyଙ୍କୁ ଦୀକ୍ଷାର ବ୍ୟବସ୍ଥା କରିବୁ ନାହିଁ, ମୁଁ ମନ ଦୁଃଖରେ ଫେରିଗଲି, ଗୁରୁଦେବେ ଅର୍ନ୍ତଯ୍ୟାମୀ ସେ ଜାଣି ପାରିଲେ ।

ତାପରେ ବୃନ୍ଦାବନରେ ଗୁରୁଦେବଙ୍କର ବ୍ୟାସପୂଜା ଉତ୍ସବ ହେବ ତାହା ମୁଁ ଜାଣି ନଥିଲି କିନ୍ତୁ ମୋତେ ରାତ୍ରିରେ ସ୍ୱପ୍ନରେ ଅଦ୍ୱୈତ ଆଚାର୍ଯ୍ୟ ପ୍ରଭୁ କହୁଛନ୍ତି ତୁମେ ଦୀକ୍ଷା ନେବ; ମୁଁ କହିଲି ନା ପ୍ରଭୁ ମୁଁ ବୃନ୍ଦାବନରୁ ଦୀକ୍ଷା ନେବି ସେ ପ୍ରଭୁ କହୁଛନ୍ତି ।

ଯେତେବେଳେ ଦୀକ୍ଷା ପାଇଁ Recomondation ଆବଶ୍ୟକ; ତେଣୁ ଶରତପୂର୍ଣ୍ଣିମା ପ୍ରଭୁ Recomand କରିବାକୁ ଅକିଞ୍ଚନ ପ୍ରଭୁଙ୍କୁ କହିଲେ, ତାପରେ ମୁଁ ବୃନ୍ଦାବନ ଯାଇ ଦୀକ୍ଷା ନେଲି; କିନ୍ତୁ ସ୍ୱପ୍ନ ଯେଉଁ ପ୍ରଭୁମାନଙ୍କୁ ଦେଖିଥିଲି, ସେହିମାନେ ହିଁ ମୋର ଦୀକ୍ଷାର ଆୟୋଜନ କରିଥିଲେ, ମୋତେ ଆଶ୍ଚର୍ଯ୍ୟ ଲାଗିଲା । ଏମିତି କେମିତି ହେଲା, ଏହା ମୋତେ Miracle ପରି ଲାଗିଲା ।

ମୋର ହୃଦୟ ବ୍ୟାକୁଳତା ଥିଲା ତାହା ଗୁରୁଦେବ ଜାରିପାରିଲ, ତେଣୁ ବ୍ୟବସ୍ଥା କରିଦେଲେ ପ୍ରତ୍ୟେକ ମୁହୂର୍ତ୍ତରେ ସେ ମୋତେ ବହୁ ବିପଦରୁ ଉଦ୍ଧାର କରୁଛନ୍ତି, ମୁଁ ଅନୁଭବ କରିଛି,

ହେ ଗୁରୁଦେବ ! ଆପଣଙ୍କ ଏ ଅଧମ ଉପରେ କୃପା ନ କରିଲେ, ବଞ୍ଚିପାରିବି ନାହିଁ । ଆପଣଙ୍କର ଏହି ବ୍ୟାସପୂଜାରେ ଏତିକି ପ୍ରାର୍ଥନା ଆପଣଙ୍କର ପାଦପଦ୍ମରେ ଜନ୍ମ ଜନ୍ମାନ୍ତରର ମୋର ଗୁରୁ ହୋଇ ଆସନ୍ତୁ । ମୋତେ କୃଷ୍ଣ ଭକ୍ତି ପ୍ରଦାନ କରନ୍ତୁ । ଭକ୍ତି ସଙ୍ଗରେ ସର୍ବଦା ଭଜନ, କୀର୍ତ୍ତନ, ହରିକଥା ଶ୍ରବଣରେ ମୋର ଦିନଗୁଡିକ ବିତିଯାଉ, ହେ ଗୁରୁବେ ଦୟାମୟ, ଏ ଅଧମାର ସମସ୍ତ ଦୋଷ ଓ ଅପରାଧକୁ କ୍ଷମା କରିବେ ।

ଜୟ ଶ୍ରୀଲ ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ ଗୁରୁ ମହାରାଜ କି, ଜୟ ଶ୍ରୀଲ ପ୍ରଭୁପାଦଙ୍କି ଜୟ ।

ଆପଣଙ୍କର ଅଧମାଶିଷ୍ୟା

**ଆରାଧନା ଦେବୀ ଦାସୀ**

•

*ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।*
*ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥*
*ନମ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ ।*
*ଶ୍ରୀମତେ ଭକ୍ତିସ୍ୱରୂପ ଦାମୋଦର ସ୍ୱାମୀନିତି ନାମିନେ ॥*

ପରମ ପୂଜ୍ୟ ଶ୍ରୀଲ ଗୁରୁଦେବ!

ଆଜି ଆପଣଙ୍କର ଏହି ଶୁଭ ଆବିର୍ଭାବ ତିଥିରେ ଏ ଅଧମ ଦାସ ଆପଣଙ୍କର ପାଦପଦ୍ମରେ ଶତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି । ଉପସ୍ଥିତ ଗୁରୁଭ୍ରାତା ଓ ଗୁରୁ ଭଉଣୀମାନଙ୍କୁ ଏ ଅଧମ ଦାସର ପ୍ରଣାମ । ଗୁରୁଦେବ ଆପଣଙ୍କର ଏହି ଶୁଭ ଆବିର୍ଭାବ ତିଥିରେ ଏ ଦୀନ ଦାସ ଆପଣଙ୍କର ଦିବା ଗୁଣ କୀର୍ତ୍ତନ କରିବାପାଇଁ ସମ୍ପୂର୍ଣ୍ଣ ଅକ୍ଷମ ଆପଣ କୃପାକଲେ କିଞ୍ଚିତ ଗାନ କରିବି ।

ଗୁରୁଦେବ!

କବେ ମୋର ସେଇ ଦିନ ହବେ ।
ମନ ସ୍ଥିର କରି ନିର୍ଜନେ ବସିୟା
କୃଷ୍ଣନାମ ଗାବ ଯବେ ।

ସଂସାର-ଫୁତ୍କାର କାନେ ନା ପଶିବେ
ଦେହ-ରୋଗ ଦୂରେ ରବେ ॥୧॥
ହରେ କୃଷ୍ଣ ବଲି ଗାଇତେ ଗାଇତେ,
ନୟନେ ବହିବେ ଲୋର
ଦେହେତେ ପୁଲକ, ଉଦିତ ହଇବେ,
ପ୍ରେମେତେ କରିବେ ଭୋର ॥୨॥
ଗଦ ଗଦ ବାଣୀ, ମୁଖେ ବାହିରିବେ,
କାପିବେ ଶରୀର ମମ
ଘର୍ମ ମୁହୁର୍ମୁହୁଃ ବିବର୍ଣ୍ଣ ହଇବେ
ସ୍ତମ୍ଭିତ ପ୍ରଳୟ ସମ ॥୩॥
ନିଷ୍କପଟେ ହେନ ଦଶା ହ'ବେ କବେ
ନିରନ୍ତର ନାମ ଗାବ
ଆବେଶେ ରହିୟାଁ ଦେହଯାତ୍ରା କରି
ତୋମାର କରୁଣା ପାବ ॥୪॥
ଜୟ ପତିତ ପାବନ ପରମ ଆରାଧ୍ୟତମ ଶ୍ରୀଲ
ଗୁରୁଦେବଙ୍କି ଜୟ

ଆପଣଙ୍କର ଅଯୋଗ୍ୟ ଦାସ
**ରାଧାବଲ୍ଲଭ ଦାସ**

# English Section



Oṁ ajñāna-timirāndhasya jñānājana Śalākayā

Cakṣur unmilitaṁ yena tasmai Sri: gurave namaḥ

Namah oṁ Visṇu-pādāya kṛṣṇa-preṣṭhāya bhūtale

Srimate Bhati swarupa Dāmodara Swāmin iti nāmine.

Parampujya Gurudeva

I offer my humble respect upto your divine lotus feet. All glories to you on this most auspicious day of your Vyasa Puja. I also pay me reyards to all the god brothers, god sisters adn other respectable persons. I don't have any knowledge to glorify your divine qualitees. I beg you to forgive me for all my offenses due to my ignorance.

Your full mercy like an ocean. You are the perfect example of the spiritual father to whom I was always dreaming. I am most unqulified to practice this spritual life. But everything is possible by your mercy.

O Gurudev I am degraded soul. I have no strength to over come maya. I am in a precarious condition. Your lotus feet are my only shelter, which are the asset of fallen souls like me. Being helpless, I am always crying for your krpa.

Jay Srila Bhakti Srarupa Damodara Swami Guru Maharaja Ki jay.

Your Dasanudasi

Souvagya Salini Devi Dasi

•

*Om ajnana-timirandhasya jnananjana salakaya*
*Caksur unmilitam yena tasmai sri gurave namah*
*Nama om visnu-padaya krsna-presthaya bhu-tale*
*Srimate bhakti svarupa damodara svamin iti namine*

**Most revered Srila Gurudev,**

Kindly accept my prostrated obeisances at your lotus feet. All glories to Sri Guru and Gouranga. All glories to Srila Prabhupad

Today the 23rd November 2009 is the 72nd appearance day of your holiness. This day is an auspicious day for me and for all the disciples all over the globe who have taken shelter at your lotus feet. Though you are not now physically available to us you are always there at our mental plane. So whenever I remember you your figure flashes before my eyes. It is a fact that we are debarred of your physical association and nice kirtan but in this electronics days we are seeing you in T.V. and other media through cassettes, C.D. and VCD etc in animation form talking singing and doing kirtan. At that time we can not believe our eyes that you are no more in this material plane. Gurudev while I was at Gadeigiri Sri Sri Radha Gopal Jew Temple incharge for about three years. I had the opportunity to have your divine association thrice for 2/3 days each time. The Temple devotees as well as congregational devotees, though a few in number were also delighted to have your darsan and take part in your ecstatic kirtan. You were too simple and always cheerful. Later on some people of that area became your disciple. I was fortunate to serve you there though for a very short spell of time. Here in Bhubaneswar also you were kind enough to give me a particular seva i.e. I used to receive you at airport while coming and to book your luggage etc at the time of your departure. In the Airport lounge you used to enquire about each and every devotee present there to see you off. Your smiling face & sweet words attracted the devotees.

Gurudev you remained a Brahmachari during your life time and were commanding respect from all quarters as a Brahmachari Sanyasi and Guru. As a G.B.C. and Guru of ISKCON, Bhubaneswar, though you could not give much more time for this centre yet you could make time to come three four times a year to Bhubaneswar centre to give scope to the devotees and Badha jibas to do Nama Kirtan with you. Although you have no kith and kin of your own previous Ashram you created quite a good number of disciple sons and daughters whom you are taking care of as an affectionate spiritual father.

Besides being a pure and affectioned Sadhu you were a scientist of world repute Srila Prabhupad was very very happy to have you as his disciple.

**Srila Prabhupad said :-**

1. "Svarupa Damodara must be the best candidate. Others, what they'll know about it? All other Ph.D's they are simply rubber stamped. Actually they have no knowledge. Svarupa Damodar has solid knowledge. He has learned from us. Therefore, he's writing all these books. He has rejected his so-called scientific knowledge is bogus, it has no solid background.
2. We have got a great mission. You are one of the strong pillars of the mission. Be fully strong to push on this cult amongst the educated scientific circle. When you present more scientifically they will be convinced".
3. It a scientist proves Krishna's supremacy by scientific law, thus his knowledge in science is perfect".

Sriman Mahaprabhu in his sikhyastakam has stated.

*"Trunadapi Sunichena Taroriba Sahisnuna*
*Amanina Manadena Kirtaniya Sadahari"*

Gurudev, you showed it in your practical life as a pure Baishmaba. Although you were a world famous scientist and a Baishnaba Sadhu of high order you did not have pride and anger. You were very very simple and calling the disciples by name in sweet voice. When you come to Bhubaneswar you used to call "Baikuntha how are you. How is your Mataji? Three years back when you came to this Temple Mataji wrote a letter to you praying for your mercy to come round. You went through the letter and at the time of your departure for Burla before boarding the car your holiness told me "Tell your Mataji I will pray for her". This Guru Krupa is enough for a disciple. These very words were so sweet and attractive I could not but dragged towards your lotus feet and offer dandabat pranam often remembering you. You are an epitome of divine qualities

*Sarba Mahagunagana Baisnaba sharire.*

I being a conditioned soul how can I judge your divine qualities. Only as a Baishnaba Guru I bow down my head at your Lotus feet and beg your mercy on this sacred day of your holly appearance day in this plane. I am surrendering myself at your lotus feet, please take care of me and make me a speak of dust at your lotus feet.

*"Sudhabhakat Charana Renu*
*Bhajana Anukula*
*Bhakat seva Parama Sidhi*
*premaLatikar Mula"*

Jaya Srila Bhakti Swarup Damodar Maharaj Ki Jai
Vyasa Puja Mahamahotsava Ki Jai.

Yours most fallen servant.

**Baikunatha Das**

•

*Om ajnana timirandhasya jnananjana salakaya*
*Caksur unmilitam yena tasmai sri gurave namah*
*Nama om visnu padaya krsna presthaya bhutale*
*Srimate vaktisvarupa Damodara swamin iti namine*

**Most respectful and venerable Guru Maharaj,**

Today 23rd November 2009. The most auspicious occasion and remarkable day of Sri Jagannath Odhana Sasthi Tithi and it is also remarkable day for us that it is your holy 72nd divine appearance day, Vyasapuja and I am very happy to have a chance to present this offering on this auspicious occasion of Vyasapuja,.please accept my humble obeisance in the dust of your lotus feet, which carries the power of purifying the three worlds, let me be permitted to surrender fully on to your lotus feet. I offer my heartiest respectful obeisance to my spiritual master who is very dear to the all powerful supreme personality of God Head. By hearing your ultimate qualities any

one in this age of Kali can be free from the cycle of birth and death. Oh Gurudev you are like a shining jewel decorating mother earth or like a splendid moon shining in this material world. My dear Gurudev, you descended here by Srimati Bhaktidevi Radharani to give us Krisna-Prema-Bhakti because you are an ocean of transcendental mercy. I never forget the day, the 15th September 1996 you initiating me and gave relief from this great sins of material world, by giving the name Radhakanta. You gave me abundantly the requirement of the soul, feeding the bird in the cage of the miserable body. Srimad Bhagabat explains that with associate of a pure sadhu anyone can come into the real life:-

*Bramhanda bhramite kona bhagyaban jiva*
*Guru krsna prasade paya Bhakti-lata bija*

Likewise :

*Koti jnani-Madhya haya eka jana mukta*
*Koti mukta-madhye durlabha eka krsna bhakta*

By association with such a pure vaishnava, conditioned souls are able to understand the nature of self surrender and fully take shelter at the lotus feet of that Vaishnava Guru and Krisna. Bhaktivinoda Thakura says- "A Vaishnava can be recognized by his ability to convert many fallen souls to Vaishnavism". Prabhupada wrote in SB 3.22.6- Lord Chaitanya says that one should always try to associate with saintly persons because if one establishes a perfect association with a saintly person even for a moment, one attains all perfection, somehow or other, if one meets a saintly person and achieves his favor, then entire mission of one's human life is full-filled. What is not possible to achieve in thousands of lives can be achieved in one moment if there is an opportunity to meet a saintly persons "likewise our beloved Gurudev Goura Govinda Swami Guru Maharaj does teach us how to make Krsna Bhajana with pure devotion and give the pure vibration of premanama Sankirtan by chanting the Hare Krishna Mahamantra, the true

method of Radha-Krishna Sankirtan. You have the ability- to teach persons like me, the most neglected soul of this material world, how to achieve the highest perfection of human life with your powerful weapons, sastra Hari bhajana. Bhakti stand supreme above all. That Bhakti is the only way to approach the lotus feet of Krsna. I pray to you again and over again, please engage me as you like. Please purify my heart & soul, by which I can sincerely say, "I am yours and shall serve you without any material motivation. Life after life I desire your company. You are intimate friend of Srimati Radharani, you are embodiment of the heart and soul of Krsna-Katha. You are magnificent ornament of this material world. The words emanating from your lotus mouth are the ultimate ocean of Krsna Katha- or Krsna prema. When I will dive deep into that ocean and collect the most valuable jewels of Sri Gouranga which is non but Sri Sri Radha Madhab-Gopal. I beg for your causeless drop of mercy. It means one can develop pure love for Radhakrsna. In this connection every pankti of Shikhya-stakam is praise worthy. Among them:

*Na dhanam na janam na sundarim kabitam ba jagadisakamaye.*
*Mama Janmani Janmanisware bhabatad bhakti rahai tuki tvyi.*

You have such wonderful merciful personality. Your heart is an endless river folding its banks with love and compassion. Krisna has given you the ocean of mercy and you have descended here to distribute it to such fallen destitute as myself. Your mercy is causeless and knows no bounds.

In the mean while we have observed your 72th Vyasapuja, 3rd disappearance day and 9 years new years welcome festival at Srikhetra Puri. Gurudev, You passed away. It is a great loss not only to me but also to ISKCON organization as a whole. By your mercy we had achieved so many things. We require more blessing and mercy by which we have to achieve more. In the current year EIDC, ICC and RGB meeting at Puri on 8th November to 12th November 2009 where I was also invited to attend the same. H.H. Purusottam Swami announced that Radhakanta did his service perfectly. He did more what I expected. In this meeting some of the attended members known me earlier. Those who had not known me asked, you are who's

disciple? Immediately I replied Sripad Maharaj, Gurudev. All become happy and make a good clap. I am thinking that you are always in your room at ISKCON, Bhubaneswar and advising us to do more. In this way ISKCON will be glorified if your blessing is with us.

At last I conclude my devotional offering with the speech of late Gurudev Goura Govinda Swami Guru Maharaj that "one who Chants the Hare-Krishna Maha-Mantra purely, he automatically becomes humble. You are more humble then a blade of glass, offering your respect to everyone. You have fully realized the verse:-

*"trinadapi Sunichena Taroriba Sahisnuna*
*Amanina Manadena Kirtaniya Sada Hari."*

You wear this verse as a garland around your neck. You are more tolerant than a tree. Please excuse me. I don't know how to worship you, like such a dear devotee of Mahaprabhu. Krishna sees you as greater than Himself-

And on this great auspicious day of your holy appearance I beg to offer my hearty sincere prayer at the divine lotus feet of their Lordships Sri Sri Krishna-Balaram, Sri Sri Goura-Nitai, Sri Sri Jagannath, Baladev, Subhadra Devi, Sri Sri Gopinath and their ever blessed and ever glittered divine child. His divine grace A.C. Bhaktivedanta Swami Prabhupada to give you power by which your blessing continue to us to render more service to Guru and Gouranga apart from the clutch of maya in this age of Kali.

All glories to you O Gurudev,
All glories to you O Saviour,
All glories to you O Father,
Happy Birthday.
Hare Krsna Hare Krsna Krsna Krsna Hare Hare
Hare Rama Hare Rama Rama Rama Hare Hare.

Your neglected fallen servant
**Radhakanta Dasadhikari**

•

**Oṁ ajñāna-timirāndhasya jñānāñjana śalākayā**
**Cakṣur unmīlitaṁ yena tasmai śri gurave namaḥ**

I offer my prospated obeisance's at the lotus feet of Srila Gurudeva, Srila Prabhupad and all the assembled vaisnavas. By the grace of Srila Gurudeva I am going to Bali, Indonesia, where the international Vyasa Puja is being celebrated this year. Many times Srila Gurudeva Spoke about his visit to Bali. So, for the first time I shall have the opportunity to visit that place and here about his pastimes there.

Srila Gurudev was preaching Krisna Consciousness giving emphasis on science and how to make a synthesis of Science and religion. With his grace though I have no qualification I had the opportunity to speak krisna consciousness at so many places.

Sunday Programme is being celebrated in most of the centres of ISKCON. Some observe it every week. Some once a week. In ISKCON Cuttack, 1st Sunday. Bahanaga, 2nd Sunday, Ankuspur, Berhampur, 3rd Sunday and at Burala every Sunday. Through the grace of Gurudeva I was given the privilege to speak krisna consciousness in all the above centres sometimes. There is a request to preach krsna consciousness in some of the centres though I am not able to fulfill their request. But whatever little appreciation. I received the real credit goes to Srila Gurudev. Astha Lord states in Srimad Bhagabat Gita

Tasmāt tvam uttistha yasa labhasva
Jitvī satrun bhunksva rajyam Samrddham
Mayaivaite nihatāh purvam eve
Nimitta matram bhava savya sacin B.G. 11/33

Therefore get up prepare to Sight and win glory, conquer your enemies and enjoy a flourishing kingdom. They are already put to death by my arrangement and you, O savyasaci, can be but an instrument in the fight. Similarly all the appreciation I have received belong to you . You have made me an instrument in preaching you Krsna consciousness. You have received the real mercy of Srila Prabhupada, your revened Gurudeva to preach Krsna consciousness especially to the scientists. It was stated by Srila Sukadeva Goswami

Pracoditā yena purā sarasvati
Vitanvatā ajasya satim Smrutim hrudi
Snalaksyanā produrabhut kilesyatah
Sa me rsinā rsabhah prasidatām. S.B. 2/4/22

Just like you, oh lord, have imported the knowledge to brhama and the reveled knowledge appeared as Sarasvati in the mouth of Brahma , similarly sukadeva Goswami prays to the lord to import knowledge to him. In its purport Srila Prabhupada says there is a gulf of difference between the two qualities of sound, namely prakrutta and aprakrtta the physicist can deal with only the prakrta sound or sound vibrated in the material sky and therefore we must know that the vedic sound recorded in symbolic expressions cannot be understood by anyone with in the universe unless and until one is inspired by the vibration of supernatural (aprakrta) sound which descends in the chain of disciplic succession from the Lord to Brahma to Narada from Nareda to vyasa and so on . So you were expert in those aprakrta sounds being inspired in the disciplic succession from Srila Prabhupada to import that knowledge to the Scientists all over the world. On this auspicious occasion I beg for your mercy to serve your lotus feet life effer life.

All glories to Srila Gurudeva
All glories to Srila Prabhupada
All glories to assembled vairnava

Your fallen servant
**Padaseva Das**

●

*Om ajnana timirandhasya jnananjana salakaya*
*Caksur unmilitam yena tasmai sri gurave namah*
*Nama om visnu padaya krsna prestaya bhutale*
*Srimate vaktisvarupa Damodara swamin iti namine*

Dear Guru Maharaj,

Please accept my humble obeisances at your lotus feet. Kindly bless me that I can glorify on his most auspicious event of your divine appearance as I am totally unqualified to do so. By Krishna's grace I came in contact with you some years back. The sastra is said, by the mercy of Krishna one gets a grace and by the mercy of grace one gets Krishna then thanks to the all attractive supreme personality of Godhead Sri Krishna and his beloved consent Srimati Radharani they have kindly sent you to us. Guru Maharaj your appearance in the Vaisnava state of Manipur a far of mountainous region. Your education in the united states and your meeting with Srila Prabhupad there are all by divine arrangement. It is all settled by the inconvenience potency of the lore. Your appearance in Manipur as a Vsishnab scientist is again most significant. We are actually very proud of being your disciples by your perfect Vaisnava philosophy. You have cut down the pride of unwanted unauthorized anty Vaishnavas parties and through scientific knowledge you have won the health of the materialistic schools of the region. So this combination is refitting calling you. "The savior of the Manipur, there are a lot of qualities which I may not be able to glorify. Your position as a perfect vaishnava has also been certificated by his Divine Grace Gour Govinda Swami. He was a

Paramhansa exemplary disciple of his Divine Grace A.C. Bhaktivedanta Swami Prabhupada. He has especially selected you to care for his young budding disciples. He left them in your hands. These are all due to your divine personality in the mission of Srila Prabhupada. So you are a Paramhansa Achariy known for your simplicity tolerance and humility.

Gurudev face is always smiling so it is easily attractive to his disciple.

Your divine instruction non different from you but unfortunately I do not have the quality to serve you properly. I had to glorify and carry out my appropriate task to the extent of your satisfaction.

*"Krupallu, akṛta-droha, satya-sara sama*
*Nidosa, vadanya, mṛdu, suci, akincana*
*Sarvopakaraka, santa, krsnaika-sarana*
*Akama, ahims, sthira, vijita-sad-guna*
*Mita-bhuk, apramtta, manada, amani*
*Gambhira, karuna, maitra, kavi, daksa, mauni*

"Devotees are always merciful, humble, truthful, equal to all, faultless, magnanimous, mild and clean. They are without material possessions and they perform welfare work for everyone. They are peaceful, surrendered to Krishna and desireless. They are indifferent to material acquisitions and are fixed in devotional service They completely control the six bad qualities – lust, anger, greed and so forth. They eat only as much as required and they are not inebriated. They are respectful, grave, compassionate -and without false prestige. They are friendly, poetic, expert and silent." C.C. Madhya—lila- 27-78-80

On proper understanding of all twenty six transcendental qualities possessed by Srila Sripad, I fail to find any scope for giving any negative remarks against any of the said qualities. There are concerete examples in support of the possession of so many qualities of such a great soul like Srila Sripad.

(a) You are very merciful
(b) You are truthful
(c) You are a poet
(d) You observe silence

For example Guru Maharaj a poet.


(1) He is the like of Radhika
The Lord of the Gopis
The reservoir of Prema Bhakti
His name is Sri Krishna (1)

(2) Says the sastra
In the age of Kali
Chanting the name of Hari

Hare Krishna Hare Krishna Krishna Krishna Hare Hare
Hare Ram Hare Ram Ram Ram Hare Hare

Kindly give me your blessing that I can absorb my mind in your instructions and always have the associationof devotees and allow me to serve your lotus feet birth after birth.

Your unworthy servant
**Krishna Purohit Das**



" ....there is no conflict between science and religion to the Vedantist. A brilliant scientist can also be a devout religious person like Pasteur or Planck."

*- H.H. Bhaktisvarupa Damodara Swami Maharaj*